



- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-246 ◆TUESDAY ◆03 MARCH 2026 ◆PAGE-12 ◆₹ 7.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୨୪୬ ◆ମଙ୍ଗଳବାର ◆୦୩ ମାର୍ଚ୍ଚ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


# ଭୟଙ୍କର ଯୁଦ୍ଧ

## ୧୭ ଦେଶ ଉପରେ ଇରାନର ଆକ୍ରମଣ ■ ଥରୁଛି ଦୁବାଇ, ଦୋହା, ଆବୁଧାବୀ



### ଆୟାତୁଲ୍ଲା ଅଲିରେଜା ମୃତ!

ନୂଆଦିଲ୍ଲୀ, ୨।୩(ଏଜେନ୍ସି): ଇରାନ ସର୍ବୋଚ୍ଚ ନେତା ଆୟାତୁଲ୍ଲା ଅଲି ଖାମେନେଇଙ୍କ ମୃତ୍ୟୁ ପରେ ତାଙ୍କ ସ୍ଥାନ ନେଇଥିବା ଅନ୍ତରୀଣ ସର୍ବୋଚ୍ଚ ନେତା ଆୟାତୁଲ୍ଲା ଅଲିରେଜା ଆରାଫିଙ୍କୁ ନେଇ ସସ୍ପେନ୍ସ ଜାରି ରହିଛି। ଆମେରିକା-ଇସ୍ରାଏଲ ଏୟାର ଷ୍ଟ୍ରାଇକ୍‌ରେ ସେ ପ୍ରାଣ ହରାଇଥିବା ନେଇ ଚର୍ଚ୍ଚା ଜୋର ଧରିଛି। ତେବେ ଏହି ଖବରକୁ ନେଇ ଏପର୍ଯ୍ୟନ୍ତ କୌଣସି ସ୍ପଷ୍ଟୀକରଣ ମିଳିନାହିଁ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏକ ସାକ୍ଷାତକାରରେ କହିଛନ୍ତି ଯେ, ଶନିବାର ହୋଇଥିବା ଆକ୍ରମଣ ଏତେ ସଫଳ ଥିଲା ଯେ ଏଥିରେ ଇରାନର ସର୍ବୋଚ୍ଚ ନେତା ହେବାକୁ ଥିବା ପ୍ରାୟ ସମସ୍ତ ସମ୍ଭାବ୍ୟ ପ୍ରାର୍ଥୀ ପ୍ରାଣ ହରାଇଛନ୍ତି। ଆମେ ଯେଉଁମାନଙ୍କ କଥା ଭାବୁଥିଲୁ, ସେମାନେ ▶ପୃଷ୍ଠା-୭



■ ତେହରାନ, ୨।୩ (ଏଜେନ୍ସି): ଇରାନ, ଇସ୍ରାଏଲ ଏବଂ ଆମେରିକା ମଧ୍ୟରେ ଚାଲିଥିବା ଯୁଦ୍ଧ ତୃତୀୟ ଦିନରେ ଆହୁରି ଭୟଙ୍କର ରୂପ ଧାରଣ କରିଛି। ଇରାନ ରକ୍ତମୁଖା ହୋଇ ସମ୍ପୂର୍ଣ୍ଣ ମଧ୍ୟପ୍ରାଚ୍ୟ ଉପରେ ଆକ୍ରମଣ ଚଳାଇଛି। ଏହି ଆକ୍ରମଣରେ ଇରାନକୁ ଆତଙ୍କବାଦୀ ଗୋଷ୍ଠୀ ମଧ୍ୟ ସମର୍ଥନ ଦେଇଛନ୍ତି। ଏହା ଯୁଦ୍ଧର ପରିସରକୁ ବଢ଼ାଇ ଦେଇଛି। କୁଏତ ଘାଟୀରୁ ଉଡ଼ାଣ ଆରମ୍ଭ କରୁଥିବା ଆମେରିକାର ଅନେକ ଯୁଦ୍ଧ ବିମାନକୁ ଇରାନ ଡ୍ରୋନ ଏବଂ କ୍ଷେପଣାସ୍ତ୍ର ମାଡ଼ କରି ଧ୍ୱଂସ କରିଦେଇଛି। ପରେ ସାଉଦି ଆରବର ତୈଳ ଠିକଣାରେ ଆକ୍ରମଣ କରିଛି। ଏହି ଆକ୍ରମଣରେ ସାଉଦିର ତନୁରା ରିଫାଇନାରିକୁ ନିଶାଣ କରାଯାଇଛି। ଏଠାରୁ ହିଁ ଆରାମକୋ କମ୍ପାନୀ ପରିଚାଳିତ ହୋଇଥାଏ। ଏହି ଆକ୍ରମଣ ବିଶ୍ୱର ତୈଳ ବଜାରକୁ ଅସ୍ଥିର କରିଦେଇଛି। ତୁର୍କୀ, କାତାର ଭଳି ଦେଶରେ ଥିବା ଆମେରିକା ଠିକଣାକୁ ମଧ୍ୟ ଇରାନ ଛାଡ଼ି ନାହିଁ। ସବୁ ଦେଶ ଉପରେ ଡ୍ରୋନ/କ୍ଷେପଣାସ୍ତ୍ର ମାଡ଼ କରି ଭୟଙ୍କର ସ୍ଥିତି ସୃଷ୍ଟି କରିଛି। ଆଜି ମୋଟ ୧୭ ଦେଶ ଏବଂ ଠିକଣାରେ ଇରାନ ଆକ୍ରମଣ କରିଛି। ଆକ୍ରମଣରେ ଅବୁଧାବି, ଦୋହା, ଦୁବାଇ ଥରହର। ସେହିପରି ଇରାନ ସମର୍ଥିତ ଆତଙ୍କବାଦୀ ଗୋଷ୍ଠୀ ହିଜବୁଲ୍ଲା ଇସ୍ରାଏଲରେ ଆକ୍ରମଣ କରି ଆତଙ୍କ ସୃଷ୍ଟି କରିଛି। ପାକିସ୍ତାନ ଉପରେ ଆକ୍ରମଣ କରିବାକୁ ଧମକ ଦେଇଥିବା ଇରାନ ଆଜି ଇସ୍ରାଏଲ ପ୍ରଧାନମନ୍ତ୍ରୀ ନେତନ୍ୟାହୁଙ୍କ ତେଲ ଆଭିଭ ଅଫିସ ଉପରେ ଭୀଷଣ ଆକ୍ରମଣ କରିଛି। ଏହାର ଜବାବ ଦେଇ ଇସ୍ରାଏଲ ବେରୁଟର ସଦର୍ଣ୍ଣ ସୁବୁର୍ବ୍ସ ଏବଂ ଦକ୍ଷିଣ ଲେବାନନରେ ବୋମା ମାଡ଼ କରିଛି। ଏଥିରେ ହିଜବୁଲ୍ଲାର ଗୁଇନ୍ଦା ମୁଖ୍ୟଙ୍କ ସମେତ ୩୧ ଜଣ ପ୍ରାଣ ହରାଇଛନ୍ତି। ଯୁଦ୍ଧର ▶ପୃଷ୍ଠା-୭

- ■ ଇସ୍ରାଏଲ ପ୍ରଧାନମନ୍ତ୍ରୀଙ୍କ ଅଫିସ ଉପରେ କ୍ଷେପଣାସ୍ତ୍ର ମାଡ଼
- ■ ସାଉଦିର ତନୁରା ତୈଳ ବିଶୋଧନାଗାରକୁ ନିଶାଣ
- ■ ଇରାନରେ ୩ ହଜାର ବୋମା ମାଡ଼; ୫୫୫ ମୃତ, ୭୦୦ ଆହତ


**'ସକାଳ'ର ଛୁଟି**

ପବିତ୍ର ଦୋଳ ପୂର୍ଣ୍ଣିମା ଓ ହୋଲି ଉପଲକ୍ଷେ ମାର୍ଚ୍ଚ ୩ ଓ ୪ ତାରିଖ ଛୁଟି ରହୁଥିବାରୁ 'ସକାଳ'ର ମାର୍ଚ୍ଚ ୪ ଓ ୫ ତାରିଖ ସଂସ୍କରଣ ବନ୍ଦ ରହିବ। ପରବର୍ତ୍ତୀ ସଂସ୍କରଣ ୬ ତାରିଖ (ଶୁକ୍ରବାର) ପ୍ରକାଶ ପାଇବ।

- ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ







## ବୈଦେଶିକ ବ୍ୟାପାର ମନ୍ତ୍ରୀଙ୍କୁ ଅନୁରୋଧ କଲେ ନବୀନ

# ଓଡ଼ିଆଙ୍କ ସୁରକ୍ଷିତ ପ୍ରତ୍ୟାବର୍ତ୍ତନ ପାଇଁ ପଦକ୍ଷେପ ନିଅନ୍ତୁ



■ ଭୁବନେଶ୍ୱର,୨।୩(ସମିସ): ମଧ୍ୟପ୍ରାଚ୍ୟରେ ଯୁଦ୍ଧ ବ୍ୟାପକ ହେଉଥିବା ବେଳେ ବିଭିନ୍ନ ଦେଶରେ ବହୁ ସଂଖ୍ୟାରେ ଓଡ଼ିଆ ଫସି ରହିଛନ୍ତି। ଏହାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଯୁଦ୍ଧ କ୍ଷେତ୍ର ଅଞ୍ଚଳରେ ଫସି ରହିଥିବା ଓଡ଼ିଆଙ୍କ ତୁରନ୍ତ ଉଦ୍ଧାର ସହ ସୁରକ୍ଷିତ ପ୍ରତ୍ୟାବର୍ତ୍ତନ ପାଇଁ ନବୀନ କେନ୍ଦ୍ର ସରକାର ତଥା ବୈଦେଶିକ ବ୍ୟାପାର ମନ୍ତ୍ରୀ ଡ. ଏସ୍ ଜୟଶଙ୍କରଙ୍କୁ ଅନୁରୋଧ କରିଛନ୍ତି।

ସାମାଜିକ ଗଣମାଧ୍ୟମ ଏକ୍ସରେ କରି ନବୀନ କହିଛନ୍ତି ଯେ ମଧ୍ୟପ୍ରାଚ୍ୟରେ କ୍ରମାଗତ ଭାବେ ବଢ଼ୁଥିବା ସଂଘର୍ଷ ଯୋଗୁଁ ଓଡ଼ିଶାର ଅନେକ ନାଗରିକ ବର୍ତ୍ତମାନ ସେଠାରେ ଅଟକି ରହିଛନ୍ତି। ଏଥିରେ ପ୍ରବାସୀ ଶ୍ରମିକ, ବୃତ୍ତିଜୀବୀ, ଛାତ୍ରଛାତ୍ରୀ ଏବଂ ପର୍ଯ୍ୟଟକମାନେ ଅନ୍ତର୍ଭୁକ୍ତ। ବିମାନ ଯାତାୟତରେ ବ୍ୟାପକ ବ୍ୟାଘାତ ସୃଷ୍ଟି ▶ପୃଷ୍ଠା-୭







ସକାଳ THE SAKALA
www.sakalaepaper.com





ଧ୍ୱଂସର ତାଣ୍ଡବ



# କୂଟନୀତି ଠପ୍, ବ୍ୟାପୁଛି ମହାଯୁଦ୍ଧ

# ଆମେରିକାର ଅନେକ ଯୁଦ୍ଧ ବିମାନ ଧ୍ୱଂସ

ତେହେରାନ, ୨।୩: ମଧ୍ୟପ୍ରାଚ୍ୟରେ ଯୁଦ୍ଧ ବିଭୀଷିକା ବଢ଼ି ଚାଲିଛି। ଏହି ଯୁଦ୍ଧର ଆଁରେ କେବଳ ଇରାନ ନୁହେଁ, ଇସ୍ରାଏଲ ଏବଂ ଆମରିକାର ମଧ କ୍ଷତି ହୋଇଛି। ଆମେରିକାର ଅନେକ ଲଢୁଆ ବିମାନ ଏବଂ ଯୁଦ୍ଧ ଜାହାଜ ଧ୍ୱଂସ ହୋଇଯାଇଛି । କୁଏତରୁ ଏହାର ଜ୍ୱଳନ୍ତ ଉଦାହରଣ ସାମ୍ନାକୁ ଆସିଛି। ଆମେରିକାର ତିନୋଟି ଏଫ-୧୫ଇ ଯୁଦ୍ଧ ବିମାନ ତଳକୁ ଖସି ପଡ଼ିଛି। ଏକ ବିମାନ ଆକାଶ ମାର୍ଗରୁ ଖସୁଥିବାର ଭିଡିଓ ଭାଇରାଲ ହେବାରେ ଲାଗିଛି। ତେବେ ଭୁଲରେ ଦେଶର ତିନି ଯୁଦ୍ଧ ବିମାନକୁ କୁଏତ ଏୟାର ଡିଫେନ୍ସ ଖସାଇ ଦେଇଛି ବୋଲି ଆମେରିକା ପକ୍ଷରୁ କୁହାଯାଇଛି। ମାତ୍ର ସମସ୍ତ ୬ ଜଣ କ୍ରୁ ସଦସ୍ୟ ସୁରକ୍ଷିତ ଅଛନ୍ତି। ଯୁଦ୍ଧ ବିମାନ ତଳେ ପଡ଼ିବା ପୂର୍ବରୁ ସେମାନେ ବାହାରି ଆସିଥିଲେ। ବର୍ତ୍ତମାନ ସମସ୍ତଙ୍କ ଚିକିତ୍ସା ଜାରି ରହିଛି। କୁଏତ ମଧ ଏହା ସ୍ୱୀକାର କରିଛି। ମାତ୍ର କୁଏତର ଏହି ପଦକ୍ଷେପକୁ ଆମେରିକା ପ୍ରଶଂସା କରିଛି। ଇରାନ ଅଭିଯାନରେ ସମର୍ଥନ ଦେଇଥିବାରୁ ଧନ୍ୟବାଦ ଦେଇଛି। ଏହା ପୂର୍ବରୁ କୁଏତ ପ୍ରତିରକ୍ଷା ମନ୍ତ୍ରଣାଳୟର ଜଣେ ପ୍ରବକ୍ତା କହିଥିଲେ ଯେ ସୋମବାର ସକାଳେ ଆମେରିକା ସେନାର ଏକାଧିକ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଛି। ମାତ୍ର ସମସ୍ତ କ୍ରୁ ସଦସ୍ୟ ସୁରକ୍ଷିତ ଅଛନ୍ତି। ଏହି ଘଟଣାକୁ ନେଇ ଆମେରିକୀୟ ସେନା ସହିତ ପ୍ରତ୍ୟକ୍ଷ ସମନ୍ୱୟ ରକ୍ଷା କରାଯାଉଛି। ମିଳିତ ଭାବେ ବୈଷୟିକ ପଦକ୍ଷେପ ଗ୍ରହଣ କରାଯାଇଛି। ଦୁର୍ଘଟଣାର ପ୍ରକୃତ କାରଣ ଜାଣିବା ପାଇଁ ଅଧିକ ତଦନ୍ତ ଜାରି ରହିଛି। କୌଣସି ଗୁଜବରେ ବିଶ୍ୱାସ ନ କରି କେବଳ ସରକାରୀ ସୂତ୍ର ଉପରେ ଭରସା କରିବାକୁ ଜନସାଧାରଣଙ୍କୁ ଅନୁରୋଧ କରାଯାଇଥିଲା। ସକାଳେ ଭାଇରାଲ ହୋଇଥିବା ଭିଡିଓରେ ଥିବା ବିମାନଟି 'ପାଟ୍ରିଅଟ୍ ଏୟାର ଡିଫେନ୍ସ ବ୍ୟବସ୍ଥା ଦ୍ୱାରା ଭୁଲ୍ ବଶତଃ ଆକ୍ରମଣର ଶିକାର ହୋଇଥିବା ସନ୍ଦେହ କରାଯାଇଥିଲା। ମାତ୍ର ଏକାଧିକ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଥିବାରୁ ଏହି ଦାବି ଭରସାଯୋଗ୍ୟ ନୁହେଁ ବୋଲି କୁହାଯାଉଥିଲା। ପାଟ୍ରିଅଟ୍ ଭଳି ଆଧୁନିକ ପ୍ରତିରକ୍ଷା ପ୍ରଣାଳୀରେ ଶତ୍ରୁ କିମ୍ବା ମିତ୍ର ବିମାନକୁ ଚିହ୍ନଟ କରିବା ପାଇଁ ଉନ୍ନତ ରାଡାର ଏବଂ ଏନକ୍ରିପ୍ଟେଡ୍ ଯୋଗାଯୋଗ ବ୍ୟବସ୍ଥା ରହିଛି। କିନ୍ତୁ ଯୁଦ୍ଧ ସମୟରେ ଏଭଳି ଆକ୍ରମଣରେ ନିଜ ବିମାନ ଦୁର୍ଘଟଣାଗ୍ରସ୍ତ ହେବାର ଅନେକ ନଜିର ମଧ ରହିଛି। ତଦନ୍ତ ପରେ କୁଏତ ଏୟାର ଡିଫେନ୍ସ ସିଷ୍ଟମ ଆମେରିକା ବିମାନକୁ ଖସାଇ ଥିବା ସ୍ପଷ୍ଟ ହୋଇଥିଲା। ତେବେ ଇରାନ ଦାବି କରିଛି ଯେ ଏହା ଆମେରିକାର ଏହି ଯୁଦ୍ଧ ବିମାନକୁ କ୍ଷେପଣାସ୍ତ୍ର ମାଡ଼ କରି ଖସାଇଛି।



## ଆମେରିକାକୁ ଅନୁମତି ଦେଲା ବ୍ରିଟେନ, ସ୍ପେନ୍ କିନ୍ତୁ ମନାକରିଦେଲା

ଲଣ୍ଡନ, ୨।୩ (ଏଜେନ୍ସି): ଇରାନ ସଂଘର୍ଷ ମଧ୍ୟରେ ବ୍ରିଟେନ ନିଜ ଆଭିମୁଖ୍ୟ ପରିବର୍ତ୍ତନ କରିଛି। ଆମେରିକାର ଅନୁରୋଧକୁ ବ୍ରିଟେନ ପ୍ରଧାନମନ୍ତ୍ରୀ କିର୍ ଷ୍ଟାର୍ମର ଗ୍ରହଣ କରିଛନ୍ତି। ଦେଶର ସାମରିକ ଘାଟୀ ବ୍ୟବହାର ପାଇଁ ଆମେରିକାକୁ ଅନୁମତି ଦେଇଛନ୍ତି। ନିର୍ଦ୍ଦିଷ୍ଟ ଏବଂ ସୀମିତ ପ୍ରତିରକ୍ଷା ଉଦ୍ଦେଶ୍ୟରେ ବ୍ୟବହାର ପାଇଁ ଅନୁମତି ଦିଆଯାଇଛି। ବ୍ରିଟେନ ପ୍ରଧାନମନ୍ତ୍ରୀ କିର୍ ଷ୍ଟାର୍ମର କହିଛନ୍ତି ଯେ, କ୍ଷେତ୍ରୀୟ ସ୍ତରରେ ଇରାନର ସମ୍ଭାବ୍ୟ ଆକ୍ରମଣକୁ ରୋକିବା ପାଇଁ ଆମେରିକାକୁ ବ୍ରିଟିଶ ସାମରିକ ବେସ୍ ବ୍ୟବହାର କରିବାକୁ ଅନୁମତି ଦିଆଯିବ। ଇରାନର କ୍ଷେପଣାସ୍ତ୍ର ଘାଟିଗୁଡ଼ିକୁ ଟାର୍ଗେଟ କରିବା ପାଇଁ ଏହି ପଦକ୍ଷେପ ନିଆଯାଇଛି। ଇରାନ ଉପରେ ଆମେରିକା-ଇସ୍ରାଏଲର ପ୍ରାରମ୍ଭିକ ଆକ୍ରମଣରେ ବ୍ରିଟେନ ସାମିଲ ନ ଥିଲା। ବର୍ତ୍ତମାନ ମଧ କୌଣସି ଆକ୍ରମଣାତ୍ମକ କାର୍ଯ୍ୟାନୁଷ୍ଠାନରେ ଦେଶ ଯୋଗ ଦେବ ନାହିଁ। ଇରାନକୁ କ୍ଷେପଣାସ୍ତ୍ର ମାଡ଼ରୁ ରୋକିବା, ନିରୀହ ନାଗରିକଙ୍କୁ ରକ୍ଷା କରିବା ଏବଂ ବ୍ରିଟିଶ ନାଗରିକଙ୍କ ଜୀବନ ବଞ୍ଚାଇବା ପାଇଁ ଏହି ଅନୁରୋଧକୁ ଗ୍ରହଣ କରାଯାଇଛି। ଏହି ନିଷ୍ପତ୍ତି ସାମୂହିକ ଆତ୍ମରକ୍ଷା ନୀତି ଏବଂ ଆନ୍ତର୍ଜାତୀୟ ନିୟମ ଅନୁଯାୟୀ ନିଆଯାଇଛି। ଇରାନର କ୍ଷେପଣାସ୍ତ୍ର ସାଇଟରେ ଆକ୍ରମଣ ପାଇଁ ସାଇପ୍ରସର ଆକ୍ରୋଟାରୀ ଘାଟୀ ବ୍ୟବହାର କରିବାକୁ ଅନୁମତି ଦେଇଥିଲା। ଏବେ ଇରାନ ଏହାର ପ୍ରତିଶୋଧ ନେଇଛି। ସାଇପ୍ରସ ସ୍ଥିତ ବ୍ରିଟିଶ ରୟାଲ ଏୟାର ଫୋର୍ସ (ଆରଏଏଫ) ର ଏହି ଘାଟୀ ଉପରେ ଡ୍ରୋନ ଆକ୍ରମଣ କରିଛି। ରବିବାର ବିଳମ୍ବିତ ରାତିରେ ହୋଇଥିବା ଏହି ଆକ୍ରମଣରେ ଘାଟୀ ସାମାନ୍ୟ କ୍ଷତିଗ୍ରସ୍ତ ହୋଇଥିବା ବେଳେ କେହି ମୃତାହତ ହୋଇ ନ ଥିବା ଜଣାପଡ଼ୁଛି।

ଅନ୍ୟପକ୍ଷରେ ଇରାନର ସୁପ୍ରିମ ନେତା ଖାମନେଇଙ୍କ ମୃତ୍ୟୁକୁ ଫ୍ରାନ୍ସ ରାଷ୍ଟ୍ରପତି ସ୍ୱାଗତ କରିଥିବା ବେଳେ ଏହି ଯୁଦ୍ଧରେ ସାମିଲ ହେବାକୁ ମନା କରିଦେଇଛନ୍ତି। ସେହିଭଳି ଇଟାଲି ମଧ ଇରାନ ଉପରେ ଆକ୍ରମଣକୁ ବିରୋଧ କରିଛି। ଇଟାଲି ପକ୍ଷରୁ କୁହାଯାଇଛି ଯେ କୌଣସି ସାର୍ବଭୌମ ଦେଶ ଉପରେ ଆକ୍ରମଣ ଗ୍ରହଣୀୟ ନୁହେଁ।

ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମେ ଆମେରିକାର ଅନ୍ୟତମ ସହଯୋଗୀ ସ୍ପେନ୍ ଯୁଦ୍ଧରେ କୌଣସି ପ୍ରକାର ସାମିଲ ହେବାକୁ ମନାକରିଦେଇଛି। କେବଳ ଏତିକି ନୁହେଁ, ଇରାନ ଉପରେ ଆକ୍ରମଣ ପାଇଁ ଏହାର ସାମରିକ ଘାଟୀ ବ୍ୟବହାର କରିବା ଲାଗି ଆମେରିକାକୁ ଅନୁମତି ଦେଇନାହିଁ। ସାମରିକ ଘାଟୀରେ ମୁତୟନ ପାଇଁ ଆମେରିକା ଏହାର ଯୁଦ୍ଧ ବିମାନ ପଠାଇଥିଲା। ମାତ୍ର ସେହି ଯୁଦ୍ଧ ବିମାନକୁ ଫେରିଯିବା ଲାଗି ବାଧ କରିଛି ।।ସ୍ପେନ୍।

## ବାହାରିନ ରାଜା, ସାଉଦି ରାଜକୁମାରଙ୍କ ସହ କଥା ହେଲେ ମୋଦୀ

ନୂଆଦିଲ୍ଲୀ, ୨।୩ (ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଉତ୍ତେଜନାକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭାରତର ସ୍ଥିତି ସ୍ପଷ୍ଟ କରିଛନ୍ତି। ଶାନ୍ତି ଏବଂ ସ୍ଥିରତା ସପକ୍ଷରେ ନୂଆଦିଲ୍ଲୀ ସବୁବେଳେ ରହିଛି ବୋଲି ମୋଦୀ କହିଛନ୍ତି। ଦିଲ୍ଲୀରେ କାନାଡ଼ା ପ୍ରଧାନମନ୍ତ୍ରୀ ମାର୍କ କାର୍ଣ୍ଣିଙ୍କୁ ଭେଟିବା ପରେ ପ୍ରଧାନମନ୍ତ୍ରୀ ଏହି ଟିପ୍ପଣୀ ଦେଇଛନ୍ତି। ସେ କହିଛନ୍ତି ଯେ ଦୁଇ ଗଣତନ୍ତ୍ର ଏକାଠି ହେଲେ ମିଳିତ ସ୍ୱର ଅଧିକ ଦୃଢ଼ ହୋଇଥାଏ। ପଶ୍ଚିମ ଏସିଆର ସ୍ଥିତି ଏବେ ଚିନ୍ତା ଜନକ ରହିଛି। ନିଜ ନାଗରିକଙ୍କ ସୁରକ୍ଷା ପାଇଁ ଭାରତ ସବୁ ଦେଶଙ୍କ ସହ ମିଶି କାମ କରିବ। ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନ ବାହାର କରିବା ସପକ୍ଷରେ ଭାରତ ରହିଛି ବୋଲି ମୋଦୀ କହିଛନ୍ତି। ସେହିପରି ପ୍ରଧାନମନ୍ତ୍ରୀ ଆଜି ବାହାରିନ ରାଜା ହମାଦ ବିନ ଇସା ଏଲ ଖଲିଫା, ସାଉଦି ରାଜକୁମାର ମହମ୍ମଦ ବିନ ସଲମାନଙ୍କ ସହ ଫୋନରେ କଥା ହୋଇଛନ୍ତି। ସେଠାରେ ରହୁଥିବା ଭାରତୀୟଙ୍କ ସୁରକ୍ଷା ବିଷୟରେ ଚର୍ଚ୍ଚା କରିଛନ୍ତି। ଏହା ପୂର୍ବରୁ ପ୍ରଧାନମନ୍ତ୍ରୀ ରବିବାର ରାତିରେ ସିସିଏସ ବୈଠକରେ ଅଧ୍ୟକ୍ଷତା କରିଥିଲେ। ଏଥିରେ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା, ସିଡିଏସ ଅନିଲ ଚୌହାନ, ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ପ୍ରମୁଖ ସାମିଲ ରହିଥିଲେ। ସେଠାରେ ରହୁଥିବା ଭାରତୀୟ ଏବଂ ଫସି ରହିଥିବା ଲୋକଙ୍କ ସୁରକ୍ଷା ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ଯଦି ଆଗକୁ ପରିସ୍ଥିତି ଅଧିକ ବିଗିଡ଼ିଯାଏ, ତେବେ ତାହାକୁ କିଭଳି ମୁକାବିଲା କରାଯିବ ସେ ନେଇ ରଣନୀତି ପ୍ରସ୍ତୁତ କରାଯାଇଥିଲା। ମୋଦୀ ସାମାଜିକ ଗଣମାଧ୍ୟମରେ କହିଥିଲେ ଯେ ସେ ୟୁଏଇ ରାଷ୍ଟ୍ରପତି ଶେଖ ମହମ୍ମଦ ବିନ୍ ଜାୟଦ ଅଲ୍ ନାହୟାନ ଏବଂ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁଙ୍କ ସହ ଫୋନରେ କଥା ହୋଇଛନ୍ତି। ୟୁଏଇ ଉପରେ ହୋଇଥିବା ଆକ୍ରମଣକୁ ଭାରତ ନିନ୍ଦା କରିଛି।



## ଆକ୍ରମଣ ପାଇଁ ପାକିସ୍ତାନକୁ ଧମକ ଦେଲା ଇରାନ

ଦୁବାଇ, ୨।୩: ଯୁଦ୍ଧ ମଧ୍ୟରେ ପାକିସ୍ତାନକୁ ଇରାନ ଚେତାବନୀ ଦେଇଛି। ଏହି ଦେଶ ଆକ୍ରମଣରେ ଆମେରିକାକୁ ସହଯୋଗ କରିଥିଲା ବୋଲି ତେହରାନ ଅଭିଯୋଗ କରିଛନ୍ତି। ଇରାନରେ ଆକ୍ରମଣ ପାଇଁ ଆମେରିକାକୁ ନିଜ ବାୟୁସୀମା ବ୍ୟବହାର କରିବାକୁ ପାକିସ୍ତାନ ଅନୁମତି ଦେଇଥିଲା। ଯଦି ପାକିସ୍ତାନ ଏଭଳି କାର୍ଯ୍ୟକଳାପ ଜାରି ରଖେ ତେବେ ସୁରକ୍ଷିତ ରହିବ ନାହିଁ। ପାକିସ୍ତାନକୁ ଏହାର ବହୁମୂଲ୍ୟ ଦେବାକୁ ପଡ଼ିବ ବୋଲି ଇରାନ ରିଭୋଲ୍ୟୁସନାରୀ ଗାର୍ଡ (ଆଇଆରଜିସି)ର ବରିଷ୍ଠ କମାଣ୍ଡର ଧମକ ଦେଇଛନ୍ତି।

## ଆଇରନ ବିମ୍ ବ୍ୟବହାର କଲା ଇସ୍ରାଏଲ

ତେଲଆଭିଭ, ୨।୩: ଇସ୍ରାଏଲ ସେନା (ଆଇଡିଏଫ) ପ୍ରଥମ ଥର ପାଇଁ ନିଜର ଅତ୍ୟାଧୁନିକ ଲେଜର ଡିଫେନ୍ସ ସିଷ୍ଟମ ଆଇରନ ବିମ୍ ବ୍ୟବହାର କରିଛି। ଏହାରି ସହାୟତାରେ ଆତଙ୍କବାଦୀ ସଂଗଠନ ହିଜବୁଲ୍ଲାକୁ ଆଇଡିଏଫ ଦୃଢ଼ ଜବାବ ଦେଇଛି। ହିଜବୁଲ୍ଲା ମାଡ଼ କରିଥିବା ରକେଟକୁ ଆକାଶରେ ଧ୍ୱଂସ କରିଦେଇଛି। ଆଇରନ ବିମ୍ ଏଭଳି ଏକ ଜ୍ଞାନକୌଶଳ, ଯେଉଁଥିରୁ ଲେଜର ରଶ୍ମି ବାହାରି ଥାଏ। ଏହା ଡ୍ରୋନ ଏବଂ ରକେଟ ଆଦିକୁ ଧ୍ୱଂସ କରିଦେଇଥାଏ।

## ଖାମନେଇଙ୍କ ପତ୍ନୀ ବି ମୃତ

ତେହେରାନ/ଜେରୁଜେଲମ, ୨।୩ (ଏଜେନ୍ସି): ଇସ୍ରାଏଲ-ଆମେରିକା ଓ ଇରାନ ମଧ୍ୟରେ ଚାଲିଥିବା ସଂଘର୍ଷ ଆଜି ତୃତୀୟ ଦିନରେ ପହଞ୍ଚିଛି। ଏହି ଯୁଦ୍ଧ ଏବେ ସମଗ୍ର ଅଞ୍ଚଳକୁ ବ୍ୟାପିବାରେ ଲାଗିଛି। ସଦ୍ୟତମ ସୂଚନା ଅନୁଯାୟୀ, ଇରାନର ପୂର୍ବତନ ସର୍ବୋଚ୍ଚ ନେତା ଆୟାତୁଲ୍ଲା ଖାମନେଇଙ୍କ ପତ୍ନୀ ମନସୁରେହ ଖୋଜାସ୍ତେହଙ୍କର ସୋମାବାର ମୃତ୍ୟୁ ହୋଇଛି। ଆମେରିକା-ଇସ୍ରାଏଲ ଆକ୍ରମଣରେ ସେ ଗୁରୁତର ଭାବେ ଆହତ ହୋଇଥିଲେ। ପୁଣି ଇସ୍ରାଏଲ ବାୟୁସେନା ଦାବି କରିଛି ଯେ ଲେବାନନର ବେରୁଟ୍ ହୋଇଥିବା ଆକ୍ରମଣରେ ହିଜବୁଲ୍ଲା ଗୁପ୍ତଚର ମୁଖ୍ୟ ହସନ ମକଲାଦ ନିହତ ହୋଇଛନ୍ତି। ଏହାର ପ୍ରତବାଦରେ ହିଜବୁଲ୍ଲା ମଧ ଇସ୍ରାଏଲ ଉପରେ ରକେଟ ମାଡ଼ କରିଛି।



## ଭୟରେ ଭାରତୀୟ: କାମ ପାଇଁ ଆସିଥିଲୁ; ଏବେ ବଙ୍କର ଖୋଜୁଛୁ

■ ସହାୟତା ପାଇଁ ପ୍ରଧାନମନ୍ତ୍ରୀଙ୍କୁ ଆକୁଳ ନିବେଦନ
■ ମଧ୍ୟପ୍ରାଚ୍ୟରେ ରହୁଛନ୍ତି ୯୦ ଲକ୍ଷ ଭାରତୀୟ

ଦୁବାଇ, ୨।୩: ଇରାନ ଉପରେ ଆମେରିକା-ଇସ୍ରାଏଲର ମିଳିତ ଆକ୍ରମଣ ପରେ ମଧ୍ୟପ୍ରାଚ୍ୟ ଏବେ ଯୁଦ୍ଧ ନିଆଁରେ ଜଳୁଛି। ଏହି ସଂଘର୍ଷ ପାଇଁ ଆକାଶମାର୍ଗକୁ ବନ୍ଦ କରିଦିଆ ଯାଇଛି। ବିମାନ ଚଳାଚଳ ବନ୍ଦ ହୋଇଯାଇଥିବାରୁ ମଧ୍ୟାପ୍ରାଚ୍ୟକୁ କାମ ଏବଂ ବୁଲିବାକୁ ଯାଇଥିବା ହଜାର ହଜାର ଭାରତୀୟ ପର୍ଯ୍ୟଟକ, ଛାତ୍ର ଏବଂ ଶ୍ରମିକଙ୍କ ଫସି ରହିଛନ୍ତି। ଖାଲି ଇରାନ ନୁହେଁ, ସାଉଦି ଆରବ, ୟୁଏଇ ।।ରେ ସେମାନେ ଜୀବନ ଏବଂ ମୃତ୍ୟୁ ମଧ୍ୟରେ ଫସି ରହିଛନ୍ତି। ସେମାନେ ବଙ୍କରରେ ଆଶ୍ରୟ ନେଇଛନ୍ତି। ସାମାଜିକ ଗଣମାଧ୍ୟମରେ ଭାରତ ସରକାରଙ୍କୁ ଆକୁଳ ନିବେଦନର କରୁଛନ୍ତି। ଯୁଦ୍ଧ ରତ ଇରାନରୁ ଉଦ୍ଧାର କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟକୁ ଅନୁରୋଧ କରିଛନ୍ତି। ଅନ୍ୟପଟେ ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ପ୍ରଭାବିତ ଦେଶଗୁଡ଼ିକରେ ଥିବା ଭାରତୀୟଙ୍କ ପାଇଁ ଜରୁରୀକାଳୀନ ସହାୟତା ନମ୍ବର ଜାରି କରାଯାଇଛି।

ଦୁବାଇରେ ଥିବା ଜଣେ ଶ୍ରମିକ କହୁଛନ୍ତି ଯେ ଏଠାକୁ ଜୀବିକା ପାଇଁ ଆସିଥିଲି, କିନ୍ତୁ ଏବେ ବୋମା ଆକ୍ରମଣରୁ ବଞ୍ଚିବା ପାଇଁ ଆଶ୍ରୟ ଖୋଜୁଛି। ଏଠାରୁ ଉଦ୍ଧାର କରନ୍ତୁ। କେବଳ ଶ୍ରମିକ ନୁହନ୍ତି, ଦୁବାଇ ଏବଂ ଆବୁଧାବିରେ ଅନେକ ପର୍ଯ୍ୟଟକ ମଧ ଅଟକି ରହିଛନ୍ତି। ଏଥିସହ ଏମବିଏ ଏବଂ ମେଡିକାଲ୍ ପଢୁଥିବା ଭାରତୀୟ ଛାତ୍ରଛାତ୍ରୀମାନେ ମଧ ଭିଡିଓ ପୋଷ୍ଟ କରି ସରକାରଙ୍କ ସାହାଯ୍ୟ ମାଗୁଛନ୍ତି। ସୂଚନାଯୋଗ୍ୟ ଯେ ମଧ୍ୟପ୍ରାଚ୍ୟରେ ପ୍ରାୟ ୯୦ ଲକ୍ଷରୁ ଅଧିକ ଭାରତୀୟ ରହୁଛନ୍ତି। ଏମାନଙ୍କ ମଧ୍ୟରୁ ଅଧିକାଂଶ ଶ୍ରମିକ। କେବଳ ଇରାନରେ ୧୦ ହଜାର ଭାରତୀୟ ରହୁଛନ୍ତି। ଏୟାର ଇଣ୍ଡିଆ, ଇଣ୍ଡିଗୋ ଭଳି ଏୟାରଲାଇନ ଏହି ଦେଶକୁ ବିମାନ ବନ୍ଦ କରିଦେଇଥିବାରୁ ପରିସ୍ଥିତି ଗୁରୁତର ହୋଇପଡ଼ିଛି।

ଯୁଦ୍ଧର ନିଆଁ ଉପସାଗରୀୟ ଦେଶଗୁଡ଼ିକୁ କବଳିତ କରୁଥିବାରୁ ଭାରତୀୟଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହୋଇଛି। ଦୁବାଇ ଭଳି ବିଶ୍ୱର ପ୍ରମୁଖ ପର୍ଯ୍ୟଟନ ସ୍ଥଳୀରେ ମଧ ଏବେ କ୍ଷେପଣାସ୍ତ୍ର ମାଡ଼ ହେଉଛି। ବାହାରିନ, ଇରାକ, ଜୋର୍ଡାନ, କୁଏତ, ଓମାନ, କାତାର, ସାଉଦି ଆରବ ଏବଂ ୟୁଏଇରେ ସାଇରନ୍‌ର ଶବ୍ଦ ପ୍ରବାସୀ ଭାରତୀୟଙ୍କ ମନରେ ଭୟ ସୃଷ୍ଟି କରିଛି। ଇରାନରେ ଥିବା ଭାରତୀୟ ଛାତ୍ରଛାତ୍ରୀ, ବିଶେଷ କରି ତେହେରାନରେ ପଢୁଥିବା ମେଡିକାଲ୍ ଛାତ୍ରୀମାନେ ଭାବୁକ ଭିଡିଓ ସେୟାର କରିଛନ୍ତି। ଜଣେ ଛାତ୍ରୀ କହିଛନ୍ତି, ଏଠାରେ ସ୍ଥିତି ଅତ୍ୟନ୍ତ ଖରାପ ଏବଂ ଅନିଶ୍ଚିତତା ମଧ୍ୟରେ ରହିଛି। ଆଗକୁ କ'ଣ ହେବ ଆମେ ଜାଣିନାହୁଁ। ଭାରତ ସରକାର ଆମ ସୁରକ୍ଷା ପାଇଁ ଆଲୋଚନା କରୁଥିବାରୁ ଆମେ କୃତଜ୍ଞ, କିନ୍ତୁ ଏଭଳି ସମୟରେ ଶୀଘ୍ର ପଦକ୍ଷେପ ନେବା ଜରୁରୀ। ଏୟାର ଷ୍ଟ୍ରାଇକ୍ ଯୋଗୁଁ ପରିସ୍ଥିତି ଜଟିଳ ହେବାରେ ଲାଗିଛି। ତେଣୁ ଶୀଘ୍ର ଏଠାରୁ ଉଦ୍ଧାର କରିବାକୁ ଦାବି କରିଛନ୍ତି। ଅନ୍ୟ ଜଣେ ଛାତ୍ର କହିଛନ୍ତି ଯେ ତେହେରାନରେ ଏବେ କ୍ଷେପଣାସ୍ତ୍ର ବର୍ଷା ହେଉଛି। ଯଥାଶୀଘ୍ର ଏଠାରୁ ବାହାର କରିବାକୁ ସେ ଭାରତୀୟଙ୍କ ପକ୍ଷରୁ ସରକାରଙ୍କୁ ନିବେଦନ କରିଛନ୍ତି। ଏବେ ଇରାନରେ ପ୍ରାୟ ୨,୦୦୦ କାଶ୍ମୀରୀ ଛାତ୍ରଛାତ୍ରୀ ଫସିଛନ୍ତି। ସେମାନଙ୍କୁ ଉଦ୍ଧାର କରିବା ପାଇଁ ଜମ୍ମୁ-କଶ୍ମୀର ଛାତ୍ର ସଂଘ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଛି ଏବଂ କୂଟନୈତିକ ହସ୍ତକ୍ଷେପ ଲୋଡ଼ିଛି। ଏହା ମଧ୍ୟରେ ଭାରତୀୟ ଦୂତାବାସ ଏହି ସବୁ ଦେଶର ସରକାରଙ୍କ ସହ ଯୋଗାଯୋଗରେ ରହିଛି। କୁଏତ, ଓମାନ, ଅଷ୍ଟ୍ରିଆ, ଲେବାନନର ଭାରତୀୟ ଦୂତାବାସ ନାଗରିକଙ୍କ ପାଇଁ ମାର୍ଗଦର୍ଶିକା ଜାରି କରିଛି।



## ଟ୍ରମ୍ପଙ୍କ ପାଗଳାମି: ୧୨ ମାସରେ ୭ ଦେଶ ଉପରେ ଆକ୍ରମଣ

ୱାସିଂଟନ, ୨।୩ (ଏଜେନ୍ସି):ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବିଶ୍ୱରେ ଅସ୍ଥିରତାର କାରଣ ପାଲଟି ଯାଇଛନ୍ତି। ଗୋଟିଏ ପରେ ଗୋଟିଏ ଆଶା ପୂରଣ ନ ହେବା ପରେ ଟ୍ରମ୍ପ ପାଗଳପ୍ରାୟ ହୋଇଯାଇଛନ୍ତି। ନୋବେଲ ଶାନ୍ତି ନ ପାଇ ଟ୍ରମ୍ପ ଅଶାନ୍ତ ହୋଇ ଯାଇଛନ୍ତି। ତାଙ୍କର ଏହି ଅଶାନ୍ତି ବିଶ୍ୱର ଶାନ୍ତିକୁ ଭଙ୍ଗ କରିଦେଇଛି। ସେ ଯାହା କହୁଛନ୍ତି ତାହାର ବିପରୀତ କରୁଛନ୍ତି। ନିଜ ପ୍ରତିଶ୍ରୁତି ବି ପାଳନ କରୁନାହାନ୍ତି। ମାତ୍ର କ୍ଷମତା ଦଖଲ ନିଶା ତାଙ୍କୁ ଘାରିଛି। ଶାନ୍ତି ପୁରସ୍କାର ପାଇଁ ଏବେ କ୍ରୂର ଶାସକ ହୋଇ ଯାଇଛନ୍ତି। ସେ ୧୨ ମାସ ମଧ୍ୟରେ ୭ ଦେଶ ଉପରେ ଆକ୍ରମଣ କଲେଣି।

ଟ୍ରମ୍ପ ଯାହା କରିଛନ୍ତି ତାହା ଆଧୁନିକ ଆମେରିକାର ଇତିହାସରେ ଅନ୍ୟ କୌଣସି ରାଷ୍ଟ୍ରପତି କରି ନ ଥିଲେ। ଏତେ ସଂଖ୍ୟକ ଦେଶ ଉପରେ ସାମରିକ ଆକ୍ରମଣ କରି ନ ଥିଲେ। ନିଜକୁ ଜଣେ ଯୁଦ୍ଧ ବିରୋଧୀ ନେତା ଭାବେ ଉପସ୍ଥାପିତ କରି ନିର୍ବାଚନ ଜିତିଥିବା ଟ୍ରମ୍ପ ୨୦୨୫ରେ ଆମେରିକାର ସାମରିକ ରଣନୀତିକୁ ସମ୍ପୂର୍ଣ୍ଣ ବଦଳାଇ ଦେଇଥିଲେ। ଟ୍ରମ୍ପଙ୍କ ନିର୍ଦ୍ଦେଶରେ ୭ଟି ଦେଶ ଉପରେ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଉଛି, ଏଥିମଧ୍ୟରୁ ଇରାନ, ନାଇଜେରିଆ ଏବଂ ଭେନେଜୁଏଲା ଭଳି ତିନୋଟି ଦେଶ ସାମିଲ ରହିଛି। ଏହି ସବୁ ଦେଶରେ ଆମେରିକା ପୂର୍ବରୁ କେବେ ବି ସାମରିକ ଆକ୍ରମଣ କରି ନ ଥିଲା। ପୂର୍ବତନ ରାଷ୍ଟ୍ରପତି ବାଇଡେନ ନିଜର ଚାରି ବର୍ଷର କାର୍ଯ୍ୟକାଳ ମଧ୍ୟରେ ଯେତିକି ଏୟାର ଷ୍ଟ୍ରାଇକ ପାଇଁ ଅନୁମତି ଦେଇ ନଥିଲେ, ତା'ଠାରୁ ଅଧିକ ଆକ୍ରମଣ ପାଇଁ ଟ୍ରମ୍ପ କେବଳ ୨୦୨୫ ରେ କରିଥିଲେ।

ନିର୍ବାଚନ ପ୍ରଚାର ସମୟରେ ଆମେରିକାକୁ କୌଣସି ନୂଆ ଯୁଦ୍ଧରେ ଜଡ଼ିତ କରିବେ ନାହିଁ ବୋଲି ଟ୍ରମ୍ପ କହିଥିଲେ। ହେଲେ ତାର ଓଲଟା କରିଥିଲେ। ହ୍ୱାଇଟ୍ ହାଉସ ଏହି ସାମରିକ କାର୍ଯ୍ୟାନୁଷ୍ଠାନକୁ ଯଥାର୍ଥ ଦର୍ଶାଇ କହିଛି ଯେ ଟ୍ରମ୍ପ ପ୍ରଥମେ କୂଟନୈତିକ ସ୍ତରରେ ସମସ୍ୟାର ସମାଧାନ ପାଇଁ ଚେଷ୍ଟା କରନ୍ତି। ଶାନ୍ତିର ମାର୍ଗ ବନ୍ଦ ହେବା ପରେ ଶକ୍ତି ପ୍ରୟୋଗ କରନ୍ତି। ପ୍ରଚଣ୍ଡ ଶକ୍ତି ପ୍ରଦର୍ଶନ ହିଁ ସ୍ଥାୟୀ ଶାନ୍ତି ପ୍ରତିଷ୍ଠାର ଏକମାତ୍ର ରାସ୍ତା।



## ରାଜ୍ୟସଭା ନିର୍ବାଚନ

# ତିନି ଜଣଙ୍କୁ ପ୍ରାର୍ଥୀ କରିବ ବିଜେପି

■ ନାମାଙ୍କନ ଫର୍ମରେ ସ୍ୱାକ୍ଷର କଲେ ପ୍ରସ୍ତାବକ ଓ ସମର୍ଥକ ବିଧାୟକ
■ ୫ରେ ପ୍ରାର୍ଥୀ କରିବେ ନାମାଙ୍କନ, ଉପସ୍ଥିତ ରହିବେ ସବୁ ବିଧାୟକ

ଭୁବନେଶ୍ୱର,୨।୩(ସମିସ): ଆସନ୍ତା ରାଜ୍ୟସଭା ନିର୍ବାଚନରେ ବିଜେପି କେତେଜଣ ପ୍ରାର୍ଥୀ ଦେବ ଓ କାହାକୁ ପ୍ରାର୍ଥୀ କରିବ ତାହା ଏଯାଏ ଛିଡୁନାହିଁ। ଦଳ ନିକଟରେ ୨ଟି ଆସନରେ ଜିତିବାର କ୍ଷମତା ରହିଛି, ଏହାବ୍ୟତୀତ ଆଉ୨୦ଟି ପ୍ରଥମ ପ୍ରସନ୍ଦ ଭୋଟ ବଳକା ରହିଛି। ମୁଖ୍ୟମନ୍ତ୍ରୀଙ୍କ ବାସଭବନରେ ଅନୁଷ୍ଠିତ ଦଳୀୟ ବୈଠକରେ ଦଳ ୩ ଜଣ ପ୍ରାର୍ଥୀ ଦେବାକୁ ନିଷ୍ପତ୍ତି ହୋଇଥିବା କୁହାଯାଉଛି। ତେବେ ରାଜନୈତିକ ହଟଚମଟ ପାଇଁ ୪ର୍ଥ ଆସନରେ ବଳିବୋଦା ହେବାକୁ ଜଣେ ବ୍ୟକ୍ତିଙ୍କୁ ଦଳ ଖୋଜୁଥିବା ମଧ୍ୟ ଆଲୋଚନା ହେଉଛି।

ସୋମବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସରକାରୀ ବାସଭବନରେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲଙ୍କ ଅଧ୍ୟକ୍ଷତାରେ ଦଳର ବିଧାୟକମାନଙ୍କ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଦଳର ସମସ୍ତ ବିଧାୟକମାନେ ଉପସ୍ଥିତ ଥିଲେ ଓ ସେମାନଙ୍କଠାରୁ ନାମାଙ୍କନ ଫର୍ମରେ ପ୍ରସ୍ତାବକ ଓ ସମର୍ଥକ ରୂପେ ଆଗୁଆ ଦସ୍ତଖତ ସଂଗ୍ରହ କରାଯାଇଛି। ଦଳର ସଂସଦୀୟ ବୋର୍ଡ ଯାହା ନିଷ୍ପତ୍ତି ନେବ, ତାହାକୁ ସାଦରେ ଗ୍ରହଣ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଆସନ୍ତା ୫ ତାରିଖରେ ବିଜେପିର ପ୍ରାର୍ଥୀମାନେ ନାମାଙ୍କନ କରିବାକୁ ଥିବାବେଳେ ସମସ୍ତ ବିଧାୟକ ଏହି ଅବସରରେ ଉପସ୍ଥିତ ରହିବାକୁ ବୈଠକରେ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ରାଜ୍ୟ ମନ୍ତ୍ରିମଣ୍ଡଳର ସଦସ୍ୟଏବଂ ବିଧାୟକମାନେ ଉପସ୍ଥିତ ଥିଲେ। ଆଗାମୀ ରାଜ୍ୟସଭା ନିର୍ବାଚନ ଏବଂ ଦଳୀୟ ରଣନୀତି ବିଷୟରେ ବିସ୍ତୃତ ଆଲୋଚନା ହୋଇଥିଲା ଏଯାବତ୍ ଦଳ ପକ୍ଷରୁ ପ୍ରାର୍ଥୀ ଘୋଷଣା ହୋଇ ନ ଥିଲେ ହେଁ ସଂସଦୀୟ ବୋର୍ଡର ନିଷ୍ପତ୍ତି ସର୍ବମାନ୍ୟ ବୋଲି ବୈଠକରେ ମତପ୍ରକାଶ ପାଇଥିଲା। ତେବେ ଉଭୟ ବିଜେଡି ଓ କଂଗ୍ରେସ ପକ୍ଷରୁ ଡାକ୍ତର ଦତ୍ତେଶ୍ୱର ହୋତାଙ୍କୁ ଚତୁର୍ଥ ଆସନ ପାଇଁ କମନ କ୍ୟାଣ୍ଡିଡେଟ ଭାବରେ ଘୋଷଣା କରାଯାଇଥିବାରୁ ବିଜେପି ଚତୁର୍ଥ ଆସନରେ ପ୍ରାର୍ଥୀ ଦେବ କି ନାହିଁ, ସେନେଇ ଦଳର ନେତାମାନେ ଏଯାଏ ସନ୍ଦେହରେ ଅଛନ୍ତି। ଏହା ସତ୍ତ୍ୱେ ଦଳ ୩ଟି ଆସନରେ ପ୍ରାର୍ଥୀ ଦେବ ଓ ଆବଶ୍ୟକ ପଡ଼ିଲେ ଦଳ ସବୁ ୪ଟି ଆସନରେ ପ୍ରାର୍ଥୀ ଦେଇପାରେ ବୋଲି କୁହାଯାଉଛି। ଯଦି ଏହା ବାସ୍ତବ ରୂପ ନିଏ, ତେବେ ଆଗାମୀ ଦିନରେ ରାଜ୍ୟସଭା ଲଢ଼େଇ ରୋଚକ ହେବା ନେଇ ନିଶ୍ଚିତ ହୋଇଯାଇଛି।

## ୫ ବିଜେପି ବିଧାୟକ ନେଲେ ୧୬ ସେଟ୍ ନାମାଙ୍କନପତ୍ର

ଭୁବନେଶ୍ୱର,୨।୩(ସମିସ): ଆସନ୍ତା ରାଜ୍ୟସଭା ନିର୍ବାଚନ ପାଇଁ ସୋମବାର ନାମାଙ୍କନ ପତ୍ର ଗ୍ରହଣ କରିଛି ବିଜେପି। ବିଜେପିର ୫ ଜଣ ବିଧାୟକ ଆଜି ନିର୍ବାଚନ ପାଇଁ ନିଯୁକ୍ତ ରିଟର୍ଣ୍ଣିଂ ଅଧିକାରୀଙ୍କ ନିକଟରୁ ୧୬ ସେଟ୍ ଫର୍ମ ଗ୍ରହଣ କରିଛନ୍ତି। ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନ, ବିଧାୟକ ଆଶ୍ରିତ ପଟ୍ଟନାୟକ, ରଘୁନାଥ ଜଗଦଲା, ପ୍ରତାପ ଚନ୍ଦ୍ର ନାୟକ ଓ ଦୁଷ୍ମନ୍ତ ସ୍ୱାଇଁ ପ୍ରମୁଖ ଏହି ନାମାଙ୍କନ ପତ୍ର ଗ୍ରହଣ କରିଛନ୍ତି । ଦଳ ତରଫରୁ ରାଜ୍ୟ ସଭାପତି ମନମୋହନ ସାମଲ ଓ ସୁନ୍ଦରଗଡ଼ ଜିଲ୍ଲାର ବିଜେପି ନେତ୍ରୀ ପୂର୍ଣ୍ଣିମା କେର୍କେଟାଙ୍କ ପ୍ରାର୍ଥିତ୍ୱ ପ୍ରାୟ ଚୂଡ଼ାନ୍ତ ବୋଲି କୁହାଯାଉଛି। ତେବେ ତୃତୀୟ ଆସନରେ ସୁଜିତ କୁମାର ବା ସମୀର ମହାନ୍ତିଙ୍କୁ ପ୍ରାର୍ଥୀ କରାଯିବା ନେଇ ଚର୍ଚ୍ଚା ଚାଲିଛି। ସେହିପରି ଜାତୀୟସ୍ତରରୁ ଜଣେ ବିଜେପି ନେତାଙ୍କୁ ସୁଯୋଗ ମିଳିପାରେ ବୋଲି କୁହାଯାଉଛି।

## କଂଗ୍ରେସ ବିଧାୟକ ଦଳ ବୈଠକ

# ଦତ୍ତେଶ୍ୱର ଲୋଡ଼ିଲେ ସମର୍ଥନ

### ବୈଠକରେ ପହଞ୍ଚିପାରିଲେନି ୨ ବିଧାୟକ

ଭୁବନେଶ୍ୱର,୨।୩(ସମିସ): ଆସନ୍ତା ରାଜ୍ୟସଭା ନିର୍ବାଚନ ପ୍ରରିପେକ୍ଷୀରେ କଂଗ୍ରେସର ବିଧାୟକ ଦଳ ବୈଠକ ସୋମବାର ଅନୁଷ୍ଠିତ ହୋଇଛି। ଭୁବନେଶ୍ୱରସ୍ଥିତ ହୋଟେଲ ସ୍ୱସ୍ତିରେ ପିସିସି ସଭାପତି ଭକ୍ତଚରଣ ଦାସଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ବିଜେଡି ଦ୍ୱାରା ଘୋଷିତ 'କମନ୍ କ୍ୟାଣ୍ଡିଡେଟ୍' ଡାକ୍ତର ଦତ୍ତେଶ୍ୱର ହୋତା ବୈଠକରେ ଉପସ୍ଥିତ ରହି ତାଙ୍କ ପ୍ରାର୍ଥିତ୍ୱକୁ ସମର୍ଥନ ଜଣାଇଥିବାରୁ କଂଗ୍ରେସ ବିଧାୟକ ସମେତ ହାଇକମାଣ୍ଡ ଓ ରାଜ୍ୟ ନେତୃବୃନ୍ଦଙ୍କୁ କୃତଜ୍ଞତା ଜଣାଇଛନ୍ତି।

ସୂଚନାଯୋଗ୍ୟ ଯେ ସୋମବାର ପ୍ରଥମେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମଙ୍କ ଘରେ ବୈଠକ ଅନୁଷ୍ଠିତ ହେବା ନେଇ ଧାର୍ଯ୍ୟ ହୋଇଥିଲା। ତେବେ କିଛି ନିର୍ଦ୍ଦିଷ୍ଟ କାରଣରୁ ବୈଠକ ସ୍ୱସ୍ତି ପ୍ରିମିୟମରେ ରଖାଯାଇଥିଲା। ନିର୍ଦ୍ଧାରିତ ସମୟସୁଦ୍ଧା କଂଗ୍ରେସର ୧୨ ଜଣ ବିଧାୟକ ଉପସ୍ଥିତ ଥିଲେ ହେଁ ବିଧାୟକ ରମେଶ ଜେନା ଓ ବିଧାୟିକା ସୋଫିଆ ଫିର୍ଦ୍ଦୋଶ ବୈଠକରେ ପହଞ୍ଚି ପାରି ନ ଥିଲେ। ବୈଠକ ପରେ ଡାକ୍ତର ହୋତା କହିଥିଲେ ଯେ ଆଜିର ବୈଠକରେ ମୁଁ କଂଗ୍ରେସର ସଦସ୍ୟମାନଙ୍କୁ ଭେଟିବାର ସୁଯୋଗ ପାଇଲି। ମୋତେ ସୁଯୋଗ ଦେଇଥିବାରୁ କଂଗ୍ରେସର ପ୍ରଭାରୀ, ସହପ୍ରଭାରୀ, ପିସିସି ସଭାପତି, କଂଗ୍ରେସ ବିଧାୟକ ଦଳ ନେତା ଓ ବିଧାୟକମାନଙ୍କୁ କୃତଜ୍ଞତା ଜଣାଉଛି। ମୁଁ ପେସାରେ ଜଣେ ଡାକ୍ତର, ସେବା କରିବା ମୋ ଧର୍ମ ହୋଇଥିବା ବେଳେ ମୋତେ ସୁଯୋଗ ଦେଲେ ରାଜ୍ୟର ସେବା କରିବି। ଜଣେ କମନ କ୍ୟାଣ୍ଡିଡେଟ ଭାବରେ ମୁଁ ସମସ୍ତଙ୍କର ସାହାଯ୍ୟ ଭିକ୍ଷା କରିଛି। ସେହିପରି ଆଜିର ବୈଠକରେ ଅନୁପସ୍ଥିତ ଥିବା କଂଗ୍ରେସର ଅନ୍ୟ ୨ ବିଧାୟକଙ୍କୁ ଭେଟିବି ବୋଲି ସେ କହିଛନ୍ତି। ବୈଠକରେ ପିସିସି ପ୍ରଭାରୀ ଅଜୟ କୁମାର ଲଲ୍ଲୁ ମଧ୍ୟ ଉପସ୍ଥିତ ଥିଲେ।

# ମାର୍ଚ୍ଚ ୫ ତାରିଖରେ ରାଜ୍ୟବ୍ୟାପୀ ବିଜୁ ଜୟନ୍ତୀ



■ ଆୟୋଜନ ହେବ ରକ୍ତଦାନ ଶିବିର, ସବୁ ଅଞ୍ଚଳରେ ଦିଆଯିବ ଶ୍ରଦ୍ଧା ସୁମନ
■ ସମୃଦ୍ଧ ଓଡ଼ିଶା ଗଠନରେ ବିଜୁ ବାବୁଙ୍କ ଭୂମିକା ପ୍ରସଙ୍ଗରେ ହେବ ଆଲୋଚନା

ଭୁବନେଶ୍ୱର,୨।୩(ସମିସ): ପ୍ରତିବର୍ଷ ପରି ଚଳିତ ବର୍ଷ ମାର୍ଚ୍ଚ ୫ ତାରିଖରେ ରାଜ୍ୟବ୍ୟାପୀ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳନ କରାଯିବ। ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ବିଜୁ ଜୟନ୍ତୀ ପାଇଁ ମାର୍ଚ୍ଚ ୫ ତାରିଖରେ ସ୍ଥିରୀକୃତ ହୋଇଥିବା କାର୍ଯ୍ୟକ୍ରମ ଗୁଡିକ ବିଷୟରେ ରାଜ୍ୟର ସମସ୍ତ ଜିଲ୍ଲା ସଭାପତି ଓ ସମସ୍ତ ନିର୍ବାଚନ ମଣ୍ଡଳୀର ନେତାଙ୍କୁ ବିଜେଡି ପକ୍ଷରୁ ଅବଗତ କରାଯାଇଛି।

ଶଙ୍ଖ ଭବନ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ଭୁବନେଶ୍ୱର ଜିଲ୍ଲା ସଭାପତି ଅଶୋକ ଚନ୍ଦ୍ର ପଣ୍ଡା ବିଜୁ ଜୟନ୍ତୀ ଅବସରରେ ହେବାକୁ ଥିବା କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଛନ୍ତି।

ଶ୍ରୀ ମିଶ୍ରଙ୍କ ସୂଚନା ଅନୁସାରେ ୫ ତାରିଖରେ ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧା ସୁମନ ଅର୍ପଣ, ଦେଶାତ୍ମବୋଧ ସଙ୍ଗୀତ ଗାନ କରିବା ସହିତ ସମୃଦ୍ଧ ଓଡ଼ିଶା ଗଠନରେ ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ଭୂମିକା ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହେବ। ଏହାଛଡ଼ା ବିଭିନ୍ନ ସ୍ଥାନରେ ରକ୍ତଦାନ ଶିବିର ଆୟୋଜିତ ହେବ। ବିଜେଡି ମୁଖ୍ୟାଳୟରେ ମଧ୍ୟ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ, ଯେଉଁଥିରେ ବିଜେଡି ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗ ଦେବେ। ଅଶୋକ ଚନ୍ଦ୍ର ପଣ୍ଡା କହିଛନ୍ତି ଯେ ପ୍ରତିବର୍ଷ ରାଜ୍ୟବ୍ୟାପୀ ବିଜୁ ଜୟନ୍ତୀ ଆନନ୍ଦ ଉଲ୍ଲାସରେ ପାଳନ କରାଯାଏ। ପ୍ରବାଦପୁରୁଷ ବିଜୁ ବାବୁଙ୍କ ନୀତି ଆଦର୍ଶକୁ ପାଥେୟ କରି ଗଠନ ହୋଇଥିବା ବିଜୁ ଜନତା ଦଳ ସବୁବେଳେ ସେବା କାର୍ଯ୍ୟକ୍ରମରେ ବିଶ୍ୱାସ ରଖେ । ବିଜେଡି ପକ୍ଷରୁ ଆୟୋଜିତ ହେବାକୁ ଥିବା ବିଜୁ ଜୟନ୍ତୀ ଅବସରରେ ପ୍ରବାଦ ପୁରୁଷ ବିଜୁ ବାବୁଙ୍କ କୀର୍ତ୍ତିକୁ ସ୍ମରଣ କରିବା ସହିତ ବିଜେଡିର ନେତା ଓ କର୍ମୀମାନେ ସେବାରେ ବ୍ରତୀ ହେବେ ବୋଲି ସଂକଳ୍ପ ନେବେ ବୋଲି ସେ କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ବିଧାୟକ ସୁଶାନ୍ତ କୁମାର ରାଉତ, ବିଧାୟକ ଅନନ୍ତ ନାରାୟଣ ଜେନା, ଯୁବ ବିଜେଡି ସଭାପତି ଚିନ୍ମୟ ସାହୁ ଓ ଛାତ୍ର ବିଜେଡି ସଭାନେତ୍ରୀ ଇପ୍ସିତା ସାହୁ ଉପସ୍ଥିତ ଥିଲେ ।

## ୨୫ରୁ ରତ୍ନଭଣ୍ଡାର ଅଳଙ୍କାର ଗଣତିମଣତି

ପୁରୀ, ୨।୩ (ସମିସ): ଆସନ୍ତା ୨୫ ତାରିଖରେ ମହାପ୍ରଭୁଙ୍କ ରତ୍ନ ଅଳଙ୍କାର ଗଣତିମଣତି ଆରମ୍ଭ ହେବ। ଏହି ଦିନ ମଧ୍ୟାହ୍ନ ୧୨ଟାରୁ ଅପରାହ୍ଣ ୧ଟା ୪୫ ମଧ୍ୟରେ ଗଣତିମଣତି ଆରମ୍ଭ କରାଯିବାର ଶୁଭ ମୁହୂର୍ତ୍ତ ରହିଛି। ସୋମବାର ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଅନୁଷ୍ଠିତ ପରିଚାଳନା କମିଟି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ କୁମାର ପାଢ଼ୀ ସୂଚନା ଦେଇଛନ୍ତି।

ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକ ପ୍ରାୟ ୩ଘଣ୍ଟା ଧରି ଚାଲିଥିଲା। ବୈଠକ ପରେ ମୁଖ୍ୟ ପ୍ରଶାସକ ଡ. ପାଢ଼ୀ କହିଥିଲେ ଯେ ସମସ୍ତଙ୍କ ସହମତିକ୍ରମେ ଗଣତି ମଣତି କିପରି ଶୃଙ୍ଖଳିତ ହେବ, ତା' ଉପରେ ନିଷ୍ପତ୍ତି ନିଆଯାଇଛି। ମାର୍ଚ୍ଚ ୨୫ ତାରିଖ ଚୈତ୍ର ଶୁକ୍ଳପକ୍ଷ ସପ୍ତମୀ ତିଥିର ଶୁଭ ମୁହୂର୍ତ୍ତ ମଧ୍ୟାହ୍ନ ୧୨ଟାରୁ ଅପରାହ୍ଣ ୧ଟା ୪୫ ମଧ୍ୟରେ ରତ୍ନ ଅଳଙ୍କାର ଗଣତି ମଣତି ଆରମ୍ଭ କରାଯିବ। ଇତିମଧ୍ୟରେ ଏଥିପାଇଁ ଯାହା ଆନୁସଙ୍ଗିକ ବ୍ୟବସ୍ଥା କରିବା କଥା, ପ୍ରଶାସନ ତରଫରୁ କରଯିବ। ସେହିପରି ବୈଠକରେ ଗଣତି ମଣତିର ଏସ୍ଓପି ବା ମାର୍ଗଦର୍ଶିକା ବିଷୟରେ ମଧ୍ୟ ଆଲୋଚନା କରାଯାଇଛି। ଏଥିଲାଗି ବିଭିନ୍ନ ଦାୟିତ୍ୱ ବଣ୍ଟନ କରାଯାଇଛି। ଗଣତିମଣତି ଲାଗି ଦୁଇଟି ଟିମ୍ ଗୋଟିଏ ତତ୍ତ୍ୱାବଧାରକ ବା ସୁପରଭାଇଜିଂ ଏବଂ ଅନ୍ୟଟି କାର୍ଯ୍ୟର୍ବାହୀ ବା ହ୍ୟାଣ୍ଡଲିଂ ଟିମ୍ ଗଠନ କରାଯାଇଛି।

ତତ୍ତ୍ୱାବଧାରକ ଟିମ୍‌ରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଦଳପତି ଏବଂ ୩ ଜଣ ସଦସ୍ୟ ରହିବେ। ସେହିପରି କାର୍ଯ୍ୟବାହୀ ଦଳରେ ୧୦ ଜଣ ସଦସ୍ୟ ରହିବେ। ଏହି ଦଳରେ ଶ୍ରୀମନ୍ଦିର ପାଟଯୋଶୀ ମହାପାତ୍ର, ଭଣ୍ଡାର ମେକାପ, ତଢ଼ଉକରଣ, ଦେଉଳକରଣ, ଶ୍ରୀମନ୍ଦିର ବଣିଆ ସେବକ ରହିବେ।

## ଆଜି କେତୁଗ୍ରସ୍ତ ଚନ୍ଦ୍ରଗ୍ରହଣ

# ସୂର୍ଯ୍ୟୋଦୟରୁ ପାକତ୍ୟାଗ, ଦେବନୀତି ନିଷେଧ

### ଶ୍ରୀମନ୍ଦିରରେ ହେବ ସ୍ୱତନ୍ତ୍ର ନୀତିକାନ୍ତି

ପୁରୀ, ୨।୩ (ସମିସ): ଫାଲ୍‌ଗୁନ ପୂର୍ଣ୍ଣିମା ତଥା ଦୋଳ ପୂର୍ଣ୍ଣିମାରେ ସଂଘଟିତ ହେବ କେତୁଗ୍ରସ୍ତ ଚନ୍ଦ୍ରଗ୍ରହଣ। ଏହା ଭାରତରେ ଦୃଶ୍ୟମାନ ହେବ। ତେଣୁ ଦୃଶ୍ୟ ହେଉଥିବା ଓଡ଼ିଶା ସମେତ ଅନ୍ୟ ଅଞ୍ଚଳରେ ଏହା ପାଳନୀୟ। ଅପରାହ୍ଣ ୩ଟା ୨୦ ମିନିଟ୍ ୧୭ ସେକେଣ୍ଡରେ ଗ୍ରହଣ ସ୍ପର୍ଶ ହୋଇ ସନ୍ଧ୍ୟା ୬ଟା ୪୭ ମିନିଟ୍ ୧୩ ସେକେଣ୍ଡରେ ସର୍ବମୋକ୍ଷ ହେବ। ଅପରାହ୍ଣ ୩ଟା ୨୦ ମିନିଟ୍ ୧୭ ସେକେଣ୍ଡରେ ଗ୍ରହଣ ସ୍ପର୍ଶ, ଅପରାହ୍ଣ ୫ଟା ୩୩ ମିନିଟ୍ ୨୭ ସେକେଣ୍ଡରୁ ମୋକ୍ଷାରମ୍ଭ ହୋଇ ସନ୍ଧ୍ୟା ୬ଟା ୪୭ ମିନିଟ୍ ୧୩ ସେକେଣ୍ଡରେ ସର୍ବମୋକ୍ଷ ହେବ। ଗ୍ରହଣର ଆଦ୍ୟନ୍ତକାଳ ୩ ଘଣ୍ଟା ୨୭ ମିନିଟ୍ ରହିଥିବା ବେଳେ ଏହାର ଦୃଶ୍ୟମାନ ମାତ୍ର ୫୭ ମିନିଟ୍।

ପୁରୀକୁ ଗ୍ରହଣ ୩ଟା ୨୦ ମିନିଟ ୧୭ ସେକେଣ୍ଡରେ ସ୍ପର୍ଶ କରିବ। ଗ୍ରାସ ଥାଇ ଚନ୍ଦ୍ର ଉଦୟ ହେବ। ସନ୍ଧ୍ୟା ୬ଟା ୪୭ ମିନିଟ ୧୩ ସେକେଣ୍ଡରେ ସର୍ବମୋକ୍ଷ ରହିଛି। ତେଣୁ ଗ୍ରହଣ ଗ୍ରସ୍ତୋଦୟ ହେଉଥିବାରୁ ସୂର୍ଯ୍ୟ ଉଦୟରୁ ସନ୍ଧ୍ୟା ୬ଟା ୪୭ ମିନିଟ ପର୍ଯ୍ୟନ୍ତ ପାକକର୍ମ, ଅନ୍ନଭୋଗ ଓ ଦେବନୀତି ନିଷେଧ। ବାଳକ, ବୃଦ୍ଧ, ରୋଗୀମାନଙ୍କ ପକ୍ଷେ ନିୟମ ଲଂଘନୀୟ। ତେଣୁ ଦେବନୀତି ସୂର୍ଯ୍ୟ ଉଦୟ ପୂର୍ବରୁ ସାରିବାକୁ ପଡ଼ିବ। ସର୍ବମୋକ୍ଷ ପରେ ସ୍ନାନପୂର୍ବକ ଦେବନୀତି ଓ ଅନ୍ନଭୋଜନ କରାଯାଇପାରିବ।

ଚନ୍ଦ୍ରଗ୍ରହଣ ପାଇଁ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କର ସ୍ୱତନ୍ତ୍ର ନୀତିକାନ୍ତି ଅନୁଷ୍ଠିତ ହେବ। ଏଥିଲାଗି ଛତିଶାନିଯୋଗ ବୈଠକରେ ନୀତିନିର୍ଘଣ୍ଟ କରାଯାଇଛି। ସୋମବାର ମେଣ୍ଢାପୋଡ଼ି ନୀତି ସଅଳ ସାରି ରାତି ୧୦ଟାରେ ରାତ୍ର ପହୁଡ଼ କରାଯିବ। ରାତ୍ର ୧ଟାରେ ଦ୍ୱାର ଫିଟାଯାଇ ଅନ୍ୟାନ୍ୟ ନୀତି ଚାଲିବ। ମଙ୍ଗଳବାର ସକାଳ ୬ଟାରେ ଶ୍ରୀଦୋଳଗୋବିନ୍ଦ, ଶ୍ରୀଦେବୀ, ଭୂଦେବୀ ବିମାନକୁ ବିଜେ କରିବେ। ବିମାନ ବେଢ଼ା ପରେ ଏହି ସମୟରୁ ଦେବନୀତି ବନ୍ଦ ରହିବ। ଭକ୍ତମାନେ ମହାପ୍ରଭୁଙ୍କୁ ରତ୍ନସିଂହାସନରେ ଦର୍ଶନ କରିପାରିବେ।

ଗ୍ରହଣ ଲାଗିବା ପରେ ମହାପ୍ରଭୁଙ୍କ ମଇଲମ ଓ ଗ୍ରହଣ ମହାସ୍ନାନ ନୀତି କରାଯିବ। ପରେ ଅନ୍ୟାନ୍ୟ ନୀତି ଯେପରିକି, ସାଧାବେଶ, ରୋଷହୋମ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା ପରେ ସନ୍ଧ୍ୟା ସାଢ଼େ ୭ଟାରେ ଗ୍ରହଣ ଭୋଗ ହେବ। ୭ଟାରେ ମଇଲମ ପରେ ରାତି ୮ରୁ ସାଢ଼େ ୯ଟା ମଧ୍ୟରେ ମହାପ୍ରଭୁଙ୍କ ସୁନାବେଶ ବା ରାଜାଧିରାଜ ବେଶ ଅନୁଷ୍ଠିତ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ତେବେ ସଅଳ ନୀତିକାନ୍ତି ହୋଇନପାରିଲେ, ବିଧି ଅନୁସାରେ ଗ୍ରହଣ ମୋକ୍ଷ ନୀତି ପରେ ସମସ୍ତ ନୀତି କରାଯିବା ନେଇ ବୈଠକରେ ନିଷ୍ପତ୍ତି ହୋଇଛି।

# ମେ' ଦ୍ୱିତୀୟ ସପ୍ତାହରେ ମାଟ୍ରିକ୍ ପରୀକ୍ଷା ଫଳ

କଟକ, ୨।୩ (ସମିସ): ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ଚଳିତ ୨୦୨୬ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା ସୋମବାର ସାରା ରାଜ୍ୟରେ ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି। ରାଜ୍ୟର ମୋଟ ୩,୦୮୨ଟି କେନ୍ଦ୍ରରେ ଏହି ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଚଳିତବର୍ଷ ଫେବୃଆରୀ ୧୯ରୁ ପରୀକ୍ଷା ଆରମ୍ଭ ହୋଇ ମାର୍ଚ୍ଚ ୨ଯାଏଁ ଚାଲିଥିଲା। ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇଙ୍କ ସୂଚନା ଅନୁସାରେ, କେତେକ ସାମାନ୍ୟ ଘଟଣାକୁ ବାଦ୍ ଦେଲେ ପରୀକ୍ଷା ସମ୍ପୂର୍ଣ୍ଣ ସୁରୁଖୁରୁରେ ଶେଷ ହୋଇଛି। ଏଥର ପରୀକ୍ଷାରେ କୌଣସି ପରୀକ୍ଷାର୍ଥୀ କପିବା ଅସାଧୁ ଉପାୟ ଅବଲମ୍ବନ କରିନଥିବା ଜଣାପଡ଼ିଛି। ବର୍ତ୍ତମାନ ଓଏମ୍ଆର୍ ସିଟ୍ ମୂଲ୍ୟାୟନ ଜାରି ରହିଥିବା ବେଳେ ଆସନ୍ତା ୧୯ ତାରିଖରୁ ସବଜେକ୍ଟିଭ ପେପର୍ ମୂଲ୍ୟାଙ୍କନ କରାଯିବ। ଏଥିପାଇଁ ୫୨ଟି ମୂଲ୍ୟାୟନ କେନ୍ଦ୍ର କରାଯାଇଛି। ମୂଲ୍ୟାୟନ ପ୍ରକ୍ରିୟାରେ ପ୍ରାୟ ୧୫ ହଜାର ଶିକ୍ଷକଙ୍କୁ ନିୟୋଜିତ କରାଯିବ। ସେହିଭଳି ମେ' ମାସ ଦ୍ୱିତୀୟ ସପ୍ତାହ ସୁଦ୍ଧା ପରୀକ୍ଷା ଫଳ ପ୍ରକାଶ ପାଇବ ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି। ଚଳିତବର୍ଷ ରେକର୍ଡ ସଂଖ୍ୟକ ୩୯୯୯ ଜଣ ଭିନ୍ନକ୍ଷମ ପରୀକ୍ଷାର୍ଥୀ ମାଟ୍ରିକ୍ ପରୀକ୍ଷା ଦେଇଥିଲେ।

## ଅଢ଼େଇ ମାସ ହେଲା ମିଳିନି 'ମନରେଗା' ମଜୁରି

# ହନ୍ତସନ୍ତ ୨୭ ଲକ୍ଷ ଶ୍ରମିକ

ଭୁବନେଶ୍ୱର, ୨।୩(ସମିସ): ମନରେଗା ଯୋଜନାର ନାମ ପରିବର୍ତ୍ତନ ପରେ ଶ୍ରମିକଙ୍କୁ ପାରିଶ୍ରମିକ ମିଳୁନି। କାମ କରିଥିବା ଶ୍ରମିକମାନେ ଦୀର୍ଘ ଅଢ଼େଇ ମାସ ହେବ ପାଉଣା ଅପେକ୍ଷାରେ ରହିଛନ୍ତି। ଅଧିକାରୀଙ୍କ ଠାରୁ ଆରମ୍ଭ କରି ଜନ ପ୍ରତିନିଧିଙ୍କୁ ଗୁହାରି କରୁଥିଲେ ମଧ୍ୟ ସମସ୍ତେ ହାତ ଟେକି ଦେଉଛନ୍ତି। ଫଳରେ ଶ୍ରମିକମାନେ ଆନ୍ଦୋଳନ ମୁହାଁ ହୋଇଛନ୍ତି।

ତଥ୍ୟ ଅନୁଯାୟୀ, ଚଳିତ ଆର୍ଥିକ ବର୍ଷରେ ରାଜ୍ୟର ପ୍ରାୟ ୧ କୋଟି ୮୯ ଲକ୍ଷ ୨୯ ହଜାରରୁ ଅଧିକ ଶ୍ରମିକ ମନରେଗା ଯୋଜନାରେ କାର୍ଯ୍ୟ କରିଛନ୍ତି। ତନ୍ମଧ୍ୟରୁ ୧ କୋଟି ୬୧ ଲକ୍ଷ ୬୭ ହଜାର ୩୫୮ ଶ୍ରମିକଙ୍କୁ ପାଉଣା ପ୍ରଦାନ କରାଯାଇଛି। ମାତ୍ର ଆହୁରି ୨୭ ଲକ୍ଷ ୬୨ ହଜାର ୨୯୧ ଜଣ ଶ୍ରମିକଙ୍କୁ ଏବେଯାଏଁ ପାରିଶ୍ରମିକ ମିଳିନାହିଁ। ଏଫ୍‌ଟିଓ ଜେନେରେଟ୍ ହୋଇ ନଥିବା ଆହୁରି ଅନେକ ଶ୍ରମିକ ପାଉଣା ଅପେକ୍ଷାରେ ରହିଛନ୍ତି। ଗତ ଡିସେମ୍ବର ୧୫ ତାରିଖ ଠାରୁ କାମ କରିଥିବା ଶ୍ରମିକଙ୍କୁ ଆଉ ମଜୁରି ମିଳିନାହିଁ। କେବେ ମିଳିବ ସେ ନେଇ ମଧ୍ୟ ପଞ୍ଚାୟତ ଠାରୁ ବ୍ଲକ୍ ସ୍ତରୀୟ ଅଧିକାରୀମାନେ କୌଣସି ସ୍ପଷ୍ଟ ଉତ୍ତର ଦେଇପାରୁ ନାହାନ୍ତି। ଫଳରେ ଶ୍ରମିକଙ୍କ ମୁଣ୍ଡରେ ଚଡ଼କ ପଡ଼ିଛି। ଦିନରେ କାମକଲେ ସଞ୍ଜରେ ଚୁଲି ଜଳୁଥିବା ପରିବାର ଏବେ ମନରେଗାରେ କାମ କରି ନିଜ ଭାଗ୍ୟକୁ ନିନ୍ଦୁଛନ୍ତି। ସରକାର ସେମାନଙ୍କୁ କାମ ଦେବ କହି ସଠିକ୍ ସମୟରେ ପ୍ରାପ୍ୟ ପ୍ରଦାନ କରୁନଥିବାରୁ ହିନସ୍ତା ହେଉଛନ୍ତି। ଦୁଇଓଳି ଖାଇବା ପାଇଁ ଅନ୍ୟ ପାଖରେ ହାତ ପତାଉଥିବା ଅଭିଯୋଗ ହୋଇଛି।

ରାଜ୍ୟରେ ଦାଦନ ସମସ୍ୟା ଉତ୍କଟ ରୂପ ଧାରଣ କରୁଥିବାବେଳେ ମନରେଗା ଯୋଜନାକୁ ସରକାର ଅଧିକ ବ୍ୟାପକ କରିଥିଲେ। ଘର ଛାଡ଼ି ବାହାରେ ଦାଦନ ଖଟିବାକୁ ଯାଉଥିବା ଶ୍ରମିକ ପରିବାରକୁ ନିଜ ପଞ୍ଚାୟତରେ ମାସିକ ଶହେ ଦିନ କାମ ଯୋଗାଇ ଦେଉଛନ୍ତି। ମନରେଗା ଯୋଜନାର ନାମ ପରିବର୍ତ୍ତନ କରି ବିକଶିତ ଭାରତ ନିଶ୍ଚିତ ରୋଜଗାର ଓ ଆଜୀବିକା ମିସନ (ଗ୍ରାମୀଣ) ବା 'ଭିବି-ଜି ରାମ ଜି' କରି କର୍ମ ନିଯୋଜନ ଦିବସକୁ ଆଉ ୨୫ ଦିନ ବଢ଼ାଇଛନ୍ତି।

ମାତ୍ର କାମ କରୁଥିବା ଶ୍ରମିକମାନଙ୍କୁ ସଠିକ୍ ସମୟରେ ପାରିଶ୍ରମିକ ମିଳୁ ନଥିବାରୁ ବହୁ ଶ୍ରମିକ ଏହି ଯୋଜନାରୁ ମୁହଁ ଫେରାଉଛନ୍ତି। କାମ କରି ପ୍ରାପ୍ୟ ନ ପାଇବା ଠାରୁ ଦାଦନ ଯିବାକୁ ଶ୍ରେୟ ମଣୁଛନ୍ତି। ଫଳରେ ସରକାରଙ୍କ ଏହି ଯୋଜନା ଏକପ୍ରକାର ବାଟବଣା ହୋଇଛି। ଦୁଇ ଦଶନ୍ଧି ଧରି ଦେଶର ଗ୍ରାମୀଣ ପରିବାର ଲାଗି ରୋଜଗାରର ମାଧ୍ୟମ ପାଲଟିଥିବା ଏହି ଯୋଜନା ଲୋକଙ୍କ ପାଇଁ କାଳ ହେଉଛି।




## ୨୦୦ ଜୀବନ୍ତ କଇଁଛ ସହ ବୋଲେରୋ ଗାଡ଼ି ଜବତ

କାଲିମେଳା, ୨।୩(ସମିସ): ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ୍‌ର କାଲିମେଳା, ଏମ୍‌ଭି-୭୯ ଓ ମୋଟୁ ବନ ବିଭାଗ ମିଳିତ ଚଢ଼ଉ କରି ୨୦୦ଟି ଜୀବନ୍ତ କଇଁଛ ଜବତ କରିଛନ୍ତି। କୁର୍ତ୍ତି ସେକ୍ସନ୍ ଅନ୍ତର୍ଗତ ଏମଭି-୬୨ ଗ୍ରାମ ନିକଟ ଜଙ୍ଗଲରେ ଅଭିଯୁକ୍ତମାନେ ଏକ ବଲେରୋ ଭିତରେ କଇଁଛଗୁଡ଼ିକୁ ଲୁଚାଇ ରଖିଥିଲେ। ତେବେ, ବନବିଭାଗ ଉକ୍ତ ଗାଡ଼ିକୁ ଜବତ କରିଥିଲେ ମଧ୍ୟ ମାଫିଆମାନେ ଗାଡ଼ି ଛାଡ଼ି ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲେ। ଏହି ସବୁ କଇଁଛ ଆନ୍ଧ୍ରପ୍ରଦେଶରୁ କୁର୍ତ୍ତି ଅଞ୍ଚଳକୁ ଆସୁଥିଲା।



ସକାଳ
THE SAKALA



# ଭେଣ୍ଡିଂ ଜୋନରେ ତାଲା, ରାସ୍ତାରେ ବେପାର

ତାଳଚେର,୨ ।୩(ସମିସ):





ତାଳଚେର ରାସ୍ତାକଡ଼ର ଉଠା ବ୍ୟବସାୟୀଙ୍କୁ ଥଇଥାନ କରିବାକୁ ପୌରପରିଷଦ ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ ଭେଣ୍ଡିଂ ଜୋନ ନିର୍ମାଣ କରାଯାଇଛି । ତେବେ ନିର୍ମାଣଠାରୁ ଆଜିପର୍ଯ୍ୟନ୍ତ ଭେଣ୍ଡିଂ ଜୋନ ଗୃହଗୁଡ଼ିକରେ ତାଲା ପକାଇ ରଖାଯାଇଛି । ସେଠାରେ କାହିଁକି ଉଠା ବ୍ୟବସାୟୀଙ୍କୁ ଥଇଥାନ କରାଯାଉ ନାହିଁ ବୋଲି ପ୍ରଶ୍ନ ଉଠିଛି ।

ପୂର୍ବ ସରକାର ଅମଳରେ ତାଳଚେର ସହର ହାଟତୋଟା ଲିଙ୍ଗରାଜ ରାସ୍ତା ପାଶ୍ୱର୍ରେ ଲକ୍ଷଲକ୍ଷ ଟଙ୍କା ବ୍ୟୟରେ ଭେଣ୍ଡିଂ ଜୋନ ନିର୍ମାଣ କରାଯାଥିଲା । ଏହି ଭେଣ୍ଡିଂ ଜୋନର ଉଦ୍ଦେଶ୍ୟ ଥିଲା, ରାସ୍ତା କଡ଼ରେ ବ୍ୟବସାୟ କରୁଥିବା ବ୍ୟବସାୟୀଙ୍କୁ ଏଥିରେ ଥଇଥାନ କରାଯାଇ ରାସ୍ତାଗୁଡ଼ିକ ଚଳପ୍ରଚଳ ପାଇଁ ସୁଗମ କରିବା । ମାତ୍ର ଉଦ୍ଦେଶ୍ୟ ଉଦ୍ଦେଶ୍ୟରେ ହିଁ ରହିଗଲା । ବ୍ୟବସ୍ଥିତ ଢଙ୍ଗରେ ଆଜି ପର୍ଯ୍ୟନ୍ତ ଭେଣ୍ଡିଂ ଜୋନ୍‌ଗୁଡ଼ିକର ଅବଣ୍ଟନ ହୋଇପାରିଲା ନାହିଁ । ବହୁ ସ୍ଥାନରେ ଭେଣ୍ଡିଂ ଜୋନଗୁଡ଼ିକ ଫାଟିବା ଆରମ୍ଭ କରିବା ସହ ତାଲା ପଡ଼ି ରହିଥିବାରୁ ସେଠାରେ ଅସାମାଜିକଙ୍କ ଆଡ୍ଡା ଜମୁଛି । ଏହି ଭେଣ୍ଡିଂ ଜୋନଗୁଡ଼ିକରେ ଏବେ ଅବାଧରେ ମଦ, ବ୍ରାଉନସୁଗର ଭଳି ନିଶା କାରବାର ହେଉଥିବା ଅଭିଯୋଗ ହେଉଛି । ଭେଣ୍ଡିଂ ଜୋନଗୁଡ଼ିକ ପୌରପରିଷଦ ପକ୍ଷରୁ ନିଲାମ ଡକାଯାଇ କିଛିକାଂଶରେ ଆବଣ୍ଟନ କରାଯାଇଥିଲେ ମଧ୍ୟ ବ୍ୟବସାୟୀମାନେ ଆଜକୁ ୨ବର୍ଷ ହେବ ପୌରପରିଷଦକୁ ଅର୍ଥ ଦେଇଥିବା କୁହାଯାଉଛି । ଅପରପକ୍ଷେ ରାସ୍ତାରେ ବସିଥିବା ବ୍ୟବସାୟୀଙ୍କୁ ଏ ସମ୍ପର୍କରେ ପଚାରିବାରୁ ସେମାନେ କୁହନ୍ତି ଯେ ତାଳଚେର ଅଞ୍ଚଳରେ ଯେଉଁ ହାରରେ ଉତ୍ତାପ ବୃଦ୍ଧି ପାଉଛି, ସେଠାରେ ବସିବା ତ ଦୂର କଥା କେତେ ବେଳେ ଅଂଶୁଘାତରେ ଜୀବନ ଚାଲିଯିବ ତାହା କହିହେବ ନାହିଁ । ସେହିଭଳି ତାଳଚେର ଅଞ୍ଚଳରେ ରାସ୍ତା କଡ଼ରେ ଛେଳି, ମାଛ, କୁକୁଡ଼ା ଅବାଧରେ କଟା ଚାଲୁଥିଲେ ମଧ୍ୟ ଏହାକୁ ରୋକିବାକୁ ପୌରପରିଷଦ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହେଉଛି । ତାଳଚେରବାସୀଙ୍କ ପାଇଁ ରାଜ୍ୟ ସରକାର କେବେ ହେଲେ ଟଙ୍କାଟିଏ ଖର୍ଚ୍ଚ କରୁ ନ ଥିବା ବେଳେ ଖଣିଖାଦାନରୁ ଜିଲ୍ଲା ଖଣିଜ ପାଣ୍ଠିରେ କୋଟିକୋଟି ଟଙ୍କା ରହିଥିଲେ ମଧ୍ୟ ତାହାକୁ ବିନିଯୋଗ କରାଯାଉ ନ ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି । ଏ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି ।

# ଡେରଙ୍ଗ ଚନ୍ଦନ ଯାତ୍ରା ମହୋତ୍ସବ ପ୍ରସ୍ତୁତି ବୈଠକ



କଣିହାଁ,୨ ।୩(ସମିସ): ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ ଡେରଙ୍ଗ ଗ୍ରାମରେ ୭୬ତମ ଚନ୍ଦନ ଯାତ୍ରା ମହୋତ୍ସବ ନିମନ୍ତେ ରବିବାର ଗ୍ରାମ କୋଠଘରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ଗ୍ରାମ ସଭାପତି ପ୍ରଶ୍ନ କୁମାର ନାୟକ ଓ ସମ୍ପାଦକ ସୁଜିତ କୁମାର ସାହୁଙ୍କ ମିଳିତ ସଭାପତିତ୍ୱରେ ବୈଠକ ହୋଇଥିଲା । ଆସନ୍ତା ଏପ୍ରିଲ ୨୩ ତାରିଖ ଚନ୍ଦନ ଯାତ୍ରା ମହୋତ୍ସବ ପାଳନ କରାଯିବ । ଯାତ୍ରା ଅବସରରେ ୪ ଦିନ ଧରି ଆୟୋଜିତ ହେବାକୁ ଥିବା ମନୋରଞ୍ଜନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ହୋଇଥିଲା । ରାଜ୍ୟ ସହ ଅନ୍ୟ ୨ ରାଜ୍ୟର ପ୍ରାୟ ୩୦ ଦଳ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବାକୁ ନିଷ୍ପତ୍ତି ହୋଇଛି । ଏହାସହ ଚାରିଦିନ ଧରି ଅପେରା ପରିବେଷଣ କରାଯିବ ବୋଲି ବୈଠକରେ ସହମତି ହୋଇଛି । ଯାତ୍ରା ପୂର୍ବରୁ ଶ୍ରୀ ଶ୍ରୀ ରାଧାକୃଷ୍ଣ ଠାକୁରଙ୍କ ୭ଦିନ ଧରି ଗ୍ରାମ ପୋଖରୀରେ ଚାପଖେଳା, ନଗର କୀର୍ତ୍ତନ, ଓ ସନ୍ଧ୍ୟାରେ ଠାକୁରଙ୍କ ରୋଷଣୀ କାର୍ଯ୍ୟକ୍ରମ ଶାନ୍ତିଶୃଙ୍ଖଳା ସହ କିପରି ଅନୁଷ୍ଠିତ ହେବ ସେ ନେଇ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା । ବୈଠକରେ ଯୋଗେଶ୍ୱର ସାହୁ, କାନ୍ଦର୍ପ ବେହେରା, ମୋହର୍ଗା ବେହେରା, ସୁନୀଲ ସାହୁ, ତାମିଲ ବେହେରା, ଝୁନା ସାହୁ, ବିଜୟ ସାହୁ, ସଞ୍ଜୟ ବେହେରା, ମହେଶ୍ୱର ବେହେରା, ଜିତୁ ସାହୁ, ଗୁଲେଖ ସାହୁ, ଅକ୍ଷୟ ନାଏକ, ବିନୟ ସାହୁ, ମଦନ ସାହୁ, ପ୍ରଦୀପ କୁମାର ବେହେରା, ବୁଲୁ ସାହୁଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ । ସଭାପତି ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜିଲ୍ଲାସ୍ତରୀୟ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ




ଅନୁଗୋଳ,୨ ।୩(ସମିସ): ଜିଲ୍ଲାପାଳ ଅବଦାଲ୍ ମୁହମ୍ମଦ ଅଖତରଙ୍କ ଅଧ୍ୟକ୍ଷତାରେ ତାଳଚେର ପଞ୍ଚାୟତ ସମିତି ସଭାଗୃହରେ ସୋମବାର ଜିଲ୍ଲାସ୍ତରୀୟ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଶିବିରରେ ଏସ୍‌ପି ରାହୁଲ ଜୈନ ଯୋଗଦେଇଥିଲେ । ସମୁଦାୟ ୪୨ଟି ଅଭିଯୋଗ ଗ୍ରହଣ କରାଯାଇଥିଲା । ସେଥିମଧ୍ୟରୁ ୩୦ଟି ବ୍ୟକ୍ତିଗତ ଓ ୧୨ଟି ସାମୂହିକ ଅଭିଯୋଗ ରହିଥିଲା । ୨ ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା । କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର, ଆଇଏଏସ୍ ପ୍ରୋବେସନର କସ୍ତୁରୀ ସା, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଦେବଦତ୍ତ ମହନ୍ତ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ମଦନ ମୋହନ ପ୍ରଧାନ, ତାଳଚେର ବିଡିଓ ସୁଶାନ୍ତ କୁମାର ବରାଳ, ତାଳଚେର ତହସିଲଦାର ଆଲଫା ଜେନା, ଜିଲ୍ଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ, ଜିଲ୍ଲା ମଙ୍ଗଳ ଅଧିକାରୀ ଦିଲୀପ କୁମାର ମିଶ୍ର, ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀନିବାସ ସାହୁ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ନିରୁପମା ପାଣି, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଉମାଶଙ୍କର ମିଶ୍ର, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ସତ୍ୟନାରାୟଣ ସାହୁଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଓ ବ୍ଲକ୍‌ସ୍ତରୀୟ ଅଧିକାରୀ ଯୋଗଦେଇଥିଲେ ।

# ଜିଲ୍ଲା କାର୍ଯ୍ୟାଳୟରେ ଅଭିଯୋଗ ଶୁଣାଣି

ଅନୁଗୋଳ,୨ ।୩(ସମିସ): ଜିଲ୍ଲା କାର୍ଯ୍ୟାଳୟରେ ଅନୁଗୋଳ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟଙ୍କ ଅଧ୍ୟକ୍ଷତାରେ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏଥିରେ ୧୯ ଅଭିଯୋଗ ଗ୍ରହଣ କରାଯାଇଥିଲା । ୫ ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା ।



୨ ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୧୨ ହଜାର ୫୦୦ ଟଙ୍କା ଓ ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ୫ ହଜାର ଟଙ୍କା ଚିକିତ୍ସା ସହାୟତା ରାଶି ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗଦେଇଥିଲେ ।

# ବିଦ୍ୟାଳୟରେ ପୁରସ୍କାର ବିତରଣ ଉତ୍ସବ

କିଶୋରନଗର,୨ ।୩(ସମିସ): ଆଠମଲ୍ଲିକ ବ୍ଲକ ଆନନ୍ଦପୁରସ୍ଥିତ ଗୁଣ୍ଠୁରୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଛି ।



ପ୍ରଧାନଶିକ୍ଷକ ଶମ୍ଭେଶ୍ୱର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସିଆର୍‌ସିସି ସୁଜିତ୍ କୁମାର ବେହେରା ଯୋଗଦେଇ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରିଥିଲେ । ବରିଷ୍ଠ ଶିକ୍ଷକ ସୁଧାଂଶୁ ଭୂଷଣ ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ମଞ୍ଚ ପରିଚାଳନା କରିଥିଲେ । ବରିଷ୍ଠ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ସାହୁ ଓ ଶିକ୍ଷୟିତ୍ରୀ ରାଜଶ୍ରୀ ଭୋଇ ସହଯୋଗ କରିଥିଲେ । ଖେଳ ଶିକ୍ଷକ ପ୍ରତାପ ବାଘଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା ।

● ହତ୍ୟା ମାମଲାର ରାୟ ପ୍ରକାଶ

# ଦୋଷୀକୁ ଆଜୀବନ କାରାଦଣ୍ଡାଦେଶ

ତାଳଚେର,୨ ।୩(ସମିସ): ଅନୁଗୋଳ ଜିଲ୍ଲା ଖମାର ଥାନା ଅଞ୍ଚଳରେ ସଂଘଟିତ ହତ୍ୟା ମାମଲାର ବିଚାର କରି ତାଳଚେର ଅତିରିକ୍ତ ଜିଲ୍ଲା ଦୌରାଜଜ୍ ସତ୍ୟନାରାୟଣ କର ଦୋଷୀକୁ ଆଜୀବନ କାରାଦଣ୍ଡାଦେଶ ପ୍ରଦାନ କରିଛନ୍ତି । ଏଥିସହ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି । ଜରିମାନା ଅନାଦେୟ ଏକ ବର୍ଷ ଅଧିକ ଜେଲ୍ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି । ଦଣ୍ଡିତ ବ୍ୟକ୍ତି ହେଲେ ଖମାର ଥାନା ପଦାପଶି ଗ୍ରାମର ହଳଧର କିସାନଙ୍କ ପୁଅ ଗେଣ୍ଡୁ କିସାନ । ମାମଲାର ବିବରଣୀ ଅନୁଯାୟୀ, ୨୦୨୩ ସେପ୍ଟେମ୍ବର ୨ରେ ଗେଣ୍ଡୁ କିସାନ ସେହି ଗ୍ରାମର ଖୁଜାରୀ କିସାନଙ୍କୁ ଶୋଇଥିବା ଅବସ୍ଥାରେ ଟାଙ୍ଗିଆରେ ବେକକୁ ହାଣି ହତ୍ୟା କରିଥିଲେ । ଖଜୁରୀଙ୍କ ଝିଅ ସଞ୍ଜିତା କିସାନ ଏ ସମ୍ପର୍କରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁକରି ଗେଣ୍ଡୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ସୋମବାର ଏହି ମାମଲାର ରାୟ ପ୍ରକାଶ ପାଇଛି । ୧୨ ଜଣ ସାକ୍ଷୀଙ୍କ ବୟାନ ଓ ସମସ୍ତ ଦସ୍ତାବିଜ ଆଧାରରେ କୋର୍ଟ ଗେଣ୍ଡୁଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଦଣ୍ଡାଦେଶ ପ୍ରଦାନ କରିଛନ୍ତି । ସରକାରଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ୍ ପ୍ରସିକ୍ୟୁଟର ଗଦାଧର ମୁର୍ମୁ ଓ ଅର୍ଜୁନ ଭୂତିଆ ମାମଲା ପରିଚାଳନା କରୁଥିଲେ ।

# ଅବସରପ୍ରାପ୍ତ ପୁଲିସ ଅଧିକାରୀଙ୍କ ମାତୃ ବିୟୋଗ



ଅନୁଗୋଳ,୨ ।୩(ସମିସ): ବେନ୍ତପୁର ନିବାସୀ ଅବସରପ୍ରାପ୍ତ ପୁଲିସ ଅଧିକାରୀ ଦିଲୀପ କୁମାର ତ୍ରିପାଠୀଙ୍କ ମା’ ଗୀତା ତ୍ରିପାଠୀଙ୍କର ସୋମବାର ସକାଳ ୯ ଟାରେ ୮୧ବର୍ଷ ବୟସରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଛି । ସେ ଜଣେ ଧର୍ମ ପରାୟଣ ମହିଳା ଥିଲେ । ତାଙ୍କ ଦେହାନ୍ତରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ମୃତ୍ୟୁଶଯ୍ୟା ନିକଟରେ ଏକମାତ୍ର ପୁଅ ଦିଲୀପ ତ୍ରିପାଠୀ, ଝିଅ ତଥା ନାଲକୋ ମ୍ୟାନେଜେର ସୁଷମା ତ୍ରିପାଠୀ, ନାତୁଣୀ ବିଚାରପତି ରାଜଶ୍ରୀ ଆର୍ଯ୍ୟବାଳା ତ୍ରିପାଠୀ, ଅନୁଗୋଳର ବରିଷ୍ଠ ଆଇନଜୀବୀ ପ୍ରଦୀପ କୁମାର ଦେବତାଙ୍କ ସମେତ ବହୁ ବରିଷ୍ଠ ପୁଲିସ ଅଧିକାରୀ ଓ ମାନ୍ୟଗଣ୍ୟ ବ୍ୟକ୍ତି ଓ ପରିବାର ସଦସ୍ୟ ଉପସ୍ଥିତ ଥିଲେ । ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ଶେଷକୃତ୍ୟ କରାଯାଇଛି ।

# ଜଳୁଛି ଗୁଜା ପାହାଡ଼, ବନ ବିଭାଗ ନିରବ



କିଶୋରନଗର,୨ ।୩(ସମିସ): ଆଠମଲ୍ଲିକ ଉପଖଣ୍ଡ ବାସୁଦେବପୁର ପଞ୍ଚାୟତ ଦୌଲତପୁର ଓ ଗୌତମପୁର ଗାଁ ନିକଟରେ ଥିବା ଗୁଜା ପାହାଡ଼ରେ ଭୟଙ୍କର ନିଆଁ ଲାଗିଛି । କିଛିଦିନ ଧରି ଏହି ପାହାଡ଼ ଜଳୁଥିବା ବେଳେ ବହୁ ମୂଲ୍ୟବାନ ଗଛଲତା ଓ ଜୀବଜନ୍ତୁ ପୋଡ଼ି ପାଉଁଶ ହୋଇଯାଉଛନ୍ତି । ମାତ୍ର ପରିତାପର ବିଷୟ, ସ୍ଥାନୀୟ ବନ ବିଭାଗ ଏଯାବତ୍ କୌଣସି ଆଖିଦୃଶିଆ ପଦକ୍ଷେପ ନେଇ ନ ଥିବା ଅଭିଯୋଗ ହୋଇଛି । ନିଆଁର ପ୍ରକୋପ ଏତେ ଭୟଙ୍କର ଯେ ଏହା ଧୀରେ ଧୀରେ ଜନବସତି ଆଡ଼କୁ ମାଡ଼ି ଆସୁଛି । ପାହାଡ଼ରେ ଥିବା ବହୁ ଔଷଧୀୟ ବୃକ୍ଷ ସହ ବନ୍ୟଜନ୍ତୁ ମଧ୍ୟ ଅସୁରକ୍ଷିତ ହୋଇପଡ଼ିଛନ୍ତି । ନିଆଁ ଯୋଗୁଁ ସ୍ଥାନୀୟ ଅଞ୍ଚଳରେ ତାପମାତ୍ରା ବୃଦ୍ଧି ପାଇବା ସହ ଧୂଆଁମୟ ପରିବେଶ ସୃଷ୍ଟି ହୋଇଛି, ଯାହା ଗ୍ରାମବାସୀଙ୍କ ପାଇଁ ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି କରୁଛି । ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ବନ ବିଭାଗକୁ ବାରମ୍ବାର ଅବଗତ କରାଯାଇଥିଲେ ସୁଦ୍ଧା କୌଣସି କର୍ମଚାରୀ ଘଟଣାସ୍ଥଳକୁ ଆସିନାହାନ୍ତି । ବନ ବିଭାଗର ଏଭଳି ନିଷ୍କ୍ରିୟତା ଓ ଦାୟିତ୍ୱହୀନତାକୁ ନେଇ ଦୌଲତପୁର ଏବଂ ଗୌତମପୁର ବାସିନ୍ଦାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ତୁରନ୍ତ ନିଆଁକୁ ଆୟତ୍ତ କରା ନ ଗଲେ ପାହାଡ଼ ସମ୍ପୂର୍ଣ୍ଣ ଲଣ୍ଡା ହୋଇଯିବା ସହ ପରିବେଶର ଅପୂରଣୀୟ କ୍ଷତି ହେବ । ଏଥିପ୍ରତି ଜିଲ୍ଲା ପ୍ରଶାସନ ଓ ବନ ବିଭାଗର ଉଚ୍ଚ ଅଧିକାରୀ ଦୃଷ୍ଟି ଦେଇ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ଆଠମଲ୍ଲିକ ଅଞ୍ଚଳର ସନ୍ତୋଷ ମେହେର ସୋସିଆଲ ମିଡିଆ ‘ଏକ୍ସ’ ଯୋଗେ ପ୍ରଶାସନ ନିକଟରେ ଦାବି କରିଛନ୍ତି ।

# ଜଏରାଟ ପଞ୍ଚାୟତରେ ଜନଶୁଣାଣି



କିଶୋରନଗର,୨ ।୩(ସମିସ): କିଶୋରନଗର ବ୍ଲକ ପ୍ରଶାସନ ପକ୍ଷରୁ ଜଏରାଟ ପଞ୍ଚାୟତରେ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏଥିରେ ବିଡିଓ ସୁବ୍ରତ କୁମାର ବେହେରା ଯୋଗଦେଇ ଲୋକଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରି ତାହାର ସମାଧାନ କରିଥିଲେ । ସରପଞ୍ଚ ବିଜୟ ରଥ, ବିଏସଏସଓ ଝସକେତନ ସାହୁ, ସୌମ୍ୟାଶ୍ରୀ ସାହୁ, ଆରଡବ୍ଲ୍ୟୁଏସଏସ୍ କନିଷ୍ଠ ଯନ୍ତ୍ରୀ ମନୋରଞ୍ଜନ ପ୍ରଧାନ, ବିପିସି (ଆରଏଚ) ସୌମ୍ୟରଞ୍ଜନ ପ୍ରଧାନ, ଡିଇଓ (ଆରସିଏମ୍) ସରୋଜ ପ୍ରଧାନଙ୍କ ସମେତ ପଞ୍ଚାୟତର ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ ।

ରାଜ୍ୟସ୍ତରୀୟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

# ଆଠମଲ୍ଲିକକୁ ହରାଇ ସମ୍ବଲପୁର ଚାମ୍ପିଅନ

କୁଇଓ,୨ ।୩(ସମିସ): ଜରାସିଂହା ୟୁଥ୍ କ୍ଲବ ଆନୁକୂଲ୍ୟରେ ଆୟୋଜିତ ରାଜ୍ୟସ୍ତରୀୟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଛି । ଫାଇନାଲ ମ୍ୟାଚ୍ ସମ୍ବଲପୁର ଏବଂ ଆଠମଲ୍ଲିକ ମଧ୍ୟରେ ଖେଳାଯାଇଥିଲା । ସମ୍ବଲପୁର ୪-୧ ଗୋଲରେ ବିଜୟୀ ହୋଇ ଚାମ୍ପିଅନ ହୋଇଛି । ମୁଖ୍ୟଅତିଥି ଭାବେ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ସମ୍ମାନିତ ଅତିଥି ଭାବେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପ୍ରତିନିଧି ସୁଦୀପ ଗଡ଼ନାୟକ, ଛେଣ୍ଡିପଦା ବିଧାୟକଙ୍କ ପ୍ରତିନିଧି ସରୋଜ ଦେବତା, ୨୫ ନମ୍ବର ଜୋନ୍ ବିଜେପି ମଣ୍ଡଳ ସଭାପତି ସନ୍ତୋଷ ସାହୁ, ଜେଏସ୍‌ପିଏଲର ଜୟନ୍ତ ମହାନ୍ତି, ଶିଙ୍ଗାରାଣୀର ଅଧିକାରୀ ପ୍ରବୀଣ କଶ୍ୟପ, ଜରାସିଂହା ଗ୍ରାମ୍ୟ କମିଟି ସମ୍ପାଦକ ଦୁଷ୍ମନ୍ତ ନାୟକ ଯୋଗଦେଇଥିଲେ । ରେଫରୀ ପ୍ରଫୁଲ୍ଲ ଘଡ଼େଇ, ହେମନ୍ତ ପ୍ରଧାନ, ବୀଣାପାଣି ବରୁଆ, ବାସୁଦେବ ସାହୁ ଖେଳ ପରିଚାଳନା କରିଥିଲେ ।




# କଂଗ୍ରେସର ସାଙ୍ଗଠନିକ ବୈଠକ



ପାଲଲହଡ଼ା,୨ ।୩(ସମିସ): ପାଲଲହଡ଼ା କଂଗ୍ରେସ ପକ୍ଷରୁ ନବଗଠିତ ପାଲଲହଡ଼ା ବିଜ୍ଞାପିତ ଅଞ୍ଚଳର ପ୍ରଥମ ଦଳୀୟ ବୈଠକ ବ୍ଲକ କଂଗ୍ରେସ କମିଟି ସଭାପତି ସରୋଜ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି । ବୈଠକରେ ପ୍ରସ୍ତାବିତ ୧୧ ୱାର୍ଡର ସମସ୍ତ କର୍ମକର୍ତ୍ତା ଓ ୱାର୍ଡ ଗଠନ ବାବଦରେ ଆଲୋଚନା ହୋଇଥିଲା । ମୁଖ୍ୟଅତିଥି ଭାବେ ସୁବ୍ରତ ଗଡ଼ନାୟକ ଯୋଗଦେଇଥିଲେ । କଣିହାଁ ବ୍ଲକ କଂଗ୍ରେସ ସଭାପତି ମାନସ ରଞ୍ଜନ ପ୍ରଧାନ, ଅନୁଗୋଳ ଜିଲ୍ଲା ଉପସଭାପତି ଚିତ୍ତରଞ୍ଜନ ପ୍ରଧାନ, ବରିଷ୍ଠ କର୍ମୀ ସୁରେନ୍ଦ୍ର ନାୟକ, ବବୁଲ ପ୍ରଧାନ, ପ୍ରଶାନ୍ତ କୁମାର ପ୍ରଧାନ, ଲୋକନାଥ ପ୍ରଧାନ, ନିଲୁ ରାଜହଂସ, ସୁମନ ନାଏକ, ଖଗେଶ୍ୱର ପିଙ୍ଗୁଆ ଓ ଏସ୍‌ସି ସେଲ ସଭାପତି ସୌରଭ ବେହେରାଙ୍କ ସମେତ ବହୁ କର୍ମୀ ଉପସ୍ଥିତ ରହି ଆଗାମୀ ଦିନରେ ଏନ୍‌ଏସିରେ କଂଗ୍ରେସ ଶକ୍ତିଶାଳୀ କରିବା ସମ୍ପର୍କରେ ଆଲୋଚନା କରିଥିଲେ ।

# ଦୋହଲି ଗାଁରେ ଅଷ୍ଟପ୍ରହର ନାମଯଜ୍ଞ

କିଶୋରନଗର,୨ ।୩(ସମିସ): କିଶୋରନଗର ବ୍ଲକ ଜଏରାଟ ପଞ୍ଚାୟତ ଦୋହଲି ଗ୍ରାମରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଛି । ଗାଁ ନିକଟ ନଦୀରୁ ଶନିବାର କଳସରେ ପାଣି ଅଣାଯାଇ ପୂଜା ମଣ୍ଡପରେ ସ୍ଥାପନ କରାଯାଇଥିଲା । ରବିବାର ପ୍ରାତଃ ସମୟରୁ ପୁରୋହିତ ଉମାଶଙ୍କର ଦାଶଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଇଥିଲା । ଦୋହଲି, କସ୍ତୁରୀବାହାଳ, ଠାକୁରପୁର, ବଣିଆଦୋହଲି, ବାଲଜେରେଙ୍ଗ, ତାଳପଦର, ବଡ଼ରୋହିଲା ଆଦି ଗ୍ରାମର ୧୦ରୁ ଊର୍ଦ୍ଧ୍ୱ ସଂକୀର୍ତ୍ତନ ମଣ୍ଡଳି ଯୋଗଦେଇ ନାମସଂକୀର୍ତ୍ତନ କରିଥିଲେ । ଭକ୍ତଙ୍କ ପାଇଁ ଅନ୍ନଭୋଗ ବ୍ୟବସ୍ଥା କରାଯାଇଥିଲା । କମିଟି ସଭାପତି ଅଲେଖ ବିଶ୍ୱାଳ, ସମ୍ପାଦକ ବିଶ୍ୱଜିତ ସାହୁ, ବିଶ୍ୱଜିତ ପ୍ରଧାନ ଓ ଗ୍ରାମବାସୀ ସହଯୋଗ କରିଥିଲେ ।



# ନାଟ୍ୟକାର ରମେଶ ମିଶ୍ର ସମ୍ବର୍ଦ୍ଧିତ



କିଶୋରନଗର,୨ ।୩(ସମିସ): ବାଲେଶ୍ୱର ନୀହାରକନ୍ୟା ସାହିତ୍ୟ ସଂସଦର ୨୯ତମ ବାର୍ଷିକୋତ୍ସବ ଡ. ହରିଶ୍ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି । ମୁଖ୍ୟଅତିଥି ଭାବେ ସୋର ବିଧାୟକ ମାଧବ ଚନ୍ଦ୍ର ଧଡ଼ା, ମୁଖ୍ୟବକ୍ତା ଭାବେ ଗାଳ୍ପିକ ପବିତ୍ର ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ କବି ଶ୍ରୀଦେବ, ଗାଳ୍ପିକ ଗଙ୍ଗାଧର ବିଶ୍ୱାଳ ଯୋଗଦେଇଥିଲେ । ଏଥିରେ ବଇଣ୍ଡା ତ୍ରିଧାରା ସାହିତ୍ୟ ସଂସଦ ପ୍ରତିଷ୍ଠାତା ତଥା ସମ୍ପାଦକ ଡ. ରମେଶ ଚନ୍ଦ୍ର ମିଶ୍ରଙ୍କୁ “ନୀହାରକନ୍ୟା ନାଟ୍ୟକାର ସମ୍ମାନ’ରେ ସମ୍ମାନିତ କରାଯାଇଛି ।

# ନବନିଯୁକ୍ତ ସରକାରୀ ଓକିଲଙ୍କ ପ୍ରଶିକ୍ଷଣ ଶିବିର

ଅନୁଗୋଳ,୨ ।୩(ସମିସ):



ଅନୁଗୋଳ ବ୍ଲକ୍ ଡାଇମଣ୍ଡଠାରେ ଜିଲ୍ଲାର ନବନିଯୁକ୍ତ ସରକାରୀ ଓକିଲମାନଙ୍କ ଦୁଇଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ୨୭ ତାରିଖ ଅପରାହ୍ନ ୪ଟାରେ ରାଜ୍ୟ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏହାକୁ ଉଦଘାଟନ କରିଥିଲେ । ଉଦଘାଟନ ଉତ୍ସବରେ ଆଇନ ବିଭାଗର ପ୍ରମୁଖ ସଚିବ ଡ. ପବିତ୍ର ମୋହନ ସାମଲ, ରାଜ୍ୟ ସାଧାରଣ ଅଭିଯୋଜନ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଦୀପ୍ତିରଞ୍ଜନ କାନୁନଗୋଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ । ପ୍ରଥମ ଦିନରେ ଢେଙ୍କାନାଳ ଓ ଅନୁଗୋଳ ଜିଲ୍ଲା ଅଭିଯୋଜନ ନିର୍ଦ୍ଦେଶାଳୟର ଉପ ନିର୍ଦ୍ଦେଶକ ଗଣେଶ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ତାଲିମ ଶିବିରରେ ଅବସରପ୍ରାପ୍ତ ଜିଲ୍ଲା ଜଜ୍ ଦୁର୍ଗାଶଙ୍କର ମିଶ୍ର, ଅବସରପ୍ରାପ୍ତ ଉପନିର୍ଦ୍ଦେଶକ ପ୍ରଦୀପ କୁମାର ଦାସ, ଅତିରିକ୍ତ ଏସ୍‌ପି ବିମଳ କୁମାର ନାୟକ, ପିପି ପ୍ରଶାନୁ କୁମାର ମଲ୍ଲିକ, ଡା. ସୌମ୍ୟକାନ୍ତ ବିଶୋଇ, ସ୍ୱତନ୍ତ୍ର ଭିଜିଲାନ୍ସ ପିପି ଅଶ୍ୱିନୀ ମଲ୍ଲିକ ଓ ଜିପି ସୁବାସ ସାହୁ ପ୍ରମୁଖ ପ୍ରଶିକ୍ଷକ ଭାବେ ଯୋଗଦେଇଥିଲେ । ଦେଶରେ ୨୦୨୪ ଜୁଲାଇ ୧ରୁ କାର୍ଯ୍ୟକାରୀ ହୋଇଥିବା ୩ ନୂଆ ଆଇନର ବିଭିନ୍ନ ଦିଗକୁ ତର୍ଜମା କରିବା ସହ ପୀଡ଼ିତଙ୍କୁ କିଭଳି ତ୍ୱରିତ ନ୍ୟାୟ ଦିଆଯାଇପାରିବ ଓ ସରକାରୀ ଓକିଲମାନେ କିଭଳି ମାମଲାକୁ ଅତ୍ୟନ୍ତ ଦକ୍ଷତାର ସହ ଉପସ୍ଥାପନ କରିପାରିବେ ସେ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ ।

ଦ୍ୱିତୀୟ ଦିବସରେ ଅନୁଗୋଳ ଏସ୍‌ପି ରାହୁଲ ଜୈନ, ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର, ପ୍ରତାପ ପ୍ରୀତିମୟ, ଅତିରିକ୍ତ ଏସପି ରାଜୀବ ଲୋଚନ ପଣ୍ଡା, ଶୋଭାରାଣୀ ପଟ୍ଟନାୟକ, ଜିଲ୍ଲା ଅବକାରୀ ବିଭାଗ ଉପ ଅଧିକ୍ଷକ ଧୀରେନ କୁମାର ବେହେରା, ଡିଏସ୍‌ପି ସଙ୍ଗୀତା ଟପ୍ପୋ ଯୋଗଦେଇ ନବନିଯୁକ୍ତ ସରକାରୀ ଓକିଲମାନଙ୍କୁ ସେମାନଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପର୍କରେ ବୁଝାଇବା ସହ ମାମଲା ପରିଚାଳନା ଉପରେ ବିଭିନ୍ନ ପରାମର୍ଶ ଦେଇଥିଲେ । ଆଗାମୀ ଦିନରେ ନିୟମିତ ବ୍ୟବଧାନରେ ଏହିଭଳି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ମତ ରଖିଥିଲେ । ସହନିର୍ଦ୍ଦେଶିକା ହରପ୍ରିୟା ସ, ରୀତା ମିଞ୍ଜ, ଏପିପି ସିଦ୍ଧାର୍ଥ ରାୟ, ସର୍ବଜିତ ଶ୍ରୀଚନ୍ଦନ ଓ ଜିଲ୍ଲା ଅଭିଯୋଜନ ନିର୍ଦ୍ଦେଶାଳୟ କର୍ମଚାରୀମାନେ ସହଯୋଗ କରିଥିଲେ ।

# ହୋଲି ପାଇଁ ଉତ୍ସବ ମୁଖର ପଟ୍ଟାମୁଣ୍ଡାଇ



**ପଟ୍ଟାମୁଣ୍ଡାଇ,୨।୩(ସମିସ):** ପବିତ୍ର ହୋଲି ଉତ୍ସବ ପାଇଁ ପଟ୍ଟାମୁଣ୍ଡାଇ ସହରଠାରୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ଉତ୍ସବ ମୁଖର ହୋଇପଡିଛି। ଗାଁ ଗାଁରେ ହୋଲି ଉତ୍ସବ। ପଟ୍ଟାମୁଣ୍ଡାଇ ସହରଠାରୁ ଆରମ୍ଭ କରି ବିଭିନ୍ନ ଗ୍ରାମାଞ୍ଚଳରେ ଅପୂର୍ବ ସାଜସଜ୍ଜାରେ ସଜ୍ଜିତ ବିଭିନ୍ନ ଦେବାଦେବୀଙ୍କ ବିମାନ ବୁଲିବା ଦେଖାଯାଇଛି। ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ବିଭିନ୍ନ ସ୍ଥାନରେ ନିଆରା ଢଙ୍ଗରେ ହୋଲି ଉତ୍ସବ ପାଳନ କରାଯାଉଛି। ହୋଲି ଉତ୍ସବ ପାଇଁ ଦେଶ ଓ ରାଜ୍ୟ ବାହାରେ ଥିବା ଲୋକେ ଗାଁକୁ ଫେରି ହୋଲି ଉତ୍ସବ ମନାଉଥିବାରୁ ସମଗ୍ର ପଟ୍ଟାମୁଣ୍ଡାଇ ଅଞ୍ଚଳ ଉତ୍ସବ ମୁଖର ହୋଇପଡିଛି। ହୋଲି ଉତ୍ସବ ଉପଲକ୍ଷେ ବିଭିନ୍ନ ଦେବାଦେବୀଙ୍କ ବିମାନ ପଟ୍ଟାମୁଣ୍ଡାଇର ବିଭିନ୍ନ ଅନୁଷ୍ଠାନ ଓ ଅଫିସରେ ପହଞ୍ଚି ଭୋଗ ଖାଉଥିବା ଦୃଶ୍ୟ ଦେଖିବାକୁ ମିଳିଛି। ଆଜି ଦିନ ତମାମ ବିଭିନ୍ନ ଦେବାଦେବୀଙ୍କ ବିମାନ ସହର ସାରା ବୁଲୁଥିବାର ଦେଖାଯାଇଛି। ସନ୍ଧ୍ୟାରେ ପଟ୍ଟାମୁଣ୍ଡାଇ ସହର କେନ୍ଦ୍ର ସ୍ଥଳରେ ଥିବା ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ପଟ୍ଟାମୁଣ୍ଡାଇ ରାଧାରମଣ ମଠର ସୁସଜ୍ଜିତ ପ୍ରଭୁ ରାଧାରମଣଙ୍କ ବିମାନ ପହଞ୍ଚିଥିଲା ଓ ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର ଓ କର୍ମଚାରୀ ଭକ୍ତି ଓ ଶ୍ରଦ୍ଧାର ସହିତ ପ୍ରଭୁଙ୍କ ବିମାନକୁ ସ୍ୱାଗତ କରିବା ସହିତ ପୂଜାର୍ଚ୍ଚନା କରିଥିଲେ। ଯୁବ ସମାଜସେବୀ ମିଟୁ ମନୋଜ ନାୟକ, କାଉନସିଲର ପ୍ରଶାନ୍ତ ବାରିକ, ଅଭୟ ଜେନା, ସରକାରୀ ଓକିଲ ଶିଶିର ମଲିକ ଓ ବିଶ୍ୱହିନ୍ଦୁ ପରିଷଦ କାର୍ଯ୍ୟକାରୀ ସଭାପତି ଅମ୍ବୁଜ ଭୂଷଣ ନାୟକ ପ୍ରମୁଖ ପ୍ରଭୁ ରାଧାରମଣଙ୍କ ବିମାନକୁ ସ୍ୱାଗତ କରି ପୂଜାର୍ଚ୍ଚନା କରିଥିଲେ।

# ଶେଷ ହେଲା କନିକା ଦୋଳ ମେଳଣ

ରାଜକନିକା,୨।୩(ସମିସ)




କେନ୍ଦ୍ରାପଡ଼ା ଜିଲ୍ଲା ରାଜକନିକା ବ୍ଲକ୍‌ରେ ତଥାକଥିତ ୬ ଶହ ବର୍ଷର କନିକା ରାଜମେଳଣ ଆଜି ସୋମବାର ଶେଷ ହୋଇଛି। ଫଗୁ ଦଶମୀଠାରୁ ଦୋଳ ପୂର୍ଣ୍ଣିମା ପର୍ଯ୍ୟନ୍ତ ଏହି ମେଳା ରାଜକନିକାର ବିଭିନ୍ନ ସ୍ଥାନରେ ହେବାକୁ ଥିବାବେଳେ ମଙ୍ଗଳବାର ଚନ୍ଦ୍ରଗ୍ରହଣ ଥିବାରୁ ଏହା ଆଗୁଆ ଗୋଟିଏ ଦିନ ପୂର୍ବରୁ ଶେଷ ହୋଇଛି। ପାଞ୍ଚଦିନ ଧରି ଚାଲିଥିବା ଏହି ମେଳଣର ପ୍ରଥମ ଉତ୍ସବ କାଳିକାପୁର, ଦ୍ୱିତୀୟ ଆୟତନ, ତୃତୀୟ ଦେଉଳି ଓ ଚତୁର୍ଥ ଗିରିଆ ଆଦି ମେଳଣ ଉତ୍ସବ ପରେ ପଞ୍ଚମ ଦିବସରେ କନିକାର ଏହି ପ୍ରସିଦ୍ଧ ଶେଷ ମେଳଣ ଉତ୍ସବ ରାଜବାଟି ସମ୍ମୁଖ ପଡିଆରେ ରାଜ ମେଳଣ ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି। ପଡ଼ୋଶୀ ଜିଲ୍ଲା ଯାଜପୁର ଓ ଭଦ୍ରକଠାରୁ ଆରମ୍ଭ କରି ଆଳି, ପଟ୍ଟାମୁଣ୍ଡାଇ, ରାଜନଗର ଓ ଚାନ୍ଦବାଲି ଅଞ୍ଚଳରୁ ହଜାର ହଜାର ଶ୍ରଦ୍ଧାଳୁ ଆଜି ମେଳଣରେ ଭାଗ ନେଇଥିଲେ। ଏହି ମେଳଣରେ କନିକା ରାଜା ଓ ରାଣୀ ହଜାର ହଜାର ଶ୍ରଦ୍ଧାଳୁଙ୍କ ସହ ରଙ୍ଗ ଅବିରରେ ଫଗୁ ଖେଳି ସମସ୍ତଙ୍କୁ ଶୁଭ କାମନା ଜଣାଇଥିଲେ। ୫୦ରୁ ଅଧିକ ରାଧାକୃଷ୍ଣଙ୍କ ଯୁଗଳମୂର୍ତ୍ତି ସୁସଜ୍ଜିତ ବିମାନରେ ଧାଡ଼ି ଧାଡ଼ି ହୋଇ ମେଳଣ ପଡ଼ିଆକୁ ଶୋଭାଯାତ୍ରାରେ ଆସି ଭକ୍ତଙ୍କୁ ଦର୍ଶନ ଦେବା ସହ ପୁରାତନ ହୁରୀ ଗୀତ ତାଳେ ତାଳେ ଘଣ୍ଟ ଘଣ୍ଟା, ହୁଳହୁଳି, କାହାଳୀ, ଝାଞ୍ଜ ମୃଦଙ୍ଗ ସହିତ ନାଚ ଗୀତରେ ଫାଟି ପଡ଼ିଥିଲା ମେଳଣ ପଡ଼ିଆ। କୃଷ୍ଣ ଭଜନ ଗାଇ ଗାଇ ରାଧାକୃଷ୍ଣଙ୍କୁ ଭକ୍ତି ନିବେଦନ କରଥିଲେ ଶ୍ରଦ୍ଧାଳୁ ଓ ଭକ୍ତ। ଭକ୍ତ ଓ ଭଗବାନଙ୍କ ଏହି ମହାମିଳନ ପର୍ବ ଜାତି, ଧର୍ମ, ବର୍ଣ୍ଣ ଓ ଦଳମତ ନିର୍ବିଶେଷରେ ଭେଦଭାବ ଭୁଲି ମେଳଣ ପଡ଼ିଆରେ ଏକତ୍ରିତ ହୋଇ ଭାତୃଭାବ ଭାଇଚାରାରେ ପରସ୍ପରକୁ ରଙ୍ଗ ଅବିରରେ ଫଗୁ ଖେଳି ପରସ୍ପର ମଧ୍ୟରେ କୋଳାଗ୍ରତ ହୋଇ ଉତ୍ସବ ପାଳନ କରିଥିଲେ। ମେଳଣ ସରିବା ପରେ ପୂର୍ବ ପରମ୍ପରା ଅନୁଯାୟୀ ମେଳଣ ଶେଷ ହେବା ପରେ ପୂଜାପାଠ କରି ମେଣ୍ଢା ଗୁହାଳ ପୋଡ଼ିଥା'ନ୍ତି। ଆଇନଶୃଙ୍ଖଳାକୁ ଦୃଷ୍ଟିରେ ରଖି ପୁଲିସ ପ୍ରଶାସନ ସଜାଗରେ ମେଳଣ ଉତ୍ସବ ଶାନ୍ତିଶୃଙ୍ଖଳାରେ ଶେଷ ହୋଇଥିଲା।

# ନିଶା ନିବାରଣ ଅଭିଯାନର ରାଜକନିକା ଶାଖା ସମ୍ପାଦକଙ୍କ ପରଲୋକ



**ରାଜକନିକା,୨।୩(ସମିସ):** ରାଜକନିକା ବ୍ଲକ୍‌ରେ ଜଣାଶୁଣା ଅବସରପ୍ରାପ୍ତ ସ୍ୱାସ୍ଥ୍ୟ କର୍ମଚାରୀ ଓ ନିଶା ନିବାରଣ ଅଭିଯାନର ଆଗୁଆ ସୈନିକ କୈଳାସ ଚନ୍ଦ୍ର ମଲିକ(୭୨)ଙ୍କ ଆଜି ସକାଳେ ପରଲୋକ ହୋଇଯାଇଛି। ତାଙ୍କ ବିୟୋଗ ଖବର ପ୍ରଚାରିତ ହେବା ପରେ ରାଜକନିକାରେ ଶୋକର ଛାୟା ଖେଳିଯାଇଛି। ଆଳି ଓ ରାଜକନିକା ମେଡିକାଲରେ କର୍ମମୟ ଜୀବନରୁ ଅବସର ନେବା ପରେ ସମାଜରୁ ନିଶା ହଟାଇବାକୁ ବ୍ୟାପକ ଜନସଚେତନତା କରିବାକୁ ସେ ଆପ୍ରାଣ ଉଦ୍ୟମ କରିଆସୁଥିଲେ। ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନର ସଦସ୍ୟ ଥାଇ ରାଜକନିକା ଶାଖାର ସମ୍ପାଦକ ଥିବା କୈଳାସ ଦୁଇ ମାସ ଧରି ଲିଭର ସଂକ୍ରମଣଜନିତ ରୋଗରେ ପୀଡ଼ିତ ହୋଇ ଚିକିତ୍ସାରେ ଥିବାବେଳେ ଆଜି ସକାଳେ ପରଲୋକ ହୋଇଥଲା। ତାଙ୍କ ମୃତ ଶରୀରକୁ କଟକରୁ ଜନ୍ମମାଟି ରାଜକନିକାକୁ ଆଣିବା ବାଟରେ ଅଚ୍ୟୁତପୁରଠାରେ ନିଶା ନିବାରଣ ରାଜକନିକା ଓ ଆଳି ଶାଖାର ସଦସ୍ୟ ଶେଷ ଦର୍ଶନ କରିବା ପରେ ନହୁଲିଆ ଗୃହ ସହ ନିଜ ଗାଁ ମକୁନ୍ଦପୁରକୁ ନିଆଯାଇଥିଲା। ଗାଁ ଶ୍ମଶାନରେ ତାଙ୍କର ଶେଷକୃତ୍ୟ କରାଯାଇଥିବାବେଳେ ପୁତୁରା ବିକାଶ ମୁଖାଗ୍ନି ଦେଇଥିଲେ।

## ରାଜନଗର ଚାଷୀଙ୍କ ମୃତ୍ୟୁ ଘଟଣା

# ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ଓ ଗିରଫ ଦାବିରେ ବିକ୍ଷୋଭ



**କେନ୍ଦ୍ରାପଡ଼ା,୨।୩(ସମିସ):** ଓଡ଼ିଶା କୃଷକ ସଭା କେନ୍ଦ୍ରାପଡ଼ା ଜିଲ୍ଲା କମିଟି ପକ୍ଷରୁ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇ ରାଜନଗର ବ୍ଲକର ଚାଷୀ ତ୍ରିଲୋଚନ ନାୟକଙ୍କ ମୃତ୍ୟୁକୁ ବ୍ୟବସ୍ଥାଗତ ହତ୍ୟା ବୋଲି ଅଭିଯୋଗ କରାଯାଇଛି। ସଂଗଠନ ପକ୍ଷରୁ ମୃତକଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ସହ ଦାୟୀଙ୍କୁ ତୁରନ୍ତ ଗିରଫ କରିବା ଦାବି କରାଯାଇଛି। ରାଜନଗର ବ୍ଲକ ଅନ୍ତର୍ଗତ ଡାଙ୍ଗମାଳ ସେବା ସମବାୟ ସମିତି, ଈଶ୍ୱରପୁର ଅଧୀନ ଜୁଣଗଡି ଗ୍ରାମର ଚାଷୀ ତ୍ରିଲୋଚନ ନାୟକ ମଣ୍ଡିରେ ଧାନ ବିକ୍ରି ସମସ୍ୟାରେ ଦୀର୍ଘଦିନ ଧରି ପୀଡିତ ଥିଲେ। ମାସ ମାସ ଧରି ମଣ୍ଡିରେ ଧାନ ପଡ଼ି ରହିବା ପରେ ଶେଷ ମୁହୂର୍ତ୍ତରେ ତାଙ୍କୁ ମଣ୍ଡିଠୁ ପ୍ରାୟ ୩୦ କିମି ଦୂରରେ ଥିବା ରାମଚଣ୍ଡୀ ରାଇସ ମିଲକୁ ଧାନ ଦେବାକୁ ବାଧ କରାଯାଇଥିଲା। ସେଠାରେ ଚାରିଦିନ ଧରି ଧାନ ଭର୍ତ୍ତି ଟ୍ରାକ୍ଟର ପଡି ରହିଥିବା ସହ ଅସୁବିଧାଜନକ ପରିସ୍ଥିତିରେ ରହିବାକୁ ପଡିଥିଲା ବୋଲି ସଂଗଠନ ଅଭିଯୋଗ କରିଛି। ଘଟଣା ପରେ ଘରକୁ ଫେରିବାର କିଛି ସମୟ ପରେ ତାଙ୍କ ଛାତିରେ ଯନ୍ତ୍ରଣା ଆରମ୍ଭ ହୋଇ ମୃତ୍ୟୁ ଘଟିଥିବା ଦାବି କରାଯାଇଛି। ସଂଗଠନ ଏହାକୁ ସାଧାରଣ ମୃତ୍ୟୁ ନୁହେଁ ବୋଲି ଦାବି କରି ସରକାରୀ ମଣ୍ଡି ବ୍ୟବସ୍ଥାର ଅବ୍ୟବସ୍ଥାକୁ ଦାୟୀ କରିଛି। ପ୍ରତିଦିନ ଟ୍ରାକ୍ଟର ଭଡା ବାବଦରେ ଚାରି ହଜାର ଟଙ୍କା ଦେବାକୁ ପଡୁଥିବାରୁ ଚାଷୀ ଅର୍ଥନୈତିକ ଚାପରେ ଥିଲେ ବୋଲି ଅଭିଯୋଗ ହୋଇଛି। ଓଡ଼ିଶା କୃଷକ ସଭା ଜିଲ୍ଲା କମିଟି ସମ୍ପୃକ୍ତ ସମବାୟ ସମିତି ସମ୍ପାଦକ ଓ ରାଇସ ମିଲ ମାଲିକଙ୍କୁ ତୁରନ୍ତ ଗିରଫ, ପରିବାରକୁ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ, ମୃତକଙ୍କ ପୁଅକୁ ସରକାରୀ ଚାକିରି, ସମଗ୍ର ଜିଲ୍ଲାରେ ଧାନ କିଣାରେ ଅବ୍ୟବସ୍ଥା ଦୂର କରି ଟୋକନ ଅବଧି ମଧ୍ୟରେ ସମସ୍ତ ଧାନ କ୍ରୟ ଆଦି ଦାବି କରାଯାଇଛି। ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଡେପୁଟି କଲେକ୍ଟର ସରୋଜ କୁମାର ଖିଲାର ଦାବିପତ୍ର ଗ୍ରହଣ କରିଥିଲେ। ରାଜ୍ୟ କମିଟି ସଭ୍ୟ ନରୋତ୍ତମ ପାର୍ଥସାରଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଜିଲ୍ଲା ସମ୍ପାଦକ ଗୟାଧର ଧଳ, ବିଜୟ ଦାସ, ଜଗତ ଜୀବନ ଦାସ, ଭୀମସେନ ବେହେରା, ମାଧବ ଦାସ, ରତ୍ନଞ୍ଜୟ ମଲ୍ଲିକ ଓ ଅନ୍ୟାନ୍ୟ ନେତା ବକ୍ତବ୍ୟ ରଖିଥିଲେ। ପ୍ରତିନିଧି ଦଳର ନେତୃତ୍ୱ ନେଇଥିଲେ ଜିଲ୍ଲା ସଭାପତି କାଳିପ୍ରସାଦ ନାୟକ। ୭ ଦିନ ମଧ୍ୟରେ ଦାବି ପୂରଣ ନ ହେଲେ ଜିଲ୍ଲା ବ୍ୟାପୀ ଆନ୍ଦୋଳନ କରାଯିବ ବୋଲି ସଂଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି।

## ବାଲିପାଟଣାରେ ଅଗ୍ନିକାଣ୍ଡ

# ଜଳିଗଲା ୫ ବଖରା ଘର, ୩ ପାଳଗଦା



**ପଟ୍ଟାମୁଣ୍ଡାଇ,୨।୩(ସମିସ):** ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ବାଲିପାଟଣା ପଞ୍ଚାୟତର ବାଲିପାଟଣା ଗ୍ରାମରେ ଗତକାଲି ରାତି ୧୨. ୩୦ ମିନିଟ ସମୟରେ ଅଗ୍ନିକାଣ୍ଡ ଘଟି ଶଙ୍କର୍ଷଣ ନାୟକଙ୍କ ୨ ବଖରା ଛାଳ ଘର, ଗୋଟିଏ ପାଳ ଗଦା, ଜନାର୍ଦ୍ଦନ ନାୟକଙ୍କ ୨ ବଖରା ଛାଳ ଘର, ଗୋଟିଏ ପାଳ ଗଦା ପୋଡି ପାଉଁଶ ହୋଇଯାଇଥିବାବେଳେ କହ୍ନେଇ ନାୟକଙ୍କ ଗୋଟିଏ ଛାଳ ଘର, ୧ ପାଳ ଗଦା ଓ ୭ଟି ସାଇକଲ ପୋଡି ନଷ୍ଟ ହୋଇଯାଇଛି। ଏହି ଅଗ୍ନିକାଣ୍ଡରେ ୫ ବଖରା ଘର ସହ ଆସବାବପତ୍ର, ୩ ପାଳ ଗଦା ପୋଡ଼ିଯାଇଛି। ଏହି ଅଗ୍ନିକାଣ୍ଡରେ ପ୍ରାୟ ୩ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବା ପ୍ରାଥମିକ ଅଟକଳରୁ ଜଣାପଡିଛି। ବିଳମ୍ବିତ ରାତିରେ ଖବର ପାଇ ପଟ୍ଟାମୁଣ୍ଡାଇ ଦମକଳ କେନ୍ଦ୍ରର ଅଗ୍ନିଶମ ଅଧିକାରୀ ଗଗନ ବିହାରୀ ମହାନ୍ତି କର୍ମଚାରୀଙ୍କ ସହିତ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିବିପନ୍ନ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।

## ସ୍କୁଲ ସାମ୍ନାରେ ବାଲି ଆସ୍ତରଣ

# ପାଦେ ପାଦେ ବିପଦ



**ଓଳାଭର,୨।୩(ସମିସ):** ସର୍ବସାଧାରଣ ରାସ୍ତାରେ ବାଲି ଠୁଳ କରିବା ଓ ପରଦା ନ ଘୋଡ଼ାଇ ସାମଗ୍ରୀ ପରିବହନ କରିବା ଉପରେ ପ୍ରଶାସନ ନିଷେଧାଜ୍ଞା ଜାରି କରିଛି। ତେବେ ନିୟମକ ବେଖାତିର କରି ଗାଡ଼ି ଚାଳକ ସାମଗ୍ରୀ ପରିବହନ କରୁଛନ୍ତି। ବାଲି ବୋଝେଇ ଗାଡ଼ି ସରକାରୀ ନିୟମ ମାନୁ ନ ଥିବାରୁ ଗାଡ଼ିରୁ ବାଲି ପଡ଼ି ରାସ୍ତାରେ ବାଲିର ଆସ୍ତରଣ ସୃଷ୍ଟି ହେଉଛି। ଯାହାକି ପଥଚାରୀଙ୍କ ପାଇଁ ବିପଦ ସୃଷ୍ଟି କରୁଛି। ରାଜକନିକା-କଣ୍ଡିଆ ପୂର୍ତ୍ତ ବିଭାଗ ରାସ୍ତାର ନମତରା ସିହୋପଡାରେ ଏହା ଦେଖିବାକୁ ମିଳିଛି। ତେଣୁ ଅମାନିଆ ଗାଡ଼ି ଚାଳକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବି ହେଉଛି। ଏନମତରା ଗାଁ ଭିତର ଏକ ରାସ୍ତାରେ ପଡିଛି ବାଲିର ଆସ୍ତରଣ। ପାଖରେ ପିଲାଙ୍କ ସ୍କୁଲ। ଏହି ରାସ୍ତାର ଉଭୟ ପାଶ୍ୱର୍ରେ ଜନବସତି ରହିଛି। ଖରସ୍ରୋତା ନଦୀରୁ ଦୈନନ୍ଦିନ ଶହ ଶହ ହାଇୱାରେ ବାଲି ପରିବହନ ହେଉଛି। ଏସବୁ ଗାଡ଼ିରୁ ବାଲି ପଡ଼ି ରାସ୍ତାରେ ବାଲିର ଆସ୍ତରଣ ସୃଷ୍ଟି ହୋଇଛି। ଫଳରେ ଯାତାୟାତରେ ବାଧା ସୃଷ୍ଟି କରୁଛି। କେବଳ ନମତରା ଗାଁ ରାସ୍ତା ନୁହେଁ; ଦେଉଳତରା, ବରିପଡା, ସିହୋପଡା, ପେଗରପଡା, ଓଳାଭର ପ୍ରମୁଖ ରାସ୍ତାରେ ବି ବାଲିର ଆସ୍ତରଣ ଯୋଗୁଁ ଯାତାୟତରେ ବାଧା ଉପୁଜୁଛି। ପ୍ରଶାସନ ପକ୍ଷରୁ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ଦାବି କରିଛନ୍ତି।

# ଗାରଡ଼ପୁରରେ ଗୋମାତା ପୂଜା

**ରାଜକନିକା,୨।୩(ସମିସ):** ଚାଷୀ ପରିବାର ସହ ଯୋଡି ହୋଇରହିଥିବା ଗୋଚାଷକୁ ବଢ଼ାଇବା ଲକ୍ଷ୍ୟ ନେଇ କାଟଣାର ଗାରଡ଼ପୁର ଗାଁରେ ଗୋମାତା ପୂଜା ଉତ୍ସବ ପାଳିତ ହୋଇଆସୁଛି। ପ୍ରତିବର୍ଷ ଫାଲଗୁନି ପୂର୍ଣ୍ଣିମା ଦିନ ସେ ଅଞ୍ଚଳରେ ଗୋ ଚାଷୀଙ୍କୁ ନିମନ୍ତ୍ରଣ କରି ତାଙ୍କ ଦୁଧିଆଳୀ ଗାଈ ଓ ବାଛୁରୀଙ୍କୁ ପୂଜାର୍ଚ୍ଚନା କରିବା ସହ ସେମାନଙ୍କୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ଦୀର୍ଘ ୪୪ ବର୍ଷ ଧରି ଏହି ଗୋମାତା ପୂଜାକୁ ବେଶ ପାରମ୍ପରିକ ଭାବେ ପାଳନ କରାଯାଉଛି। ରାଜକନିକା ବ୍ଲକ କାଟଣାବଣିଆ ପଞ୍ଚାୟତର ଗାରଡ଼ପୁର ଗୋମାତା ପଡିଆରେ ୧୦୮ ଦୁଧିଆଳୀ ଗାଈ ଓ ବାଛୁରୀଙ୍କୁ ବନ୍ଦାପନା କରି ଗାରଡ଼ପୁର ଗୋମାତା ପୂଜା କମିଟି ଓ ଗ୍ରାମବାସୀ ପରମ୍ପରା ବଜାୟ ରଖିଛନ୍ତି। କାଟଣା ଅଞ୍ଚଳରେ ଭଗିଆ ବାବା ଅବସ୍ଥାନ କରିବା ସହ ମଠ କରି ରହିବା ଓ ଗୋମାତାଙ୍କୁ ପୂଜା କରିବାର ଧାରା ଦେଖି ପ୍ରତିବର୍ଷ ଏହି ପୂଜା ଜାରି ରଖିଥିଲେ। ସାଧୁଙ୍କ ଏହି ଉଦ୍ଦେଶ୍ୟ ବେଶ ଗ୍ରହଣୀୟ ହେବା ପରେ ଗାରଡ଼ପୁର ଗ୍ରାମବାସୀ ଏକ କମିଟି ଗଠନ କରି ନିୟମିତ ଆଜିର ଦିନରେ ପୂଜା କରିଆସୁଛନ୍ତି। ଆଜି ଅପରାହ୍ନରେ କମିଟି ପକ୍ଷରୁ ୧୦୮ ଗୋଚାଷୀଙ୍କୁ ନିମନ୍ତ୍ରଣ କରି ସେମାନଙ୍କ ଗାଈଙ୍କୁ ବନ୍ଦାପନା କରିବା, ମାଳ ପିନ୍ଧାଇ, ସିନ୍ଦୁର ଦେଇ ଖାଦ୍ୟ ପ୍ରଦାନ କରାଯିବା ସହ ପ୍ରତ୍ୟେକ ଚାଷୀଙ୍କୁ ଗୋମାତାଙ୍କ ଫଟୋଚିତ୍ର ଉତ୍ତରୀୟ ପ୍ରଦାନ କରାଯାଇଛି। ଆଜିର ଗୋମାତା ପୂଜା ପାଇଁ ବିଶ୍ୱନାଥପୁର, ମଦରଙ୍ଗାପାଟ, ଗାରଡ଼ପୁର, ଧାମରା, ଖଣ୍ଡାଇତା, ପାଣ୍ଡରକୋଲି, ଡାଏଣିଗିରି, ପତରପୁର, କାଟଣା, ଝାଡ଼ମାଳ, ସିଙ୍ଗିରି, ବାଜପୁର ଆଦି ଗ୍ରାମର ଗୋ ଚାଷୀ ନିଜ ନିଜର ଗୋମାତାଙ୍କୁ ନେଇ ସମବେତ ହେବା ଗୋଚାଷ ପାଇଁ ଉତ୍ସାହିତ କରିବ।

# ସନାତନ ଧର୍ମ ସମ୍ମିଳନୀ ଉଦଯାପିତ



**ରାଜନଗର,୨।୩(ସମିସ):** ରାଜନଗର ବ୍ଲକ୍ ଗୁପ୍ତି ଓ ବନବିହାରୀପୁର ମଧ୍ୟସ୍ଥଳୀରେ ଚାଲିଥିବା ୫୬ତମ ସନାତନ ଧର୍ମ ସମ୍ମିଳନୀ ଓ ଭକ୍ତ ମିଳନ ଉତ୍ସବ ଉଦଯାପିତ ହୋଇଛି। ରାଜନଗର ଆଞ୍ଚଳିକ ଭକ୍ତ ଗୋଷ୍ଠୀ ଆନୁକୂଲ୍ୟରେ ଏହି ସନାତନ ଧର୍ମ ସମ୍ମିଳନୀ ଆରମ୍ଭ ହୋଇଥିଲା। ଏହି ଧର୍ମ ସମିଳନୀରେ ପ୍ରତ୍ୟେକ ଦିନ ଠାକୁର ଅଭିରାମ ପରମହଂସ ଦେବଙ୍କ ମଙ୍ଗଳ ଆଳତୀ, ଶ୍ରୀବିଷ୍ଣୁ ସହସ୍ରନାମ, ପ୍ରଭାତ କୀର୍ତ୍ତନ ସହିତ ସନ୍ଧ୍ୟା ଆଳତୀ କରାଯାଇଥିଲା। ଶାନ୍ତି ଆନନ୍ଦା ଶ୍ରମର ସାଧୁସନ୍ଥଙ୍କ ସହିତ ଭାରତର ବହୁ ସାଧୁସନ୍ଥ ଯୋଗଦେଇ ପ୍ରତ୍ୟେକ ଦିନ ସକାଳ ଓ ସନ୍ଧ୍ୟାରେ ଆଶୀର୍ବଚନ ପ୍ରଦାନ କରିଥିଲେ। ଧର୍ମ ସମିଳନୀକୁ ସେବକ ଅଭୟ ବାବା, ରାଜନଗର ଭକ୍ତ ଗୋଷ୍ଠୀ ସଭାପତି ଦିବାକର ପରିଡା, ସମ୍ପାଦକ ଗୋଲେଖ ରାଉତ, ଅଭିରାମ ମହାନ୍ତି, ଯାମିନୀକାନ୍ତ ସାହୁ, ଦୁଃଶାସନ ନାୟକ, ଜାମିନୀ ବିଶ୍ୱାଳଙ୍କ ସମେତ ଗୁପ୍ତି ପଞ୍ଚାୟତର ଅଧିବାସୀ ପ୍ରମୁଖ ପରିଚାଳନା କରିଥିଲେ।

# ସରସ୍ୱତୀ ଶିଶୁମନ୍ଦିରରେ ମାତୃ ସମ୍ମିଳନୀ

**ଗରଦପୁର,୨।୩(ସମିସ):** କେନ୍ଦ୍ରାପଡ଼ା ଜିଲ୍ଲାର ଗରଦପୁର ବ୍ଲକ୍ ଅନ୍ତର୍ଗତ ହରିଦାସପୁରସ୍ଥ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ମାତୃ ସମ୍ମିଳନୀ ଓ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଛାତ୍ରଛାତ୍ରୀ, ଅଭିଭାବକ ଓ ଅତିଥିଙ୍କ ଉପସ୍ଥିତିରେ ସଭା ପରିସର ଉତ୍ସବମୁଖର ହୋଇଉଠିଥିଲା। ମୁଖ୍ୟଅତିଥି ଭାବେ ଅଞ୍ଚଳ ଶିକ୍ଷାଧିକାରୀ ଗତିକୃଷ୍ଣ ଦାସ ଶିକ୍ଷା ସହ ନୈତିକ ମୂଲ୍ୟବୋଧର ଆବଶ୍ୟକତା ଉପରେ ଉଦ୍‌ବୋଧନ ଦେଇଥିଲେ। ସମ୍ପଦ କେନ୍ଦ୍ର ସମନ୍ୱୟକାରୀ ରତ୍ନାକର ମାହାଳି ମୁଖ୍ୟବକ୍ତା ଭାବେ ମାଆମାନଙ୍କୁ ଶିଶୁଙ୍କ ପାଠପଢ଼ା ଓ ଶିଷ୍ଟାଚାରର ଉନ୍ନତି ପାଇଁ ସଚେତନ ହେବାକୁ ଆହ୍ୱାନ କରିଥିଲେ। ସଭାରେ ଶିକ୍ଷାବର୍ଷ ୨୦୨୬-୨୭ ପାଇଁ ପ୍ରବେଶ ସୂଚନା ଘୋଷଣା କରାଯାଇଥିଲା। ଶିଶୁଙ୍କ ପାଇଁ ନିଶୁଳ୍କ ଓ ବାଧତାମୂଳକ ଶିକ୍ଷାର ଅଧିକାର ଅଧିନିୟମ ୨୦୦୯ ଅନୁଯାୟୀ ପ୍ରଥମ ଶ୍ରେଣୀରେ ୨୫ ଶତାଂଶ ସ୍ଥାନ ଆର୍ଥିକ ଦୁର୍ବଳ ବର୍ଗ ପାଇଁ ସଂରକ୍ଷିତ ରହିଛି। ଏହି ବର୍ଗର ଛାତ୍ରଛାତ୍ରୀ ନିଶୁଳ୍କ ଶିକ୍ଷା ପାଇବେ ବୋଲି ଜଣାଯାଇଛି। ପରେ କୁନି କୁନି ଶିଶୁଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଧର୍ମପ୍ରାଣ ମହିଳାଙ୍କ ପରଲୋକ



**ମହାକାଳପଡ଼ା,୨।୩(ସମିସ):** ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ବାରଡାଙ୍ଗ ପଞ୍ଚାୟତ ବାରଡାଙ୍ଗ ଗ୍ରାମର ଧର୍ମପ୍ରାଣ ମହିଳା ସତ୍ୟଭାମା ରାଉତଙ୍କ ଆଜି ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୧୦୨ ବର୍ଷ ବୟସ ହୋଇଥିଲା। ସେ ଜଣେ ଅଲେଖ ଧର୍ମାବଲମ୍ବୀ ଓ ଧାର୍ମିକ ଚେତା ମହିଳା ଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ସାନପୁଅ ବିଚିତ୍ର ରାଉତ, ବୋହୂ ମାଳତୀ ଓ ସୁକାନ୍ତୀ ରାଉତ ଓ ନାତିନାତୁଣୀ ଉପସ୍ଥିତ ଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ କରାଯାଇଥିଲା। ସାନପୁଅ ମୁଖାଗ୍ନି ଦେଇଥିଲେ। ତାଙ୍କର ପରଲୋକରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

# ଶିକ୍ଷାବିତ ଆଦିକନ୍ଦ ବେହେରାଙ୍କ ପରଲୋକ

**ଗୋବିନ୍ଦପୁର,୨।୩(ସମିସ):** ଆଳି ବ୍ଲକ୍ ଅନ୍ତର୍ଗତ ଏରଡଙ୍ଗ ପଞ୍ଚାୟତ ନାଟରା ଗ୍ରାମର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଆଦିକନ୍ଦ ବେହେରାଙ୍କ ରବିବାର ରାତିରେ ପରଲୋକ ହୋଇଯାଇଛି। ସେ କୁସୁମି ଜନକଲ୍ୟାଣ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଶିକ୍ଷାଦାନ କରି ଅବସର ଗ୍ରହଣ କରିଥିଲେ। ଜଣେ ଆଦର୍ଶ ଶିକ୍ଷକ, କର୍ତ୍ତବ୍ୟ ନିଷ୍ଠ, ଛାତ୍ର ବତ୍ସଳ ଶିକ୍ଷକ ଭାବେ ଆଳି ଧୋୟାଞ୍ଚଳରେ ପରିଚିତ ଥିଲେ। ତାଙ୍କ ମରଶରୀର ନିଜ କର୍ମସ୍ଥଳ ଜନକଲ୍ୟାଣ ଉଚ୍ଚ ବିଦ୍ୟାଳୟକୁ ନିଆଯାଇଥିଲା। ଶିକ୍ଷକ, ଶିକ୍ଷୟିତ୍ରୀ, ଅବସରପ୍ରାପ୍ତ ଶିକ୍ଷକ, ପୁରାତନ ଛାତ୍ର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ତାଙ୍କ ବିୟୋଗରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସରୋଜ ସାହୁ, ମୁରଲୀଧର ସାହୁ, ଅଭିନ୍ନ ରାୟ, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ମହେଶ୍ୱର ନନ୍ଦ, ପ୍ରାକ୍ତନ ସରପଞ୍ଚ ପୁରୁଷୋତ୍ତମ ପଲାଇ, ସାମ୍ବାଦିକ ଅନିରୁଦ୍ଧ ବେଉରିଆ, ପ୍ରଧାନଶିକ୍ଷକ ସଞ୍ଜୟ ସାମଲ ଶୋକ ପ୍ରକାଶ କରିଛନ୍ତି।

# ଯୋରରେ ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ

**ରାଜନଗର,୨।୩(ସମିସ):** ରାଜନଗର ଥାନା ଅନ୍ତର୍ଗତ ବନ୍ଧପଡ଼ା ଗ୍ରାମର ବାଉରୀ ବନ୍ଧୁ ଦାସ ଯୋରରେ ବୁଡ଼ି ମୃତ୍ୟୁବରଣ କରିଛନ୍ତି। ସେ ଆଜି ଦିନ ପ୍ରାୟ ୧୨ଟା ସମୟରେ ଗାଁ ପାଖ ଯୋରକୁ ଗାଧୋଇବାକୁ ଯାଇଥିଲେ। ଗାଧୋଉଥିବା ସମୟରେ ଗୋଡ଼ ଖସିଯାଇଥିଲା। ପହଁରା ଜାଣି ନ ଥିବାରୁ ବୁଡ଼ି ଯାଇଥିଲେ। ତାଙ୍କୁ ଉଦ୍ଧାର କରି ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ମିଳିତ ଜନଅଭିଯୋଗ ଶୁଣାଣି ଶିବିର

# ୧୪ଟି ଅଭିଯୋଗର ତୁରନ୍ତ ସମାଧାନ

କେନ୍ଦ୍ରାପଡ଼ା/ରାଜନଗର,୨।୩(ସମିସ)



ରାଜନଗର ବ୍ଲକ କାର୍ଯ୍ୟାଳୟ ପ୍ରାଙ୍ଗଣରେ ସୋମବାର ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୧୨୫ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିରୁ ୧୧୫ଟି ବ୍ୟକ୍ତିଗତ ଓ ୧୦ଟି ସାମୂହିକ ଅଭିଯୋଗ ଥିଲା। ଏହାର ଶୁଣାଣି କରାଯାଇ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ ଜଣଙ୍କୁ ମୋଟ ୨୦,୦୦୦ ଟଙ୍କାର ଆର୍ଥିକ ସହାୟତା ଅନୁମୋଦନ କରାଯାଇଥିବାବେଳେ ୧୪ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା।

ଆଜି ଶିବିରରେ ଜିଲ୍ଲାପାଳ ରଘୁରାମ. ଆର. ଆୟର ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ପଞ୍ଜିକୃତ ଅଭିଯୋଗର ଶୀଘ୍ର ଓ ସଠିକ୍ ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପରବର୍ତ୍ତୀ ଭାବେ ପୂର୍ବତନ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଥିବା ଅଭିଯୋଗର ଅବସ୍ଥା ନେଇ ସମୀକ୍ଷା କରାଯାଇଥିଲା। ଶିବିରରେ ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କାଟାରିଆ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନା, ଉପଜିଲ୍ଲାପାଳ ଅରୁଣ ନାୟକ, ରାଜନଗର ପଞ୍ଚାୟତ ସମିତି ଅଧକ୍ଷା, ବିଡିଓ, ତହସିଲଦାର ଓ ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଆସନ୍ତା ୯ ମାର୍ଚ୍ଚରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ, ୧୬ ମାର୍ଚ୍ଚରେ ପଟ୍ଟାମୁଣ୍ଡାଇ ପଞ୍ଚାୟତ ସମିତି କାର୍ଯ୍ୟାଳୟ, ୨୩ ତାରିଖରେ ରାଜକନିକା ପଞ୍ଚାୟତ ସମିତି କାର୍ଯ୍ୟାଳୟ ଓ ୩୦ରେ ମାର୍ଶାଘାଇ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

# ଜରାୟୁ ଗ୍ରୀବା କର୍କଟ ପ୍ରତିରୋଧ ଟିକାକରଣ ଆରମ୍ଭ



**ରାଜନଗର,୨।୩(ସମିସ):** ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜରାୟୁ ଗ୍ରୀବା କର୍କଟ ପ୍ରତିରୋଧ ପାଇଁ ଟିକାକାରଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ମୁଖ୍ୟଅତିଥି ଭାବେ କେନ୍ଦ୍ରାପଡା ଜିଲ୍ଲାପାଳ ରଘୁରାମ ଆର ଆୟର ଓ ସମ୍ମାନିତ ଅତିଥି ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡଃ ମନୋରଞ୍ଜନ ରାଉତଳ ଯୋଗଦେଇ ଉଦଘାଟନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନା, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ପଞ୍ଚାୟତ ସମିତି ଅଧକ୍ଷ ପ୍ରତିଭା ପାତ୍ର, ଉପାଧକ୍ଷ ଗଣେଶ ଚନ୍ଦ୍ର ଗୁଡ଼ିଆ, ତହସିଲଦାର ଯୀଶୁକୃଷ୍ଣ ଦାସ, ଜିଲ୍ଲା ପରିଷଦ ସଦସ୍ୟ ସୁରେନ୍ଦ୍ର ରାଉତ, ବିଡିଓ ଅଶୋକ ମହାନ୍ତି, ସିଡିପିଓ ଦୀପାଳୀ ମିଶ୍ର ପ୍ରମୁଖ ଯୋଗ ଦେଇ ୧୪ରୁ ୧୫ ବର୍ଷ ବୟସର କିଶୋରୀ ଏହି ଟୀକା ନେଲେ, ସେମାନେ ଆଗାମୀ ଦିନରେ ଜରାୟୁ ଗ୍ରୀବା କର୍କଟ ରୋଗକୁ ପ୍ରତିହତ କରିପାରିବେ ବୋଲି କହିଥିଲେ। ଯେଉଁ କିଶୋରୀ ୧ ମାର୍ଚ୍ଚ ୨୦୧୧ରୁ ୧ ଜୁନ ୨୦୧୨ ମଧ୍ୟରେ ଜନ୍ମ ହୋଇଥିବେ, ସେମାନେ ଏହି ଟୀକା ନେବାକୁ ଯୋଗ୍ୟ ଅଟନ୍ତି। ଏହି ଅଭିଯାନ ଆସନ୍ତା ୩ ମାସ ଧରି ଚାଲିବ ବୋଲି ସୂଚନା ଦେଇଛନ୍ତି। ଆଜି ଗୋଟିଏ ଦିନରେ ୧୭ ଜଣ କିଶୋରୀ ଏହି ଟୀକା ନେଇଛନ୍ତି। ଏହି ଟିକାକରଣ କାର୍ଯ୍ୟକ୍ରମ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସହିତ ଅଧୀନରେ ଥିବା ସମସ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ପର୍ଯ୍ୟାୟକ୍ରମେ ପ୍ରଦାନ କରାଯିବ ବୋଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଡଃ ରଶ୍ମିରଞ୍ଜନ ମହାନ୍ତି ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମକୁ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ କର୍ମଚାରୀ ଓ ଆଶାକର୍ମୀ ସହଯୋଗ କରିଥିଲେ।

# ସମ୍ପାଦକୀୟ



ଅନ୍ୟର ଅଧିକାର ଉଲ୍ଲଙ୍ଘନ କଲେ ଯାଇ ଆଇନ ଆଖିରେ ଭୁଲ୍ ବୋଲି ଧରାଯାଏ, କିନ୍ତୁ ନୈତିକତା ଆଧାରରେ ସେ ବିଷୟରେ ଚିନ୍ତା କରିବା ହିଁ ଭୁଲ୍।
-ଇମାନୁଏଲ୍ କାଣ୍ଟ

ସକାଳ THE SAKALA

## କ୍ଷମତାର ମୁଖା ଖୋଲିଛି

ଦିଲ୍ଲୀ 'ଆପ୍' ସରକାରର ମଦ ନୀତି ଭ୍ରଷ୍ଟାଚାର ମାମଲାରେ ସିବିଆଇର ସ୍ୱତନ୍ତ୍ର ଅଦାଲତ ଗତ ଶୁକ୍ରବାର ଯେଉଁ ରାୟ ଶୁଣାଇଛନ୍ତି ତାହା କେବଳ ଦେଶବାସୀଙ୍କୁ ଚକିତ କରିନାହିଁ ଏହାର ପୃଷ୍ଠଭାଗରେ ଥିବା ମନ୍ଦ ଉଦ୍ଦେଶ୍ୟ ପଦାରେ ପଡ଼ିଯାଇଛି। ଏପର୍ଯ୍ୟନ୍ତ କ୍ଷମତା ରାଜନୀତି ପ୍ରତିପକ୍ଷ ବିରୋଧୀଙ୍କୁ ସାଧାରଣରେ ନିନ୍ଦିତ ଓ ବଦ୍‌ନାମ କରିବା ପାଇଁ ଦେଶର ଦୁଇ ପ୍ରମୁଖ ତଦନ୍ତକାରୀ ସଂସ୍ଥାକୁ ଉଦ୍ଦେଶ୍ୟମୂଳକ ଭାବେ ପ୍ରୟୋଗ କରୁଛି ବୋଲି ହେଉଥିବା ସମାଲୋଚନାର ଯେ ଯଥାର୍ଥତା ଅଛି ତାହା ପ୍ରମାଣିତ ହୋଇଛି। ତେବେ ସିବିଆଇ ଏହି ରାୟ ବିରୋଧରେ ହାଇକୋର୍ଟରେ ଆବେଦନ କରି ସମାଲୋଚନାରେ ସାମୟିକ ବିରାମ ଦେଇଥିବା ଭଳି ମନେ ହୁଏ। ଏହି ପରିପ୍ରେକ୍ଷୀରେ ଦିଲ୍ଲୀ ହାଇକୋର୍ଟ ଏହି ମାମଲାର ଅଭିଯୁକ୍ତ ଅରବିନ୍ଦ କେଜ୍ରିୱାଲ ଓ ମନୀଷ ସିସୋଦିଆଙ୍କ ଜାମିନ ଆବେଦନକୁ ବାରମ୍ବାର ପ୍ରତ୍ୟାଖାନ କରିବାରୁ ସେମାନଙ୍କୁ ଯଥାକ୍ରମେ ୬ ଓ ୧୭ ମାସ ଜେଲରେ ବିତାଇବାକୁ ପଡ଼ିଛି। ଏହି ମାମଲାରେ ସମସ୍ତ ୨୩ ଜଣ ଅଭିଯୁକ୍ତ ଦୋଷମୁକ୍ତ ହୋଇଥିବା ବେଳେ ସିବିଆଇର ତଦନ୍ତକାରୀ ଅଧିକାରୀଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦିଆଯାଇଛି।

ଏହି ସମ୍ବେଦନଶୀଳ ଭ୍ରଷ୍ଟାଚାର ମାମଲା ନିମ୍ନ ଅଦାଲତରୁ ସର୍ବୋଚ୍ଚ ନ୍ୟାୟାଳୟ ପର୍ଯ୍ୟନ୍ତ ଘୂରି ବୁଲୁଥିବା ବେଳେ ସିବିଆଇର ତଦନ୍ତ ସହ ଇଡିକୁ ଏହି ପ୍ରକ୍ରିୟାରେ ସଂଯୁକ୍ତ କରାଯାଇଥିଲା। ମନି ଲଣ୍ଡରିଂ ଆକ୍ଟର କଠୋର ନିୟମ ମାଧ୍ୟମରେ ଅଭିଯୁକ୍ତମାନଙ୍କୁ ଅଧିକ ଦିନ ଜେଲରେ ଅଟକ ରଖିବାର ସୁଯୋଗ ଏକ୍ଷେତ୍ରରେ ପ୍ରୟୋଗ କରାଯାଉଥିଲା। ଜାମିନ ଆବେଦନର ଶୁଣାଣି ବେଳେ ବିଚାରପତିଙ୍କ ଅସହାୟତାରୁ ଏହା ସ୍ପଷ୍ଟ ହୋଇଥିଲା। ରାୟ ପ୍ରଦାନ କରିଥିବା ଅତିରିକ୍ତ ଦୌରାଜଜ ଜିତେନ୍ଦ୍ର ସିଂହ ପୁଣି ଥରେ ପ୍ରମାଣ କରିଛନ୍ତି ଯେ ଭାରତୀୟ ବିଚାର ବ୍ୟବସ୍ଥା ନିରପେକ୍ଷ ଓ ଚାପମୁକ୍ତ। ଅନୁସନ୍ଧାନକାରୀ ସଂସ୍ଥା ପକ୍ଷରୁ ଅଦାଲତରେ ୧୪ ହଜାର ଇମେଲ ସହ ଦସ୍ତାବିଜର ଅଭିଯୋଗ ଫର୍ଦ୍ଦ ଦାଖଲ କରାଯାଇଥିଲା। ଏହା ଅଭିଯୋଗର ଯଥାର୍ଥତା ପ୍ରମାଣ କରିବା ସକାଶେ ଯେତିକି ନୁହେଁ ଶୁଣାଣି କରୁଥିବା ବିଚାରପତିଙ୍କୁ ବିଭ୍ରାନ୍ତ ଓ ସମୟସାପେକ୍ଷତାକୁ ଦୃଷ୍ଟିରେ ରଖି କରାଯାଇଥିବା ଭଳି ମନେ ହୁଏ। ଏହି ଯୋଜନାବଦ୍ଧ ପ୍ରୟାସର ଲକ୍ଷ୍ୟ ହାସଲ ହୋଇଛି ସତ, କିନ୍ତୁ ମନ୍ଦ ଉଦ୍ଦେଶ୍ୟ ପଦାରେ ପଡ଼ିଯାଇଛି।

ରାୟ ପ୍ରକାଶ ପରେ ପରେ କେଜ୍ରିୱାଲ୍‌ଙ୍କ ପ୍ରତିକିୟାକୁ କୋଳାଶ୍ରିତ ଗଣମାଧ୍ୟମରୁ ତର୍ଜମା ଓ ବିଚାରରେ ସାଧାରଣରେ ଯେଉଁ ଧାରଣା ସୃଷ୍ଟି ହୋଇଛି ସେଥିରେ ଏହି ଦୋଷମୁକ୍ତିର ଭୂମିକା ଗୌଣ ହୋଇପଡ଼ିଛି। ଏବେ ମଧ୍ୟ ବିଶ୍ୱାସ ଓ ଅବିଶ୍ୱାସର ସନ୍ଧିକ୍ଷଣ ମଧ୍ୟରେ ଅପହୃତ ସମ୍ମାନ ଫେରିପାଇବା ଏତେ ସହଜ ନୁହେଁ। ଯାହାକି ଜେଲର ଯାତନାଠାରୁ ଅଧିକ ପୀଡ଼ାଦାୟକ। ଛତିଶଗଡ଼ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କ ପରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କ କ୍ଷେତ୍ରରେ ଯେଉଁ ରାଜନୈତିକ ଷଡ଼ଯନ୍ତ୍ର ହୋଇଥିଲା ତାହା କ୍ଷମତାର ମୁଖା ଖୋଲି ଦେଇଥିଲେ ମଧ୍ୟ ତାହା କେତେଦୂର ବ୍ୟବସ୍ଥାକୁ ପ୍ରଭାବିତ କରିବ ସେ ନେଇ ଏବେ ମଧ୍ୟ ସନ୍ଦେହ ରହିଛି।

## ବଢୁଛି ନାରୀ ନିର୍ଯାତନା

ରାଜ୍ୟ ସରକାର ଉପସ୍ଥାପନ କରିଥିବା ନିଜ ତଥ୍ୟରେ ଦୋଷୀ ସାବ୍ୟସ୍ତ ହୋଇଗଲେଣି। ରାଜ୍ୟରେ ସୁଭଦ୍ରା ଯୋଜନା ମାଧ୍ୟମରେ ଲକ୍ଷପତି ମହିଳା ସଂଖ୍ୟା ବୃଦ୍ଧି ଆକଳନ କରି ନିଜ ପିଠି ଥାପୁଡ଼ାଇ ଚାଲିଥିବା ସରକାର ସେମାନଙ୍କୁ ସୁରକ୍ଷା ଓ ନିରାପତ୍ତା ଯୋଗାଇବାରେ ଅସମର୍ଥ ତାହା ସ୍ପଷ୍ଟ ହୋଇଛି। ନିଜେ ମୁଖ୍ୟମନ୍ତ୍ରୀ ଗୃହ ଦାୟିତ୍ୱରେ ଅଛନ୍ତି। କେବଳ ପ୍ରଚାର ଓ ପ୍ରସାର ମାଧ୍ୟମରେ ଯଦି ପୁଲିସ ବାହିନୀକୁ ସମର୍ଥ ଓ ସକ୍ଷମ କରାଯାଇପାରନ୍ତା ତେବେ ଚିନ୍ତା ନଥା'ନ୍ତା। ନାରୀ ନିର୍ଯାତନା ଓ ବଳାତ୍କାର ଘଟଣା ନିୟନ୍ତ୍ରିତ ହୋଇପାରନ୍ତା। କିନ୍ତୁ ଏହା ବାସ୍ତବ ଆଧାରିତ ନୁହେଁ।

ନାରୀ ନିର୍ଯାତନା ସଂକ୍ରାନ୍ତ ତଥ୍ୟ ଉପସ୍ଥାପନ କଲା ବେଳେ ବର୍ଦ୍ଧିତ ପରିସଂଖ୍ୟାନ ପାଇଁ ଲଜ୍ଜିତ ହେବାକୁ ପଡୁଛି। ମା' ଓ ମହିଳାଙ୍କୁ ସ୍ୱତନ୍ତ୍ର ସମ୍ମାନ ଦେବାକୁ କହି ଆସୁଥିବା ସରକାର ନିଜର ଅପାରଗତା ଓ ଅସଫଳତାକୁ ଘୋଡ଼ାଇବାକୁ ଯାଇ କେବଳ ଅପଦସ୍ତ ହେବା ସାର ହୋଇଛି। କଥାକଥାକେ ସରକାର ପରିସ୍ଥିତିକୁ ସୁଧାରିବା ପରିବର୍ତ୍ତେ ସହାୟତା ରାଶି ଘୋଷଣା କରି ପ୍ରତିବାଦର ସ୍ୱରକୁ ଚପାଇ ଦେବାର ଉଦ୍ୟମ କରିଚାଲିଛନ୍ତି। କିଛି ଅର୍ଥ ବିନିମୟରେ ପୀଡ଼ିତାର କ୍ଷତ ଯେ ଭରଣା ହୋଇଯିବ ଏକଥା ନୁହେଁ। ରାଜ୍ୟର ଅଧିକାଂଶ ଥାନାରେ ସ୍ୱତନ୍ତ୍ର ମହିଳା ଓ ଶିଶୁ ଡେସ୍କ ସକ୍ରିୟ ଥିବା ସତ୍ତ୍ୱେ ୨୦୨୫ରେ ୩୨,୬୮୭ଟ ନାରୀ ନିର୍ଯାତନା ମାମଲା ରୁଜୁ ହୋଇଛି। ସେଥିମଧ୍ୟରେ ନାରୀ ଅପହରଣ ଜନିତ ମାମଲା ସଂଖ୍ୟା ୭,୩୯୮। ଏହା ହିସାବକୁ ନେଲେ ଦୈନିକ ହାରାହାରି ୨୦ ରୁ ଊର୍ଦ୍ଧ୍ୱ ମହିଳା ଆମ ରାଜ୍ୟରେ ଅପହୃତ ହେଉଛନ୍ତି। ଏହାକୁ ବାଦଦେଲେ ୨୯୯୪ ଟି ବଳାତ୍କାର ମାମଲା ଓ ୧୧୫ ଦୁଷ୍କର୍ମ ଉଦ୍ୟମ ମାମଲା ରୁଜୁ ହୋଇଛି। ଅନୁରୂପ ଘଟଣାକ୍ରମରେ ବିବାହ ପ୍ରଲୋଭନ ଦେଖାଇ ଅସଦାଚରଣ କରାଯାଉଥିବା ଘଟଣା ପୁଲିସ ରେକର୍ଡ ଅନୁଯାୟୀ ୭୦୨। ପରିସଂଖ୍ୟାନ କୁହେ ଯେ ଯୌନ ଉତ୍ପୀଡ଼ନ ଓ ଯୌନ ଶୋଷଣ ନେଇ ରୁଜୁ ହୋଇଥିବା ମାମଲା ସଂଖ୍ୟା ଯଥାକ୍ରମେ ୭୩୮୨ ଓ ୧୧୮୩। ରାଜ୍ୟ ରାଜଧାନୀଠାରୁ ଆରମ୍ଭ କରି ବିଭିନ୍ନ ସ୍ଥାନରେ ମହିଳାଙ୍କୁ ସାଧାରଣ ସ୍ଥାନରେ ଖରାପ ଇଙ୍ଗିତ ଓ ଅସଦାଚରଣ କରିବା ସଂଖ୍ୟା କ୍ରମାଗତ ଭାବେ ବଢ଼ିବାରେ ଲାଗିଛି। ନିଜକୁ ଅସୁରକ୍ଷିତ ମଣୁଥିବାରୁ ସନ୍ଧ୍ୟା ପରେ ମହିଳା ଏକୁଟିଆ ବଜାର କରିବାକୁ ମଧ୍ୟ ସାହସ କରୁନାହାନ୍ତି। ଏଥିସହ ସଂପୃକ୍ତ ୧୪୪୮ ମାମଲା ରୁଜୁ ହୋଇଛି। ମହିଳାଙ୍କ ସହ ସଂପର୍କ ରକ୍ଷା କରି ଭିଡିଓ ଭାଇରାଲ ମାଧ୍ୟମରେ ବ୍ଲାକମେଲ୍ କରିବା ଘଟଣା କ୍ରମାଗତ ବୃଦ୍ଧି ପାଇଛି। ଯୌତୁକ ନିର୍ଯାତନାରେ ମୃତ୍ୟୁ ଓ ତାଡ଼ନା ସହ୍ୟ କରି ନ ପାରି ଆତ୍ମହତ୍ୟା ଘଟଣା ଓ ମାମଲା ସଂଖ୍ୟା ୧୦ ହଜାର ଅତିକ୍ରମ କରିଛି।

ଥାନାରେ ମହିଳା ଓ ଶିଶୁ ଡେସ୍କ ସହିତ କ୍ରାଇମବ୍ରାଞ୍ଚ ଅଧୀନରେ ସ୍ୱତନ୍ତ୍ର ମହିଳା ଓ ଶିଶୁ ଅପରାଧ ନିରାକରଣ ଶାଖା କାର୍ଯ୍ୟକ୍ଷମ। ପ୍ରତି ଜିଲ୍ଲାରେ ସମନ୍ୱିତ ମହିଳା ଚାଲାଣ ନିରୋଧ ଶାଖା ମଧ୍ୟ ରହିଛି। ସରକାରୀ ବ୍ୟବସ୍ଥା ଓ ବ୍ୟୟବରାଦରେ କିଛି ଢିଲା ନାହିଁ। କିନ୍ତୁ ସ୍ଥିତି ଅପରିବର୍ତ୍ତିତ ରହିଛି। ଏସବୁକୁ ଅନୁଧ୍ୟାନ କଲେ ମନରେ ସ୍ୱତଃ ପ୍ରଶ୍ନ ଉଠେ ଆମ ଲୋକ ଚରିତ୍ର କ'ଣ ଏତେ ନିମ୍ନଗାମୀ ହୋଇଗଲାଣି? ସତ କହିବାକୁ ଗଲେ ପୁଲିସ ବ୍ୟବସ୍ଥା ବିଗିଡ଼ି ଯାଇଥିବାରୁ ଜନଜୀବନ ଏକପ୍ରକାର ଲଗାମଛଡ଼ା ହୋଇଯାଇଛି।

# 'ଭେଣ୍ଟିଲେଟର'ରେ ଓଡ଼ିଶାର ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା

ପ୍ରହଲାଦ କୁମାର ସିଂହ

ଚରିତ୍ରବିହୀନ ଶିକ୍ଷା ହେଉଛି ନୀତିବିହୀନ ରାଜନୀତି ପରି ଏକ ଭୟଙ୍କର ପାପ। ଏହି ପାପ ପାଇଁ ଆମେ ଛାତ୍ରଛାତ୍ରୀଙ୍କୁ ଦାୟୀ କରିପାରିବା ନାହିଁ। ବ୍ୟବସ୍ଥାର ବଡ଼ପଣ୍ଡାମାନେ ଏଥିଲାଗି ସଂପୂର୍ଣ୍ଣ ଦାୟୀ। କୁହାଯାଏ 'ସା ବିଦ୍ୟା ଯା ବିମୁକ୍ତୟେ'। ବିଦ୍ୟା ହିଁ ମୁକ୍ତିର ବାଟ ଦେଖାଏ। ଅସତ୍ ପଥରୁ ସତ୍ ପଥକୁ, ଅନ୍ଧକାରରୁ ଆଲୋକ ଆଡ଼କୁ ଏବଂ ମୃତ୍ୟୁରୁ ଅମୃତଲୋକକୁ ନେଇଯାଏ ବିଦ୍ୟା। କିନ୍ତୁ ଏବେ ବେକାରୀ, ବେରୋଜଗାରୀ ଯୁଗରେ ଶିକ୍ଷିତ ଯୁବକଯୁବତୀମାନଙ୍କ ଅବସ୍ଥା କ'ଣ ହେଉଛି ତାହା ସମସ୍ତେ ଜଳଜଳ କରି ଦେଖୁଥିବା ବେଳେ ପ୍ରତିକାର କରିବା ପରିବର୍ତ୍ତେ ବ୍ୟବସ୍ଥାର ବଡ଼ପଣ୍ଡାମାନେ ନିଶା, ହିଂସା, ଆଳସ୍ୟ, ଜଡ଼ତା ଆଦିରେ ସେମାନଙ୍କୁ ବୁଡ଼ାଇ ରଖିବା ପାଇଁ ଅହରହ ଷଡ଼ଯନ୍ତ୍ର ଚଳାଇଛନ୍ତି। ଏବେ ସମ୍ବାଦ ପ୍ରକାଶ ପାଇଛି କେନ୍ଦ୍ରାପଡ଼ା ଜିଲ୍ଲାର କଖାରୁଣୀ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପିଲାମାନେ ଶିକ୍ଷକ ନିଯୁକ୍ତି ପାଇଁ ଅଳି କରି କର୍ତ୍ତୃପକ୍ଷ ଯୋଗାଉଥିବା ମାଗଣା ଭୋଜନ ଓ ମାଗଣା ପୋଷାକକୁ ବର୍ଜନ କରିଛନ୍ତି। କିଛିବର୍ଷ ତଳେ ଅବିଭକ୍ତ କୋରାପୁଟ ଜିଲ୍ଲାର ଆମିଳିପୁଟ ବିଦ୍ୟାଳୟର ପିଲାମାନେ ରାସ୍ତା ଅବରୋଧ କରି ନେହୁରା ହେଉଥିଲେ ସେମାନଙ୍କ ଭବିଷ୍ୟତ ସୁରକ୍ଷା ପାଇଁ ଶିକ୍ଷକ ନିଯୁକ୍ତି କରିବାକୁ। ଏଭଳି ଅବସ୍ଥା ନଗଡ଼ାରୁ ନୂଆପଡ଼ା ପର୍ଯ୍ୟନ୍ତ ସାରା ରାଜ୍ୟରେ ଲାଗି ରହିଛି।

ଓଡ଼ିଶାରେ ପ୍ରାଥମିକ ବିଦ୍ୟାଳୟରୁ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଶିକ୍ଷକ ମରୁଡ଼ି ଅବସ୍ଥା ଅତି ଉତ୍କଟ ଥିବା ବେଳେ 'ପର୍ସେଣ୍ଟେଜ୍‌ରାଜ' ବ୍ୟବସ୍ଥାରେ କିନ୍ତୁ ନିର୍ମାଣ ଓ ରଙ୍ଗ ଦେବା କାମରେ କୋଟିକୋଟି ଟଙ୍କା ବରବାଦ ହୋଇଚାଲୁଛି। ତେଣେ ହଜାର ହଜାର ସରକାରୀ ସ୍କୁଲ ବି ବନ୍ଦ ହୋଇଯାଉଛି। ରାଜ୍ୟର ବିଦ୍ୟାଳୟଗୁଡ଼ିକରେ ପାଖାପାଖି ୫୦ ହଜାର ଶିକ୍ଷକ ପଦବୀ ଖାଲି ବୋଲି କୁହାଯାଉଛି। ଏମିତିକି ଅନେକ ପ୍ରାଥମିକ ବିଦ୍ୟାଳୟରେ ପ୍ରତି ଶ୍ରେଣୀ ପାଇଁ ବଖରାଏ କରି ଘର ନାହିଁ କି ଜଣେ ଲେଖାଏଁ ଶିକ୍ଷକ ନାହାନ୍ତି। କେତେକ ହାଇସ୍କୁଲରେ ତ କ୍ରୀଡ଼ା, ହିନ୍ଦୀ ଓ ସଂସ୍କୃତ ଶିକ୍ଷକଙ୍କୁ ଗଣିତ, ବିଜ୍ଞାନ ଆଦି ପଢ଼ାଇବାକୁ ପଡୁଛି। ରାଜ୍ୟରେ ଲକ୍ଷଲକ୍ଷ ଉଚ୍ଚଶିକ୍ଷିତ ଯୁବକଯୁବତୀ ସିଟି ତାଲିମ ଏବଂ ବିଏଡ୍ ଓ ଏମ୍‌ଏଡ୍ ଆଦି ଡିଗ୍ରୀ ଧରି ବାରଦୁଆର ହେଉଥିବା ବେଳେ ବିଦ୍ୟାଳୟଗୁଡ଼ିକରେ କିନ୍ତୁ ଶିକ୍ଷକ ମରୁଡ଼ି ଜନିତ ସ୍ଥିତି ଉତ୍କଟତର ଥିବାରୁ ପିଲାମାନଙ୍କ ପାଠପଢ଼ା ଆରମ୍ଭରୁ ଖଇଚା ରହୁଛି।

ରାଜ୍ୟରେ ଅନ୍ୟୂନ ୧୭ଟି ସରକାରୀ ବିଶ୍ୱବିଦ୍ୟାଳୟରେ ନିୟମିତ କୁଳପତି ନାହାନ୍ତି। ଭାରପ୍ରାପ୍ତ କୁଳପତିଙ୍କ ଭରସାରେ ସଂଖ୍ୟାଧିକ ବିଶ୍ୱବିଦ୍ୟାଳୟ ଚାଲୁଛି। ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ୧୭ଟି ସରକାରୀ ବିଶ୍ୱବିଦ୍ୟାଳୟରେ ୬୮ ପ୍ରତିଶତରୁ ଅଧିକ ଶିକ୍ଷକ ପଦବୀ ଖାଲି ପଡ଼ିଥିବାରୁ ଗବେଷଣା, ଶିକ୍ଷାଦାନ, ପରୀକ୍ଷା ପରିଚାଳନା ଏବଂ ପ୍ରଶାସନିକ କାର୍ଯ୍ୟରେ ଅବ୍ୟବସ୍ଥା ଲାଗି ରହିଛି। ଏହି ବିଶ୍ୱବିଦ୍ୟାଳୟଗୁଡ଼ିକ ପାଇଁ ୨୯୯ଟି ମଞ୍ଜୁରୀପ୍ରାପ୍ତ ପ୍ରଫେସର ପଦବୀ ଥିବା ବେଳେ ସେଥିରୁ ୨୬୧ଟି ଖାଲି। ବସ୍ତୁତଃ ଅନେକ ବିଶ୍ୱବିଦ୍ୟାଳୟର ବିଭିନ୍ନ ବିଭାଗ ବିନା ପ୍ରଫେସରରେ ଚାଲୁଛି। ସେହିଭଳି ଏହି ବିଶ୍ୱବିଦ୍ୟାଳୟଗୁଡ଼ିକ ଲାଗି ୫୯୩ଟି ମଞ୍ଜୁରୀପ୍ରାପ୍ତ ସହଯୋଗୀ ପ୍ରଫେସର ପଦବୀ ଥିବା ବେଳେ ସେଥିରୁ ବି ୪୫୮ଟି ଖାଲି। ୧୧୯୪ଟି ସହକାରୀ ପ୍ରଫେସର ପଦବୀରେ ମଧ୍ୟରୁ ୭୦୮ଟି ଖାଲି। ମୋଟାମୋଟି ଭାବେ ସରକାରୀ ହିସାବ ମୁତାବକ କେବଳ ଉଚ୍ଚଶିକ୍ଷା ବିଭାଗର ଏହି ୧୭ଟି ସରକାରୀ ବିଶ୍ୱବିଦ୍ୟାଳୟ ପାଇଁ ୨୦୮୬ଟି ମଞ୍ଜୁରୀପ୍ରାପ୍ତ ଶିକ୍ଷକ ପଦବୀରୁ ୧୪୨୭ ଖାଲି ପଡ଼ିଛି। ଏହି ବିଶ୍ୱବିଦ୍ୟାଳୟଗୁଡ଼ିକ ଲାଗି ୩୦୮୨ଟି ମଞ୍ଜୁରୀପ୍ରାପ୍ତ ଅଣଶିକ୍ଷକ ପଦବୀ ଥିବା ବେଳେ ସେଥିରୁ ୨୩୨୫ଟି ଖାଲି ପଡ଼ିଛି। ଅର୍ଥାତ୍ ଏ କ୍ଷେତ୍ରରେ ବି ଖାଲି ପଦବୀ ସଂଖ୍ୟା ୭୫ ପ୍ରତିଶତରୁ ଅଧିକ। ରାଜ୍ୟ ସରକାର ୨୦୨୬ ଫେବୃଆରୀ ମାସରେ ବିଧାନସଭାରେ ଦେଇଥିବା ତଥ୍ୟରୁ ଏହା ଜଣାପଡୁଛି। ରାଜ୍ୟରେ ଲକ୍ଷଲକ୍ଷ ବେକାର ଯୁବକଯୁବତୀ କର୍ମନିଯୁକ୍ତି ପାଇପାରୁ ନ ଥିବା ବେଳେ ଏ ପଦବୀ ସବୁ କିନ୍ତୁ ପୂରଣ କରାଯାଉ ନାହିଁ।

ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଓଡ଼ିଶା ବୈଷୟିକ ଗବେଷଣା ବିଶ୍ୱବିଦ୍ୟାଳୟ, ଓଡ଼ିଶା ମେଡିକାଲ ବିଶ୍ୱବିଦ୍ୟାଳୟ, ମଧୁସୂଦନ ଆଇନ୍ ବିଶ୍ୱବିଦ୍ୟାଳୟ, ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ଏବଂ ଏହାର ଅନୁବନ୍ଧିତ ଶିକ୍ଷାନୁଷ୍ଠାନଗୁଡ଼ିକରେ ମଧ୍ୟ ମାଳମାଳ ଶିକ୍ଷକ ଓ ଅଣଶିକ୍ଷକ ପଦବୀ ବର୍ଷବର୍ଷ ଧରି ଖାଲି ରହିଛି। ସରକାରୀ ଆଇଟିଆଇ, ଇଞ୍ଜିନିୟରିଂ ସ୍କୁଲ ଓ କଲେଜ୍, ପଲିଟେକ୍‌ନିକ୍, ସିଟି, ବି.ଏଡ୍ ଶିକ୍ଷାନୁଷ୍ଠାନମାନଙ୍କରେ ତ ଏହି ସମସ୍ୟା ଅତି ସାଙ୍ଘାତିକ। କିନ୍ତୁ ମୂଳ ସମସ୍ୟାର ସମାଧାନ କରିବା ପରିବର୍ତ୍ତେ ନିଯୁକ୍ତି ନପାଇ ହା'ହତାଶାରେ ଛଟପଟ ହେଉଥିବା ଯୁବକଯୁବତୀମାନଙ୍କୁ ନିଯୁକ୍ତିଦାତା ହେବାର ଆହ୍ୱାନ ଦିଆଯାଉଛି।

ସେହିପରି ଓଡ଼ିଶାରେ ଥିବା ସରକାରୀ ଡିଗ୍ରୀ କଲେଜ୍‌ଗୁଡ଼ିକରେ ୭୬୬ଟି ଅଧ୍ୟାପକ ପଦବୀ ଖାଲି ପଡ଼ିଛି। ଅଧିକାଂଶ ଅଟୋନୋମସ କଲେଜ୍‌ରେ ବ୍ୟାପକ ସଂଖ୍ୟକ ଶିକ୍ଷକ ଓ ଅଣଶିକ୍ଷକ ପଦବୀ ଖାଲିଥିବାରୁ ଏହା ସତେଯେମିତି ଅଟୋମେଟିକ୍ ଭାବେ ଚାଲୁଛି। ଫକୀରମୋହନ ଅଟୋନୋମସ କଲେଜ୍‌ରେ ୬୫ଟି, ବିଜେବି ଅଟୋନୋମସ କଲେଜ୍‌ରେ ୯୬ଟି, ଏମ୍‌ପିସି ଅଟୋନୋମସ କଲେଜ୍‌ରେ ୮୯ଟି, ଏସ୍‌ସିଏସ୍ ଅଟୋନୋମସ କଲେଜ୍‌ରେ ୮୪ଟି, ଶୈଳବାଳା ମହିଳା ଅଟୋନୋମସ କଲେଜ୍‌ରେ ୪୦ଟି ଅଣଶିକ୍ଷକ ପଦବୀ ଖାଲି। ଅନ୍ୟ ଶିକ୍ଷାନୁଷ୍ଠାନଗୁଡ଼ିକର ଅବସ୍ଥା ମଧ୍ୟ ତଦ୍ରୂପ। ଅଧିକାଂଶ ସରକାରୀ ଡିଗ୍ରୀ କଲେଜ୍ ଓ ଅଟୋନୋମସ କଲେଜ୍‌ରେ ନିୟମିତ ଅଧ୍ୟକ୍ଷ ନାହାନ୍ତି। ଏହି ସରକାରୀ ଡିଗ୍ରୀ କଲେଜ୍‌ଗୁଡ଼ିକରେ ୭୬୬ଟି ଅଧ୍ୟାପକ ପଦବୀ ଖାଲି ପଡ଼ିଛି। ଏଥିରୁ ଓଡ଼ିଆରେ ୫୧ଟି, ଶିକ୍ଷାରେ ୯୦ଟି, ଇଂରାଜୀରେ ୭୬ଟି, ଇତିହାସରେ ୬୬ଟି ପଦବୀ ଖାଲି। ବିଜ୍ଞାନ, କଳା, ବାଣିଜ୍ୟରେ ମାଳମାଳ ଶିକ୍ଷକ ପଦବୀ ଖାଲି ପଡ଼ିଛି। ଅନୁଦାନପ୍ରାପ୍ତ କଲେଜ୍‌ଗୁଡ଼ିକରୁ ଅଧିକାଂଶ ସ୍ଥାନରେ ଭାରପ୍ରାପ୍ତ ଅଧ୍ୟକ୍ଷମାନଙ୍କ ଦ୍ୱାରା କାମ ଚଳାଯାଉଛି। ଏହି କଲେଜ୍‌ଗୁଡ଼ିକରେ ପାଖାପାଖି ୨୦୦୦ ଶିକ୍ଷକ ପଦବୀ ମଧ୍ୟ ଖାଲି। ୪୮୮ ବର୍ଗର କଲେଜ୍‌ଗୁଡ଼ିକରେ ୪୭୫୭ଟି ମଞ୍ଜୁରୀପ୍ରାପ୍ତ ଅଣଶିକ୍ଷକ ପଦବୀରୁ ୩୩୫୯ଟି ଖାଲି ପଡ଼ିଛି।

ରାଜ୍ୟର ସରକାରୀ ମେଡିକାଲ୍ କଲେଜ୍ ଓ ଡାକ୍ତରଖାନାଗୁଡ଼ିକରେ ପ୍ରାୟ ୬୦ ପ୍ରତିଶତରୁ ଅଧିକ ଡାକ୍ତରୀ ଶିକ୍ଷକ ଓ ଡାକ୍ତର ପଦବୀ ଖାଲି। ସେହିପରି ସରକାରୀ ଆୟୁର୍ବେଦିକ ଓ ହୋମିଓପ୍ୟାଥିକ କଲେଜ୍ ଏବଂ ଏହି ଚିକିତ୍ସା ବିଜ୍ଞାନ ଅନ୍ତର୍ଭୁକ୍ତ ଚିକିତ୍ସା କେନ୍ଦ୍ରଗୁଡ଼ିକରେ ଅବସ୍ଥା ଅତି ସାଙ୍ଘାତିକ। ସତେଯେମିତି ଆମ ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା ଆଇସିୟୁ ଭିତରେ କୋମାରେ ଥାଇ ଭେଣ୍ଟିଲେଟର ସହାୟତାରେ ବଞ୍ଚିବାକୁ ସଂଘର୍ଷ କରୁଛି। ଗୋଟିଏ ପଟେ ଆମେ ସମୃଦ୍ଧ ଓଡ଼ିଶା ଓ ବିକଶିତ ଭାରତ ପାଇଁ ରଙ୍ଗୀନ ନକ୍ସା ଆଙ୍କିବା ସହ ପ୍ରଚାର କାର୍ଯ୍ୟରେ ମସଗୁଲ ଥିବା ବେଳେ ଅନ୍ୟପଟେ କିନ୍ତୁ ଆମ ମୂଳଦୁଆକୁ ଜାଣିଶୁଣି ଦୁର୍ବଳ କରିଦେଉଛୁ।

ଉନ୍ନତ ମାନବସମ୍ବଳ ପାଇଁ ଉଦ୍ଦିଷ୍ଟ ଶିକ୍ଷା ଓ ସ୍ୱାସ୍ଥ୍ୟସେବାକୁ ଲାଭଦାୟକ କି ଅର୍ଥକରୀ ବିଭାଗ ଭାବେ ଗଣୁନାହୁଁ କିମ୍ବା ସେତେଟା ଗୁରୁତ୍ୱ ବି ଦେଉନାହୁଁ। ଶାସନ ଚଳାଇ ଆସୁଥିବା ଦଳମତ ନିର୍ବିଶେଷରେ ରାଜନେତା ଏବଂ ସେମାନଙ୍କ ମୁହଁରେ ଦାନାର ତୋବଡ଼ା ବାନ୍ଧି ବିଭିନ୍ନ ଘାଟରେ ପାଣି ପିଆଉଥିବା ଅମଲାତନ୍ତ୍ରର ବାବୁମାନେ ଅଧିକାଂଶ କ୍ଷେତ୍ରରେ ନିଜ ପିଲାମାନଙ୍କୁ ନାମୀଦାମୀ ଇଂରାଜୀମାଧ୍ୟମ ଘରୋଇ ବିଦ୍ୟାଳୟରେ ପଢ଼ାଇବା ସହିତ ନିଜ ନିଜର ଚିକିତ୍ସା ପାଇଁ କର୍ପୋରେଟ୍ ଡାକ୍ତରଖାନାକୁ ପସନ୍ଦ କରନ୍ତି। ଏମିତିକି କେତେକ ତ ପିଲାମାନଙ୍କୁ ପଢ଼ିବା ପାଇଁ ବିଦେଶ ପଠାଇ ଦିଅନ୍ତି। ଅବଶ୍ୟ ଗରିବ ଲୋକଙ୍କ ଟିକସ ପଇସାରେ ସେମାନେ ପାଉଥିବା ଦରମା ଓ ଉପୁରି ଅର୍ଥରୁ ଏ ବାବଦ ଖର୍ଚ୍ଚ ଭରଣା କରାଯାଏ। ଏମିତିକି ସେମାନଙ୍କ ଆଭିଜାତ୍ୟପୂର୍ଣ୍ଣ ବିଳାସମୟ ଜୀବନ ଯାପନ ପାଇଁ ବି ରାଜକୋଷରୁ ପାଣିଭଳି ଅର୍ଥ ଖର୍ଚ୍ଚ ହୁଏ। ଅଥଚ ସାଧାରଣ ନାଗରିକଟିଏ ତା'ର ପିଲାମାନଙ୍କୁ ଦଣ୍ଡମୁକ୍ତ, ଅଣ୍ଡାଯୁକ୍ତ ମାଗଣା ମଧ୍ୟାହ୍ନଭୋଜନ କୈନ୍ଦ୍ରିକ ସରକାରୀ ବିଦ୍ୟାଳୟକୁ ପଠାଇ ପରବର୍ତ୍ତୀ ସମୟରେ ପସ୍ତାଇବାକୁ ବାଧ୍ୟ ହୁଏ। ବର୍ଷବର୍ଷ ଧରି ଏହି ସମସ୍ୟା ଲାଗି ରହୁଥିବା ବେଳେ ପ୍ରାଥମିକ ବିଦ୍ୟାଳୟରୁ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଶିକ୍ଷକ ଓ ଅଣଶିକ୍ଷକ ପଦବୀଗୁଡ଼ିକ ପୂରଣ କରିବା ଦିଗରେ ପ୍ରଶାସନ କଳ ସେତେଟା ଗୁରୁତ୍ୱ ଦିଏ ନାହିଁ। ଏଭଳି ସ୍ଥିତିରେ ଶୃଙ୍ଖଳିତ, ସ୍ୱାବଲମ୍ବୀ, ସବଳ, କୁଶଳୀ, ସ୍ୱାଭିମାନୀ ନାଗରିକ ସୃଷ୍ଟି ନହେଲେ ୨୦୩୬ ବେଳକୁ ସମୃଦ୍ଧ ଓଡ଼ିଶା ଓ ୨୦୪୭ ବେଳକୁ ବିକଶିତ ଭାରତ ଗଠନ କରାଯିବ କିପରି?

ଭୁବନେଶ୍ୱର, ମୋ: ୯୪୩୭୦୧୭୩୯୫

# ଜଳବାୟୁ ସହନଶୀଳ କୃଷିର ଆବଶ୍ୟକତା

ଡି ଶୁଭମ୍

ସମୟ ବଦଳୁଛି। ଲୋକଙ୍କର ବଞ୍ଚିବାର ଢାଞ୍ଚା ବି ବଦଳୁଛି। ପାରିପାର୍ଶ୍ୱିକ ପରିସ୍ଥିତି ବଦଳୁଛି। ଏହାରି ଭିତରେ ଜଳବାୟୁ ପରିବର୍ତ୍ତନ ଏକ ଉତ୍କଟ ସମସ୍ୟା ସୃଷ୍ଟି କରିଛି। ଉଣାଅଧିକେ ଏ ପରିବର୍ତ୍ତନର ଆଭାସକୁ ଅନୁଭବ କରିହେଉଛି। ଏହି ଉପକ୍ରମରେ ଯଦି ଆମେ ଚାଷ ବା କୃଷିର କଥାକୁ ବିଚାର କରିବା, ତେବେ ଏହି ଜଳବାୟୁ ପରିବର୍ତ୍ତନ ଚାଷ ଜମିରେ ଏକ ଭୟଙ୍କର ପରିସ୍ଥିତି ସୃଷ୍ଟି କରିଛି।

ଗୋଟେ ପଟେ ଜଳବାୟୁ ପରିବର୍ତ୍ତନ ଋତୁଚକ୍ରରେ ଅନିୟମିତତା ଆଣୁଛି। ବର୍ଷାରେ ଅନିୟମିତତା, ତାପମାତ୍ରା ବୃଦ୍ଧି ଫସଲର ଅମଳ ଉପରେ ପ୍ରଭାବ ପକାଉଛି। ମାଟି ତା'ର ସ୍ୱତନ୍ତ୍ରତା ହରାଉଛି। ଫଳରେ ଅଧିକ ସାର ଓ ବିଷର ମାତ୍ରା ବଢୁଛି। ଯେତିକି ଆଦାୟ ହେବା କଥା ତା' ଠାରୁ କମ୍ ହେଉଛି। ଭୂତଳ ଜଳର ପରିମାଣ କମୁଛି। ଅନ୍ୟପଟେ ଧାନ ଜମିରେ ନଡ଼ା ପୋଡ଼ି ଆଉ ଏକ ସଙ୍କଟ ଆଣୁଛି। ଏହାଫଳରେ ବାୟୁର ଗୁଣବତ୍ତା ଉପରେ ସିଧାସଳଖ ପ୍ରଭାବ ପଡୁଛି। ଖାଦ୍ୟ ଓ କୃଷି ସଂସ୍ଥାର ରିପୋର୍ଟ ଅନୁସାରେ ବିଶ୍ୱରେ ବାର୍ଷିକ ୪୫୦ ନିୟୁତ ଟନ୍ ଫସଲ ଅବଶେଷ ପୋଡ଼ା ଯାଉଛି। ଏହାର ୪୦-୫୦ ପ୍ରତିଶତ କେବଳ ଧାନ ଫସଲ, ଯାହାକି ୧.୨ ନିୟୁତ ଟନ ମିଥେନ ଗ୍ୟାସ ନିର୍ଗତ କରି ବାୟୁମଣ୍ଡଳରେ ମିଶାଉଛି। ନଡ଼ାପୋଡ଼ି ଆମ ପାଇଁ ଭୟଙ୍କର ସଙ୍କଟ ନ ସାଜୁ, ସେଥିପାଇଁ ସତର୍କ, ସଚେତନ ଓ ସଜାଗ ରହିବା ଏକାନ୍ତ ଜରୁରୀ।

ଏହି ପରିପ୍ରେକ୍ଷୀରେ ଜଳବାୟୁ ସହନଶୀଳ କୃଷି ନୂଆ ସମ୍ଭାବନା ଆଣିଛି। ଚାଷ ଜମିରେ ଜଳବାୟୁ ପରିବର୍ତ୍ତନ ଫଳରେ ହେଉଥିବା କ୍ଷତିକୁ ପୁନଃଭରଣ ଅଥବା ଏହାକୁ ଆହ୍ୱାନ ରୂପେ ନେଇ ଜଳବାୟୁ ସହନଶୀଳ କୃଷି ଚାଷ ଜମିରେ ଏକ ବିପ୍ଳବ ସୃଷ୍ଟି କରିପାରେ। ଖାଦ୍ୟ ଓ ପୋଷଣ ନିରାପତ୍ତାକୁ ଧ୍ୟାନ ଦେଇ ଭବିଷ୍ୟତ ପିଢ଼ିଙ୍କୁ ଏକ ସୁସ୍ଥ, ସବୁଜ ଓ ସୁରକ୍ଷିତ ଭବିଷ୍ୟତ ଗଠନ କରିବା ଦିଗରେ କରାଯାଉଥିବା କୃଷିକୁ ଆମେ ଜଳବାୟୁ ସହନଶୀଳ କୃଷି କହିଥାଉ। ତେବେ ଅନ୍ତର୍ଭୁକ୍ତୀକରଣ ମାଧ୍ୟମରେ ଜଳବାୟୁ ସହନଶୀଳ କୃଷି ଆମ ସମସ୍ତଙ୍କ ପାଇଁ କେବଳ ଆହ୍ୱାନ ନୁହେଁ, ବରଂ ଏକ କର୍ତ୍ତବ୍ୟ। ଗ୍ରାମାଞ୍ଚଳମାନଙ୍କରେ କୃଷକ, ଯୁବକ, ମହିଳା ଓ ଜନଜାତିମାନଙ୍କର ପ୍ରତ୍ୟକ୍ଷ ଅଂଶଗ୍ରହଣ କରିବା ଏହାର ମୁଖ୍ୟ ଲକ୍ଷ୍ୟ। ଏ ଦିଗରେ ଚାଷୀମାନଙ୍କୁ ସଚେତନ କରାଇବାର ସମୟ ଆସିଛି। ବିଭିନ୍ନ ସରକାରୀ ଓ ବେସରକାରୀ ସଂସ୍ଥା ଏଦିଗରେ କାର୍ଯ୍ୟକ୍ରମମାନ କରି ଚାଷୀମାନଙ୍କ ମଧ୍ୟରେ ଜଳବାୟୁ ସହନଶୀଳ କୃଷିକୁ ଲୋକପ୍ରିୟ କରିବା ଦିଗରେ ବ୍ରତୀ ହେବା ଆବଶ୍ୟକ।

ଜଳବାୟୁ ସହନଶୀଳ କୃଷି, ସଂରକ୍ଷଣ କୃଷି, ବନୀକରଣ, ସମନ୍ୱିତ କୃଷି, ଜୈବିକ କୃଷି, ପ୍ରାକୃତିକ କୃଷି ପରି ବିଭିନ୍ନ ଉପାଦାନମାନଙ୍କୁ ନେଇ ଗଠିତ। ସମୟ ଥିଲା ଯେବେ ଗ୍ରାମ୍ୟ ଜୀବନରେ ପୁଲକ ଆଉ ସ୍ୱପ୍ନ ସବୁ ବେଶ ରଙ୍ଗୀନ ସାଜୁଥିଲେ ସେବେ ଚାଷ ଜମିରେ ଏ ସ୍ଥିତି ଦେଖିବାକୁ ମିଳୁ ନ ଥିଲା। ଏମିତିକି ଲୋକେ ପୋଖରୀ ଜଳକୁ ଆଡ଼େଇ ପିଉଥିଲେ ଅବା ଗରାରେ ପାଣି ଆଣି ତାହାକୁ ଛାଣି ପିଉଥିଲେ। ଏବେ ଜଳବାୟୁ ପରିବର୍ତ୍ତନର ଫଳ ସ୍ୱରୂପ ପାଣିକୁ ସଂରକ୍ଷଣ କରିବା ପାଇଁ ଭୂତଳ ଜଳ ସଂରକ୍ଷଣ, ରୁଫଟପ ଗାର୍ଡେନ ପରି ଅନେକ କିଛି ଜଳବାୟୁ ଅନୁକୂଳ କୃଷିକୁ ଲୋକ ଗ୍ରହଣ କରିବାକୁ ବାଧ୍ୟ ହେଉଛନ୍ତି।

ନୋ-ଟିଲ୍ ଚାଷ ବା ଚାଷ ଜମିରେ ଯାନ୍ତ୍ରିକୀକରଣର ବ୍ୟବହାର କମ୍ କରିବା ଦିଗରେ ଚାଷୀଭାଇମାନେ ସଚେତନ ହେବା ଜରୁରୀ। ମାଟିରେ ଅଧିକ ଯନ୍ତ୍ରପାତିର ବ୍ୟବହାର ଏହାର ସଂରଚନା ଓ ଗଠନରେ ପରିବର୍ତ୍ତନ ଆଣେ। ମାଟି ତା'ର ନିଜସ୍ୱ ଗୁଣ ହରାଏ। ଏହାର ପ୍ରଭାବ ଫସଲ ଅମଳ ଉପରେ ପଡ଼େ। ଜମିରେ ରାସାୟନିକ ସାର ଓ କୀଟନାଶକ ବ୍ୟବହାର କମ କରି ଜୈବିକ ଓ ପ୍ରାକୃତିକ କୃଷିକୁ ଆପଣେଇବା ଦିଗରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରାଯାଇପାରେ। କେବଳ ଧାନ ଉପରେ ନିର୍ଭରଶୀଳ ନହୋଇ ଜୀବନ ଓ ଜୀବିକାକୁ ଗୁରୁତ୍ୱ ଦେଇ ଅଣଧାନ ଫସଲ ଚାଷ ଉପରେ ଆମେ ଗୁରୁତ୍ୱ ଦେଇପାରିବା। ଫସଲ ଅବଶିଷ୍ଟାଂଶକୁ ନ ପୋଡ଼ି ଆମେ ଏହାକୁ ଖତ ତଥା ଜୈବିକ ଆଉ ପ୍ରାକୃତିକ ସାର ପ୍ରସ୍ତୁତ କରିବା ଦିଗରେ ବ୍ୟବହାର କରିପାରିବା। ଗାଁ ଗାଁରେ ଏହାକୁ ନେଇ ଛତୁ ଉଦ୍ୟୋଗ ପ୍ରସ୍ତୁତ କରିପାରିବା। ଆଚ୍ଛାଦନ ଉପରେ ଅଧିକ ଗୁରୁତ୍ୱ ଦେବା ସହ ଆଚ୍ଛାଦିତ ଫସଲଗୁଡ଼ିକ ଚାଷ କରିବା ଦିଗରେ ଚେଷ୍ଟା କରିବା। ମୁଖ୍ୟ ଫସଲ ଚାଷ ହେଉଥିବା ଜମିର ହିଡ଼ରେ ଯଅ ଫସଲ ବା କୀଟ ଆକୃଷ୍ଟ କରୁଥିବା ଫସଲ ବା ଟ୍ରାପ କ୍ରପ୍‌ଗୁଡ଼ିକୁ ଚାଷ କରାଗଲେ ମଧ୍ୟ ଏହା ସୁଫଳ ଦେବ। ସରକାରୀ ବା ବେସରକାରୀ ସ୍ତରରେ ସାଧାରଣ ଜନତା, ଯୁବକମାନେ ଏ ଦିଗରେ ଆଗଭର ହୋଇ ସଚେତନତା କର୍ମଶାଳା କରିପାରିବେ। ମହିଳାମାନଙ୍କୁ ଏହି କାର୍ଯ୍ୟକ୍ରମରେ ଅଧିକରୁ ଅଧିକ ନିୟୋଜିତ କରିବା ଦିଗରେ ପ୍ରଚେଷ୍ଟା ହେଉ। ସ୍ଥାନୀୟ ଏଫ.ପି.ଓ ବା କୃଷକ ଉତ୍ପାଦକ ସଂଗଠନମାନେ ଏ ଦିଗରେ ପ୍ରୟାସ କରିପାରିବେ।

ଜଳବାୟୁ ସହନଶୀଳ କୃଷି ମାଧ୍ୟମରେ ଫସଲ କିମ୍ବା ପଶୁପାଳନ ସହିତ ବନୀକରଣ ଉପରେ ସ୍ୱତନ୍ତ୍ର ପ୍ରାଧାନ୍ୟ ଦିଆଯାଏ। ଏହି ବନୀକରଣ ଦ୍ୱାରା ଗଛଗୁଡ଼ିକ ମାଟିକୁ ସଂରକ୍ଷଣ କରିବା ସହ ଆଖପାଖରେ ପୋଷଣଚକ୍ରରେ ସାହାଯ୍ୟ କରନ୍ତି। ଏହା ମାଟିର ଉର୍ବରତା ବୃଦ୍ଧି କରିବା ସହ ଜୈବ ବିବିଧତାକୁ ରକ୍ଷା କରିଥାଏ। ପ୍ରିସିଜନ ଏଗ୍ରିକଲଚର ବା ପରିଶୁଦ୍ଧ କୃଷି, ବୁନ୍ଦା ଜଳସେଚନ, ବର୍ଷାଜଳ ସଂରକ୍ଷଣ ବ୍ୟବସ୍ଥା ମଧ୍ୟ ଏହାର ଏକ ପ୍ରମୁଖ ମାନଦଣ୍ଡ। ଏହା ଜଳଧାରଣ କ୍ଷମତା ବଢ଼ାଇବା ସହ ମରୁଡ଼ି ସମୟରେ ଚାଷୀମାନଙ୍କୁ ସାହାଯ୍ୟ କରେ। ଜଳବାୟୁ ପରିବର୍ତ୍ତନ ଏକ ଲମ୍ବା ତାଲିକା ନେଇ ଆମକୁ କ୍ଷତି ପହଁଚାଇଲେ ବି ଏହାକୁ ମୁକାବିଲା କରିବା ପାଇଁ ସହନଶୀଳ କୃଷି ମାଧ୍ୟମରେ ଆମେ ସଜାଗ ଓ ସତର୍କ ରହିବା। ଏକ ସବୁଜିମାମୟ ପୃଥିବୀ ଗଠନରେ ହାତ ମିଶାଇବା -ଏହା ହିଁ ଆଜିର ଆହ୍ୱାନ ହେବା ବିଧେୟ।

(ଜୈବ ନିରୀକ୍ଷକ, ଓଡ଼ିଶା ରାଜ୍ୟ ଜୈବ ପ୍ରମାଣନ ସଂସ୍ଥା)
ଭୁବନେଶ୍ୱର, ମୋ: ୯୪୩୮୪୬୭୦୭୯

## ଉଚ୍ଚତାପ ଓ ଉତ୍ପାଦନ ହ୍ରାସ

**ବିଜ୍ଞାନ ବାର୍ତ୍ତା**

ଶ୍ରୀନନ

ଶିଳ୍ପବିପ୍ଳବର ପ୍ରାରମ୍ଭ କାଳରୁ, ଅର୍ଥାତ୍ ଅଷ୍ଟାଦଶ ଶତାବ୍ଦୀର ଶେଷଭାଗରୁ କ୍ରମଶଃ ବଢ଼ିଚାଲିଛି ଜାଗତିକ ଉଷ୍ମତା। ଊନବିଂଶ ଶତାବ୍ଦୀ ଓ ବିଂଶ ଶତାବ୍ଦୀର ମଧ୍ୟଭାଗ ପର୍ଯ୍ୟନ୍ତ ଏହା ଧୀରେ ଧୀରେ ଏବଂ ତତ୍ପରେ ଦ୍ରୁତରୁ ଦ୍ରୁତତର ହେବାରେ ଲାଗିଛି। ଫଳରେ ୧୯୮୧ ମସିହାଠାରୁ ଆଜି ମଧ୍ୟରେ ପ୍ରତିଦଶକରେ ଏହା ହାରାହାରି ୦.୨ ଡିଗ୍ରୀ ସେଲ୍‌ସିୟସ ହାରରେ ବଢ଼ି ଚାଲିଛି। ପରିଣାମ ସ୍ୱରୂପ, ଆଗାମୀ ୫ ବର୍ଷ ମଧ୍ୟରେ ନିରାପଦ ସ୍ତରରୁ ଏହା ୧.୫ ଡିଗ୍ରୀ ଏବଂ ୨୦୩୦ ମଧ୍ୟରେ ୨ ଡିଗ୍ରୀ ସେଲ୍‌ସିୟସ୍ ଅଧିକ ହେବାର ଆଶଙ୍କା ରହିଛି। ଆମ ଦେଶର 'କ୍ଲାଇମେଟ୍ ସେଣ୍ଟ୍ରାଲ' ଦ୍ୱାରା ପ୍ରସ୍ତୁତ ଏକ ରିପୋର୍ଟ (ଫେବୃୟାରୀ ୨୦୨୬) ଅନୁସାରେ ଏହାର ପ୍ରଭାବରେ ଜଳବାୟୁ ପରିବର୍ତ୍ତନ କାରଣରୁ ୨୦୨୧ ରୁ ୨୦୨୫ ମସିହା ମଧ୍ୟରେ ପ୍ରତିବର୍ଷ ୩୦ ରୁ ଅଧିକ ସଂଖ୍ୟକ 'ଉଚ୍ଚତାପ ଦିବସ' ଅର୍ଥାତ୍ ତାପମାତ୍ରା ୩୦ ଡିଗ୍ରୀ ସେଲ୍‌ସିୟସ୍‌ରୁ ଅଧିକ ହେଉଥିବା ଦିନ ଦେଖାଯାଉଛି। ବିଭିନ୍ନ ରାଜ୍ୟରେ ଏହାର ସଂଖ୍ୟା ଭିନ୍ନ ଭିନ୍ନ। ଏହା ସର୍ବାଧିକ ଘଟୁଛି କେରଳରେ (୧୫୭ ଦିନ)। ତା' ପଛକୁ ଅଛନ୍ତି ତ୍ରିପୁରା (୪୭ ଦିନ), ତେଲଙ୍ଗାନା (୪୪ ଦିନ), ମିଜୋରାମ (୪୦ ଦିନ) ଓ କର୍ଣ୍ଣାଟକ (୩୨ ଦିନ)।

ଜୀବଜଗତ ଉପରେ ଏହାର ଯେଉଁ ବିସ୍ତୃତ ପ୍ରଭାବ ପଡୁଛି ତାହାର ଅନ୍ତର୍ଭୁକ୍ତ ମଣିଷର ସ୍ୱାସ୍ଥ୍ୟ ଏବଂ ଅକାଳମୃତ୍ୟୁଠାରୁ ଆରମ୍ଭ କରି ପ୍ରତିବର୍ଷ ଶତାଧିକ ପ୍ରଜାତିର ପ୍ରାଣୀମାନଙ୍କ ବିଲୁପ୍ତି ପର୍ଯ୍ୟନ୍ତ। ତନ୍ମଧ୍ୟରୁ ଯେଉଁଟିକୁ ଆମେ ପ୍ରତ୍ୟେକେ ପ୍ରତ୍ୟକ୍ଷ ଭାବେ ଅନୁଭବ କରୁଛୁ, ତାହା ହେଲା ଉତ୍ପାଦନ ହ୍ରାସ କାରଣରୁ ଖାଦ୍ୟାଭାବ। ଆକଳନରୁ ଜଣାପଡ଼ିଛି ଯେ ୨୦୨୦ ମସିହା ବେଳକୁ ବିଶ୍ୱର ୭୭୦ ନିୟୁତ ଲୋକ ଏହାର ସମ୍ମୁଖୀନ ହେଉଥିଲା ବେଳେ ୨୦୫୦ ମସିହା ବେଳକୁ ତାହା ପହଞ୍ଚିଯିବ ୧ ହଜାର ନିୟୁତରେ। ପରିବେଶର ତାପବୃଦ୍ଧି ହେତୁ ଖାଦ୍ୟ ଉତ୍ପାଦନ ହ୍ରାସ ପାଇବା ଏହାର ଅନ୍ୟତମ ମୁଖ୍ୟ କାରଣ।

ବୈଜ୍ଞାନିକମାନଙ୍କ ମତରେ ବର୍ଦ୍ଧିତ ତାପମାତ୍ରା ସମଗ୍ର ବିଶ୍ୱରେ ବିଭିନ୍ନ ଫସଲର ଉତ୍ପାଦନକୁ ନକାରାତ୍ମକ ଭାବେ ପ୍ରଭାବିତ କରିଚାଲିଛି। ତାହା ୧ ଡିଗ୍ରୀ ସେଲ୍‌ସିୟସ୍ ଅଧିକ ହେଲେ ଗହମ, ଧାନ ଓ ମକା ଭଳି ମୁଖ୍ୟ ଫସଲଗୁଡ଼ିକ ଯଥାକ୍ରମେ ୬.୧%, ୩.୨% ଏବଂ ୭.୪% ହ୍ରାସ ପାଉଛି। ଅନ୍ୟପକ୍ଷରେ କିଛିଦିନ ପାଇଁ ତାହା ୩୦ ଡିଗ୍ରୀ ସେଲ୍‌ସିୟସଠାରୁ ୨ ଡିଗ୍ରୀ ବା ତତୋଧିକ ସ୍ତରରେ ରହିଲେ ଏ କ୍ଷତି ଗହମ କ୍ଷେତ୍ରରେ ୮.୨୫%ଏବଂ ଧାନ କ୍ଷେତ୍ରରେ ୭.୧%ରେ ପହଞ୍ଚିଯିବାର ଦେଖାଯାଉଛି। ଏହି ଉଚ୍ଚ ତାପମାତ୍ରାର ପ୍ରଭାବ ପୃଥିବୀର ବିଭିନ୍ନ ଅଞ୍ଚଳରେ ଭିନ୍ନ ଭିନ୍ନ ହେବ ବୋଲି ମନେ କରାଯାଏ। ଉଦାହରଣସ୍ୱରୂପ, ୨୦୫୦ ମସିହା ବେଳକୁ ଏହାର ପରିଣାମ ରୂପେ ଆଫ୍ରିକା ୨୦ ରୁ ୩୦ ଶତାଂଶ ଫସଲହାନିର ସମ୍ମୁଖୀନ ହେଲା ବେଳକୁ ଏସିଆରେ ୧୦ ରୁ ୨୦ ଶତାଂଶ ହୋଇପାରେ।

ଫସଲର ଅଭିବୃଦ୍ଧି କାଳରେ ଉଚ୍ଚତାପମାତ୍ରା ବିଶେଷଭାବେ କ୍ଷତିକାରକ ସାବ୍ୟସ୍ତ ହୋଇଥାଏ। ଏହା ୩୦ ରୁ ୪୦ ଡିଗ୍ରୀ ସେଲ୍‌ସିୟସ୍ ପର୍ଯ୍ୟନ୍ତ ହେଲେ ପରାଗରେଣୁର ଦକ୍ଷତା ହ୍ରାସ କରିବା ସଙ୍ଗେ ସଙ୍ଗେ କେତେକ କ୍ଷେତ୍ରରେ 'ଶୂନ୍ୟ ଉତ୍ପାଦନ' ଅବସ୍ଥା ସୃଷ୍ଟି କରେ। ମୋଟ ଉପରେ ଏହା ପରାଗ ସଂଗମ ପ୍ରକ୍ରିୟାକୁ ବ୍ୟାହତ କରିବା ସହ ଅସମୟରେ ଫୁଲ ଝଡ଼ିଯିବା ଏବଂ ଶସ୍ୟ ପୁଷ୍ଟ ହେବା ପ୍ରକ୍ରିୟା ବ୍ୟାହତ ହେବା ଆଦିର କାରଣ ହୋଇଥାଏ। ପୁନଶ୍ଚ ଉଚ୍ଚତାପ ମୃତ୍ତିକାରୁ ଜଳକୁ ଶୀଘ୍ର ବାଷ୍ପୀଭୂତ କରିଦିଏ। ଫଳରେ ଜଳର ଅଭାବ ଜନିତ ଚାପ ଅନୁଭୂତ ହୁଏ ଏବଂ ଗଛ ମାଟିରୁ ପୁଷ୍ଟି ଶୋଷଣ କରିବା ପ୍ରକ୍ରିୟା ବାଧାପ୍ରାପ୍ତ ହୁଏ। ଉଷ୍ମ ପରିବେଶ ଫସଲରେ ବିବିଧ ରୋଗର ସଂକ୍ରମଣ ଏବଂ କ୍ଷୟକାରୀ କୀଟପତଙ୍ଗଙ୍କ ବଂଶବୃଦ୍ଧି ଘଟାଏ। ଏଣୁ ଫସଲହାନି ହୁଏ। ପୁନଶ୍ଚ ଏଥିସହିତ ଅଙ୍ଗାରକାମ୍ଳର ଆଧିକ୍ୟ ଶସ୍ୟରେ ପ୍ରୋଟିନ୍, ଲୌହ, ଦସ୍ତା ଆଦି ପୁଷ୍ଟିକର ଉପାଦାନ ମଧ୍ୟ ହ୍ରାସ କରେ।

ଜାଗତିକ ଉଷ୍ମତାର ସମସ୍ତ ଘାତକ ପ୍ରଭାବ କଥା ହୃଦୟଙ୍ଗମ କରିବା ସତ୍ତ୍ୱେ ବି ଏହାର ପ୍ରତିରୋଧ ଲାଗି ଫଳପ୍ରଦ ପନ୍ଥାଟିଏ ଅବଲମ୍ବନ ଆଜିପର୍ଯ୍ୟନ୍ତ ସମ୍ଭବ ହୋଇପାରିନାହିଁ। ଏପରି ସ୍ଥଳେ, କୃଷି ଉତ୍ପାଦନ ହ୍ରାସ ଓ ତଦ୍‌ଜନିତ ଖାଦ୍ୟାଭାବ ଓ ଅପପୁଷ୍ଟି କ୍ରମେ ଯେ ଅଧିକରୁ ଅଧିକ ହେବାକୁ ଲାଗିବ ଏଥିରେ ସନ୍ଦେହ ନାହିଁ।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

### ୫୪ତମ ରାଜ୍ୟ ପୁଲିସ ବନ୍ଧୁକ ଚାଳନା ପ୍ରତିଯୋଗିତା

# ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ମାନସ ପଣ୍ଡା ଚାମ୍ପିଅନ

ଜଗତସିଂହପୁର,୨।୩(ସମିସ)

ପୁଲିସ ପ୍ରଶିକ୍ଷଣ ପ୍ରତିଷ୍ଠାନ, ବୈରୀ ଠାରେ ଗତ ଫେବୃଆରୀ ୨୬ଠାରୁ ଆରମ୍ଭ ହୋଇଥିବା ୫୪ତମ ରାଜ୍ୟ ପୁଲିସ ବନ୍ଧୁକ ଚାଳନା ପ୍ରତିଯୋଗିତା ମାର୍ଚ୍ଚ ୧ ତାରିଖରେ ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାର ରିଭଲଭର/ପିସ୍ତଲ ବିଭାଗରେ ଶ୍ରେଷ୍ଠ ରିଭଲଭର ମ୍ୟାନ୍ ଟ୍ରଫି ଏବଂ ଷ୍ଟେନଗନ ବିଭାଗରେ ଶ୍ରେଷ୍ଠ ଷ୍ଟେନ ଶୁଟର ଭାବେ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ମାନସ ରଞ୍ଜନ ପଣ୍ଡାଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ଏସ୍‌ଓଜି, ଭୁବନେଶ୍ୱରର ରାଇଫଲ, ରିଭଲଭର ଓ ଷ୍ଟେନଗନ ବିଭାଗରେ ସର୍ବାଧିକ ଅଙ୍କ ହାସଲ କରି ମାନସ ରଞ୍ଜନ ଚାମ୍ପିୟନସିପ୍ ଟ୍ରଫି ହାସଲ କରିଛନ୍ତି। ମାନସ ପୂର୍ବରୁ ମଧ୍ୟ ରାଜ୍ୟ ତଥା ରାଷ୍ଟ୍ରୀୟ ସ୍ତରରେ ଅନୁଷ୍ଠିତ ବନ୍ଧୁକ ଚାଳନା ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିବା ସହିତ ପୁରସ୍କୃତ ହୋଇଛନ୍ତି। ମାନସ ରଞ୍ଜନ ହେଉଛନ୍ତି ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ କୋପାଳ ଗ୍ରାମର ଅବସରପ୍ରାପ୍ତ ସେନା କର୍ମଚାରୀ ମହେନ୍ଦ୍ର କୁମାର ପଣ୍ଡା ଓ ମିନତୀ ପଣ୍ଡାଙ୍କ ସୁପୁତ୍ର ଏବଂ ଜିଲ୍ଲା ସଦର ମହକୁମାରେ କାର୍ଯ୍ୟରତ ବରିଷ୍ଠ ସାମ୍ବାଦିକ ଶଶାଙ୍କ ଶେଖର ପଣ୍ଡାଙ୍କ ଭାଇ। ଏହି ଅବସରରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାର ମୁଖ୍ୟଅତିଥି ଭାବେ ଯୋଗ ଦେଇ ବିଭିନ୍ନ ବିଭାଗରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ପ୍ରତିଯୋଗୀ ଓ ଦଳମାନଙ୍କୁ ଟ୍ରଫି ଓ ନଗଦ ଅର୍ଥ ରାଶି ପୁରସ୍କାର ପ୍ରଦାନ କରିଥିଲେ। ବନ୍ଧୁକ ଚାଳନା କ୍ଷେତ୍ରରେ ସର୍ବଭାରତୀୟ ସ୍ତରରେ ଓଡିଶା ପୁଲିସର ଏକ ସୁନାମ ରହିଛି। ଭଲ ଅଭ୍ୟାସ ଜାରି ରଖି ଭବିଷ୍ୟତରେ ସର୍ବଭାରତୀୟ ପୁଲିସ ପ୍ରତିଯୋଗିତାରେ ଅଧିକ ସଫଳତା ହାସଲ କରିବାକୁ ମୁଖ୍ୟଅତିଥି ସଞ୍ଜୟ କୁମାର ପରାମର୍ଶ ଦେଇଥିଲେ। ସୂଚନାଯୋଗ୍ୟ ଯେ, ଏହି ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ବିଭିନ୍ନ ପୁଲିସ ଜିଲ୍ଲା, ବାଟାଲିୟନ ଓ ପ୍ରତିଷ୍ଠାନରୁ ୧୬ଟି ଦଳ ଓ ୨୬୯ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସମୁଦାୟ ତିନୋଟି ବିଭାଗ ଯଥା ରାଇଫଲ, ରିଭଲଭର / ପିସ୍ତଲ ଓ କାର୍ବାଇନ / ଷ୍ଟେନଗନ ବିଭାଗରେ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଏସ୍‌ଏପି) ରାଜେଶ କୁମାର, ଆଇଜିପି (ଏସ୍‌ଏପି) ଗଜଭିୟେ ସତୀଶ କୁମାର, କମାଣ୍ଡାଣ୍ଟ ପିଟିଆଇ ବୈରୀ ଅଶୋକ କୁମାର ଦେହୁରୀ, ରାଜ୍ୟ ପୁଲିସ ମୁଖ୍ୟାଳୟର କ୍ରୀଡା ଅଧିକାରୀ ନୀଳମାଧବ ସ୍ୱାଇଁଙ୍କ ସମେତ ବହୁ ବରିଷ୍ଠ ପୁଲିସ ଅଧିକାରୀ ଉପସ୍ଥିତ ଥିଲେ।



## ନାବାଳିକା ଦୁଷ୍କର୍ମ ଅଭିଯୁକ୍ତକୁ ୨୦ ବର୍ଷ କାରାଦଣ୍ଡ

ଜଗତସିଂହପୁର,୨।୩(ସମିସ): ଜଗତସିଂହପୁର ଜିଲ୍ଲାର ନାଉଗାଁ ଥାନା ଅଞ୍ଚଳରେ ଗତ ୨୦୨୪ ମସିହା ଜୁନ ମାସରେ ସଂଗଠିତ ନାବାଳିକା ଦୁଷ୍କର୍ମ ଅଭିଯୁକ୍ତକୁ ଅଦାଲତ ୨୦ ବର୍ଷ ସଶ୍ରମ କାରାଦଣ୍ଡାଦେଶ କରିଛନ୍ତି। ପବ୍ଲିକ ପ୍ରସିକ୍ୟୁଟର ତପନ କୁମାର ପାଲଙ୍କ ଠାରୁ ମିଳିଥିବା ସୂଚନା ଅନୁସାରେ ଗତ ୨୦୨୪ ମସିହା ଜୁନ ମାସରେ ନାଉଗାଁ ଥାନା ଅଞ୍ଚଳର ଜଣେ ୧୩ ବର୍ଷୀୟ ନାବାଳିକାକୁ ମଧୁପୁର ଗ୍ରାମର ସ୍ମୃତିରଞ୍ଜନ ମୁଦୁଲି ନିଜ ଘରକୁ ଡାକିଆଣି ଦୁଷ୍କର୍ମ କରିଥିଲା। ପରବର୍ତ୍ତୀ ସମୟରେ ନାବାଳିକା ଜଣକ ଗର୍ଭବତୀ ହେବାରୁ ଜଗତସିଂହପୁର ସହରର ଏକ ନର୍ସିଂହୋମରେ ପରିବାର ଲୋକେ ଗର୍ଭପାତ କରାଇଥିଲେ। ନାବାଳିକାର ମା' ଘଟଣା ସମ୍ପର୍କରେ ନାଉଗାଁ ଥାନାରେ ଏତଲା ଦେବାପରେ ପୁଲିସ ଅଭିଯୁକ୍ତ ସ୍ମୃତିରଞ୍ଜନକୁ ଗିରଫ କରି କୋର୍ଟଚାଲାଣ କରିଥିଲା। ମୋଟ ୨୯ ଜଣଙ୍କ ଠାରୁ ସାକ୍ଷ୍ୟ ପ୍ରମାଣ ଗ୍ରହଣ କରିବା ପରେ ଜଗତସିଂହପୁର ସ୍ୱତନ୍ତ୍ର ପୋକ୍ସ କୋର୍ଟ ବିଚାରପତି ଅଭିଯୁକ୍ତ ସ୍ମୃତିରଞ୍ଜନ ମୁଦୁଲିକୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ ସହିତ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ଅଧିକ ୧ ବର୍ଷ କାରାଦଣ୍ଡ ଆଦେଶ କରିଛନ୍ତି କୋର୍ଟ। ସେହିପରି ପୀଡ଼ିତାଙ୍କୁ ୫ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାପାଇଁ ଜିଲ୍ଲା ଆଇନସେବା ପ୍ରାଧିକରଣକୁ କୋର୍ଟ ଆଦେଶ କରିଛନ୍ତି। ପୀଡ଼ିତାଙ୍କ ପକ୍ଷରୁ ସରକାରୀ ଓକିଲ ରଞ୍ଜିତ ସ୍ୱାଇଁ ମାମଲା ପରିଚାଳନା କରୁଥିବା ବେଳେ ଡିଡିପି ବିରେନ କୁମାର ପଣ୍ଡା ଏବଂ ଏଡିପି ଗୋଲଖ ନାୟକ ମାମଲାର ତଦାରଖ କରିଥିଲେ।

## ଓଡ଼ିଶା ଦିବସ ଓ 'କଲ୍ଲୋଳ' ପ୍ରସ୍ତୁତି ବୈଠକ

ଜଗତସିଂହପୁର,୨।୩(ସମିସ): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦ୍‌ଭାବନା ସଭାଗୃହ ଠାରେ ଓଡ଼ିଶା ଦିବସ ଏବଂ ଜିଲ୍ଲା ମହୋତ୍ସବ 'କଲ୍ଲୋଳ' ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ତଥା ଅଧ୍ୟକ୍ଷ, ଜିଲ୍ଲା ସଂସ୍କୃତି ପରିଷଦ, ଜେ. ସୋନାଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ପ୍ରସ୍ତୁତି ବୈଠକରେ ସାଂସଦ ବିଭୁପ୍ରସାଦ ତରାଇ, ଆରକ୍ଷୀ ଅଧିକ୍ଷକ ଅଙ୍କିତ କୁମାର ବର୍ମା, ଅତିରିକ୍ତ ଜିଲ୍ଲାପାଳ ସମ୍ବିତ କୁମାର ରାଉତ, ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତିଶଙ୍କର ରାୟ, ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବି ନାରାୟଣ ଜେଠୀ ଏବଂ ଜଗତସିଂହପୁର ପୌର ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ସିଂହ ମଞ୍ଚାସୀନ ଥିଲେ। ପ୍ରଥମେ ଓଡ଼ିଶା ଦିବସ ପାଳନର କାର୍ଯ୍ୟସୂଚୀ ପାଠ କରଯାଇଥିଲା। ଏହାପରେ ଆସନ୍ତା ଏପ୍ରିଲ୍ ୧ ତାରିଖରୁ ୫ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଜିଲ୍ଲା ମହୋତ୍ସବ କଲ୍ଲୋଳର ପ୍ରସ୍ତୁତି ବିଷୟରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। 'ଆଦିପତ୍ର' ସ୍ମରଣିକା ନିମନ୍ତେ ଲେଖାଗୁଡ଼ିକ ଜଗତସିଂହପୁର ଜିଲ୍ଲାର ଭାବି ଭବିଷ୍ୟତ ସମ୍ବଳିତ ହେବା ଆବଶ୍ୟକ ବୋଲି ପରାମର୍ଶ ଦେଇଥିଲେ। ବୈଠକରେ ଜିଲ୍ଲା ମହୋତ୍ସବର ସ୍ଥାନ ନିରୂପଣ, ଅତିଥି ଚୟନ, କାର୍ଯ୍ୟ ସମ୍ପାଦନ ନିମନ୍ତେ ବିଭିନ୍ନ କମିଟି ଗଠନ ତଥା କମିଟି ସଦସ୍ୟ ମନୋନୟନ, ଆୟବ୍ୟୟ ହିସାବ, ୫ ଦିନର କାର୍ଯ୍ୟସୂଚୀ ଆଦି ବିଷୟରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରାଯାଇଥିଲା। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରତିଟୀ ତନୟା ମହାନ୍ତି ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ଚିତ୍ରାଙ୍କନ ପ୍ରତିଯୋଗିତା ଓ ମହାବିଦ୍ୟାଳୟ ସ୍ତରରେ ସ୍ୱପ୍ନର ଜଗତସିଂହପୁର ବିଷୟବସ୍ତୁ ଆଧାରିତ ପ୍ରଦର୍ଶନୀ ଆୟୋଜନ କରାଯିବ ବୋଲି ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୂଚନା ଦେଇଥିଲେ। ବ୍ଲକ୍ ଓ ପୌର ପରିଷଦ ସ୍ତରରେ ମାର୍ଚ୍ଚ ୨୩ ଏବଂ ଜିଲ୍ଲା ସ୍ତରରେ ୨୫ ତାରିଖରେ ଏହି ସମସ୍ତ ପ୍ରତିଯୋଗିତା ଆୟୋଜନ କରାଯିବା ନେଇ ବୈଠକରେ ସ୍ଥିର ହୋଇଥିଲା। ଜିଲ୍ଲା ସସ୍କୃତି ଅଧିକାରୀ ଦିଲ୍ଲୀପ କୁମାର ଜେନା କାର୍ଯ୍ୟ ସୂଚୀ ଅନୁଯାୟୀ ବୈଠକକୁ ଆଗେଇ ନେଇଥିଲେ।

## ଐତିହ୍ୟ ପଦଯାତ୍ରାର ମନ୍ଦିର ପରିଦର୍ଶନ



ଜଗତସିଂହପୁର,୨।୩(ସମିସ): ''ଜଗତସିଂହପୁର ଐତିହ୍ୟ ପଦଯାତ୍ରା'ର ତ୍ରୟୋଦଶତମ ସଂସ୍କରଣ ଅନୁଷ୍ଠିତ ହୋଇଯାଇଛି। ଐତିହ୍ୟାନୁରାଗୀ ବନ୍ଧୁମାନେ ଜଗତସିଂହପୁର ସହର ଉପକଣ୍ଠ ଡିହସାହି ନିକଟ କଲ୍ୟାଣପୁର ଗ୍ରାମରେ ଥିବା ବହୁ ପ୍ରାଚୀନ ''ନାଗାର୍ଜୁନ ମନ୍ଦିର ଏବଂ କାଦୁଅପଡ଼ାରେ ଥିବା ଜନାର୍ଦ୍ଦନ ବିଷ୍ଣୁ ମନ୍ଦିର' ପରିଦର୍ଶନରେ କରିଥିଲେ। କଲ୍ୟାଣପୁର ଗ୍ରାମର ନାଗାର୍ଜୁନ ପୀଠରେ ଥିବା ଦୁଇଟି ପ୍ରାଚୀନ ମୂର୍ତ୍ତି ସିଧାସଳଖ ଭାବେ ବୌଦ୍ଧ ଧର୍ମ ସହ ଜଡ଼ିତ। ଏହି ମୂର୍ତ୍ତି ଦ୍ୱୟ ହେଉଛନ୍ତି ବୋଧିସତ୍ତ୍ୱ ମଞ୍ଜୁଶ୍ରୀ ଓ ଗୌତମ ବୁଦ୍ଧଙ୍କ ସ୍ୱର୍ଗରୁ ଧରାବତରଣ ମୂର୍ତ୍ତି। ସେହିପରି କାଦୁଅପଡ଼ାରେ ଏକ ଆଧୁନିକ ମନ୍ଦିରରେ ଏକ ପ୍ରାଚୀନ ବିଷ୍ଣୁ ବିଗ୍ରହ ପୂଜା ପାଉଛନ୍ତି। ଏହି ବିଷ୍ଣୁ ପ୍ରତିମାଙ୍କ ଗଠନ ଓ କାରୁକାର୍ଯ୍ୟକୁ ଅନୁଧ୍ୟାନ କଲେ, ଏହା ଯେ ଏକ ସୋମବଂଶୀ ଶାସନକାଳର ବିଗ୍ରହ ବୋଲି ପ୍ରତୀୟମାନ ହୁଏ। ଏହି ପ୍ରାଚୀନ ବିଗ୍ରହଙ୍କ ଇତିବୃତି ବିଷୟରେ ଐତିହ୍ୟପ୍ରେମୀଗଣ ଆଲୋଚନା କରିଥିଲେ। ଜଗତସିଂହପୁର, କଟକ ତଥା ଭୁବନେଶ୍ୱରରୁ ପ୍ରାୟ ୨୫ ଜଣ ଐତିହ୍ୟାନୁରାଗୀ ଆଜିର କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। 'ଜଗତସିଂହପୁର ଐତିହ୍ୟ ପଦଯାତ୍ରା'ର ସଂଯୋଜକ ଶ୍ରୀକାନ୍ତ ସିଂହ, ଅନୁଷ୍ଠାନର ବୟୋଜ୍ୟେଷ୍ଠ ସଦସ୍ୟ ଅଧ୍ୟାପକ ଭଗବାନ ଦାଶ, ସାମ୍ବାଦିକ ଶଶାଙ୍କ ଶେଖର ପଣ୍ଡା, ପ୍ରମୁଖ ସଦସ୍ୟ ତ୍ରିଲୋଚନ ସ୍ୱାଇଁ, ସମ୍ବିତ ସିଂହ, ଦେବାଶିଷ ପାତ୍ର, ଦିନେଶ ସ୍ୱାଇଁ, ରତିରଞ୍ଜନ ପଣ୍ଡା, ବିକାଶ ସ୍ୱାଇଁ, ହୃଦାନନ୍ଦ ବେହେରା, ଶୁଭମ, ସୌରଭ ଆଦି କାର୍ଯ୍ୟକର୍ତ୍ତାମାନେ ଆଜିର କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ସମ୍ପାଦନ କରିଥିଲେ।

## ପାରାଦୀପ ଜଗନ୍ନାଥ ମନ୍ଦିରରେ ପହଞ୍ଚିଲେ ଦାରୁବିଗ୍ରହ



ପାରାଦୀପ, ୨।୩ (ସମିସ) : ବନ୍ଦର ସହର ପାରାଦୀପ ମଧୁବନସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିରରେ ଦୀର୍ଘ ଦିନ ଧରି ଜଗନ୍ନାଥଙ୍କ ରୀତିନିତି ଅନୁଯାୟୀ ପୂଜାର୍ଚ୍ଚନା ଚାଲି ଆସୁଛି। ମନ୍ଦିର ପ୍ରତିଷ୍ଠା ହେବା ଦିନରୁ ମହାପ୍ରଭୁଙ୍କ ଶ୍ରୀବିଗ୍ରହରେ ପରିବର୍ତ୍ତନ ହୋଇ ନଥିଲା। ଶ୍ରୀବିଗ୍ରହମାନଙ୍କର ସ୍ଥିତି ଦିନକୁ ଦିନ ଖରାପ ହେଉଥିଲା। ବିଶେଷ ଭାବରେ ଶ୍ରୀଜିଉମାନଙ୍କର ସ୍ନାନ ଯାତ୍ରା, ଗୁଣ୍ଡିଚା, ବାହୁଡ଼ା ଓ ନୀଳାଦ୍ରି ବିଜେ ସମୟରେ ଦାରୁଙ୍କୁ ନବା ଆଣିବା ସମୟରେ ବହୁ ଅସୁବିଧା ହେଉଥିଲା। ଏହାକୁ ଦେଖି ପାରାଦୀପ ଜଗନ୍ନାଥ ସମାଜ ଓ ପାରାଦୀପ ଜଗନ୍ନାଥ ମନ୍ଦିର ଟ୍ରଷ୍ଟ ବୈଠକରେ ବିଗ୍ରହମାନଙ୍କୁ ପରିବର୍ତ୍ତନ ନେଇ ପ୍ରସ୍ତାବ ଗୃହୀତ ହୋଇଥିଲା। ପୁରୀ ଶ୍ରୀମନ୍ଦିର ପରାମର୍ଶ କ୍ରମେ ଦଶପଲ୍ଲାରୁ ଦାରୁ ସଂଗ୍ରହ ପାଇଁ ନିର୍ଦ୍ଦେଶ ମିଳିଥିଲା। ଏହି ନିର୍ଦ୍ଦେଶ ପାଇବା ପରେ ଗତ ୨୮ ତାରିଖରେ ପାରାଦୀପରୁ ସେବାୟତମାନେ ଦଶପଲ୍ଲାରେ ପହଞ୍ଚିଥିଲେ। ସେଠାରେ ଇଙ୍ଗପଣ୍ଡାଙ୍କ ଦ୍ୱାରା ସ୍ଥାନ ସୂଚି, ପୂଜାବିଧି ଆରମ୍ଭ ହୋଇଥିଲା। ମାର୍ଚ୍ଚ ୧ ତାରିଖ ରବିବାର ଦିନ ହୋମଯଜ୍ଞ ସମାପନ ହେବା ପରେ ଦାରୁଚ୍ଛେଦନ କରାଯାଇଥିଲା। ସୋମବାର ଦିନ ପୂର୍ବାହ୍ନରେ ଦାରୁ ବିଗ୍ରହ ପାରାଦୀପରେ ପହଞ୍ଚିଥିଲେ। ପାରାଦୀପ ମାଉସୀମା' ମନ୍ଦିର ନିକଟରେ ଦାରୁ ପହଞ୍ଚିବା ପରେ ଭଜନ, କୀର୍ତ୍ତନ ସହିତ ସେବାୟତମାନେ ଜଗନ୍ନାଥ ମନ୍ଦିରକୁ ବାହାରିଥିଲେ। ବାଟରେ ଜଗନ୍ନାଥ ସମାଜର ଅଧ୍ୟକ୍ଷ ତଥା ପାରାଦୀପ ବନ୍ଦର ଅଧ୍ୟକ୍ଷ ପିଏଲ୍ ହରନାଦ ଶ୍ରୀଦାରୁଙ୍କୁ ପୂଜାର୍ଚ୍ଚନା କରିଥିଲେ। ଏହା ପରେ ଶ୍ରୀଦାରୁ ଜଗନ୍ନାଥ ମନ୍ଦିରରେ ପହଞ୍ଚିଥିଲେ। ସେଠାରେ ଭକ୍ତ ଓ ସେବାୟତମାନେ ଶ୍ରୀଦାରୁଙ୍କୁ ଭକ୍ତି ନୈବେଦ୍ୟ ଅର୍ପଣ କରିଥିଲେ। ଆସନ୍ତା ନବକଳେବର ସମୟରେ ପାରାଦୀପ ଜଗନ୍ନାଥ ମନ୍ଦିରରେ ଶ୍ରୀଜିଉଙ୍କ ବିଗ୍ରହ ପ୍ରତିଷ୍ଠା କରାଯିବା ବୋଲି ବରିଷ୍ଠ ସେବାୟତ ତଥା ପାରାଦୀପ ବନ୍ଦର ମୁଖ୍ୟଯନ୍ତ୍ରୀ ହିମାଂଶୁ ଶେଖର ରାଉତ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନ୍ତର୍ଯ୍ୟାମୀ ପଟ୍ଟନାୟକ, ନିମାଇଁ ଚରଣ ରାଉତ, ମୃତ୍ୟୁଞ୍ଜୟ ମିଶ୍ର, ପ୍ରଶାନ୍ତ କୁମାର ମହାରଣା, ଅମୀୟ କୁମାର ସାହୁ ପ୍ରମୁଖ ପରିଚାଳନା କରିଥିଲେ।

## ବିଦ୍ୟାଧରପୁରରେ ନୂତନ ହାଟ ଶୁଭାରମ୍ଭ



ରଘୁନାଥପୁର,୨।୩(ସମିସ): ରଘୁନାଥପୁର ବ୍ଲକ ବିଦ୍ୟାଧରପୁର ପଞ୍ଚାୟତ ସରପଞ୍ଚ ସାହେଦା ତବସୁମ ଓ ସମିତିସଭ୍ୟା ସାଗରିକା ତରାଇଙ୍କ ପ୍ରଚେଷ୍ଟାରେ କଟକ ପାରାଦୀପ ରାଜ୍ୟ ରାଜପଥ ନୂଆପଡା ଠାରେ ଏକ ନୂତନ ହାଟର ଶୁଭାରମ୍ଭ ହୋଇଯାଇଛି। ଜଗତସିଂହପୁର ସାଂସଦ ବିଭୁପ୍ରସାଦ ତରାଇ ନୂତନ ହାଟର ଶୁଭ ଉଦଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ସାଂସଦ ପ୍ରତିନିଧି ଆଇନଜୀବୀ ଗଗନ ଦାଶ, ଯୁବନେତା ପ୍ରକାଶ ଦଳାଇ, ପ୍ରଭଞ୍ଜନ ଦାସ, ଛପଡ଼ା ସରପଞ୍ଚଙ୍କ ପ୍ରତିନିଧି ନିରାକାର ଖୁଣ୍ଟିଆ, ସାମାଜିକ କର୍ମୀ ରହିମ ଖାଁ ଓ ଅଜୟ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ସପ୍ତାହକୁ ଦୁଇଦିନ ସୋମବାର ଓ ଗୁରୁବାର ହାଟ ଚାଲିବା ପାଇଁ ସ୍ଥିର ହୋଇଥିବା ସରପଞ୍ଚ ତବସୁମ ପ୍ରକାଶ କରିଛନ୍ତି। ସଞ୍ଜୟ ଖୁଣ୍ଟିଆ, ବିନୁରି ଖୁଣ୍ଟିଆ, ମନୋଜ ମଲ୍ଲିକ, ସୁବ୍ରତ ନାୟକଙ୍କ ସହ ସମସ୍ତ ୱାର୍ଡସଭ୍ୟ ଏଥିରେ ସହଯୋଗ କରିଥିଲେ।

## କଂଗ୍ରେସ କର୍ମୀ ସମ୍ମିଳନୀ

ବାଲିକୁଦା,୨।୩(ସମିସ): ବାଲିକୁଦା ବ୍ଲକ ବରମୁଣ୍ଡଳୀ ପଞ୍ଚାୟତ କଂଗ୍ରେସ ପକ୍ଷରୁ ବରଦିଆ ସ୍ଥିତ ମା' ନଳକଣି ପୀଠରେ ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଲିଙ୍ଗରାଜ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମ୍ମିଳନୀରେ ରାଜ୍ୟ କଂଗ୍ରେସ ଉପସଭାପତି ତଥା ପ୍ରାକ୍ତନ ବାଲିକୁଦା ବିଧାୟକ ଡା. ଲଲାଟେନ୍ଦୁ ମହାପାତ୍ର ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜଗୁଲି ଦଳାଇ, ଅଖିଳ ମହାନ୍ତି, ଦୀପକ ନାୟକ, ପାଗଳ ଦଳାଇ, ଗତିଆ ଦଳାଇ, ରବି କାଣ୍ଡି, ଅଶୋକ ନାୟକ, ନିର୍ମଳ ସେଠୀ, କାର୍ତ୍ତିକ ମହାରଣା, ପିଲୁ ପରିଡା, କ୍ଷେତ୍ରମୋହନ ଦାସ, ଲିଟୁ ବେହେରା, ସାହାଜି ମଲିକ, ଅଜୟ ସେନାପତି, ପ୍ରମୋଦ ଶତପଥୀ, ସୁଦର୍ଶନ ଜେନା, ବାବୁଲି ନାୟକ, ଶ୍ୟାମ ପଲାଉରୀ ପ୍ରମୁଖ ସାମିଲ ହୋଇଥିଲେ।

## ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଅବସର ସମ୍ବର୍ଦ୍ଧନା

ବିରିଡ଼ି,୨।୩(ସମିସ): ସ୍ଥାନୀୟ ସୋମପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରଞ୍ଜୁଲତା ରାଉତରାୟଙ୍କୁ ଆଜି ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। କାର୍ଯ୍ୟକ୍ରମରେ କଟକ ଜିଲ୍ଲା ପରିଷଦ ଉପସଭାପତି ସୁଭଦ୍ରା ଦାସ, ସଦର ବ୍ଲକ ପୂର୍ବତନ ଅଧ୍ୟକ୍ଷ ସତ୍ୟ ଜେନା, ସରପଞ୍ଚ ପିତାମ୍ବର ଦାସ, ସମିତି ସଭ୍ୟା କୁନି ଭୋଇ, ସ୍କୁଲ ପରିଚାଳନା କମିଟିର ଅଧ୍ୟକ୍ଷ ପ୍ରଶାନ୍ତ ପରିଡ଼ା, ଗାଁ ସଭାପତି ଦୁର୍ଗା ପ୍ରସାଦ ରାଉତ, ସିଆର୍‌ସିସି ଅର୍ପିତା ମିଶ୍ର, ଶେଖ୍ ସିରାଜଉଲ୍ଲା, ଶେଖ୍ ଅବ୍ଦୁଲ ବୁରହାନ, ଶିକ୍ଷକ ଫକିର କୁମାର ଖଟାଇ, ଅମୀୟ କୁମାର ବିଶ୍ୱାଳ, ବିଜୟ କୁମାର ମିଶ୍ର, ସାବିତ୍ରୀ ବେହେରା, କାଞ୍ଚନ ବାଳା ରାଉଳ, ଗୁରୁବାଲା ନାୟକ, ପ୍ରେମାନନ୍ଦ ସେଠୀ, ସମୀର ଜେନା ପ୍ରମୁଖ ଯୋଗଦେଇଥିଲେ।

## କୋଳଡିଆରେ ଗାୟତ୍ରୀ ଯଜ୍ଞ

ପାରାଦୀପ, ୨।୩ (ସମିସ) : ପାରାଦୀପ ଉପକଣ୍ଠ ବିଶ୍ୱାଳ ପଞ୍ଚାୟତ କୋଳଡିଆ ଗ୍ରାମରେ ଗାୟତ୍ରୀ ଯଜ୍ଞ ଆୟୋଜିତ ହୋଇଯାଇଛି। ଇଂ. ଧୀରେନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ କୋଳଡିଆ ମା' ବୁଢ଼ୀଜାଗୁଳେଇ ପିଠରେ ଏହି ଧାର୍ମିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରଫେସର ପ୍ରଦୀପ୍ତ କୁମାର ମହାନ୍ତି, ପ୍ରସନ୍ନ କୁମାର ରାଉତରାୟ, ଦେବଗୁରୁ ନାୟକ, ସନ୍ତୋଷ ସାହୁ, ପ୍ରଦୀପ ବୋସ, ଉମେଶ ବହଳିଆ ସିଂଘ, ଦେବପ୍ରସାଦ ବହଳିଆ ସିଂଘ, ଶେଫାଳି ଲେଙ୍କା ଓ ହରେକୃଷ୍ଣ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ବଡ ଜିଙ୍ଗଲ ରାଧାକୃଷ୍ଣ ମନ୍ଦିରରେ ଦୋଳ ଉତ୍ସବ



ତିର୍ତ୍ତୋଲ,୨।୩(ସମିସ): ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ଗୋପାଳପୁର ଶଙ୍ଖେସର ପଞ୍ଚାୟତ ବଡଜିଙ୍ଗଲ ଗ୍ରାମରେ ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣରେ ରାଧାକୃଷ୍ଣ ମନ୍ଦିର ସେବା ପରିଷଦ ପକ୍ଷରୁ ପବିତ୍ର ଫଗୁ ଦଶମୀ ଠାରୁ ଦୋଳ ଉତ୍ସବର ଶୁଭାରମ୍ଭ ହୋଇଛି। ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତି ଦୋଳ ବିମାନରେ ସୁସଜ୍ଜିତ ହୋଇ ଗ୍ରାମରେ ଘରକୁ ଘର ବୁଲି ଭୋଗ ଖାଇବା ସହ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି। ଗୋପାଳ ସମ୍ପ୍ରଦାୟ ପକ୍ଷରୁ ଲଉଡି ଖେଳ ଓ ଦହି ହାଣ୍ଡି ଭଙ୍ଗା କାର୍ଯ୍ୟକ୍ରମ କରାଯାଇଛି। ପଞ୍ଚୁ ଦୋଳ ଦିନ ଏହି ଉତ୍ସବ ସମାପନ ହେବ। ଏହି ଉତ୍ସବକୁ ଶରତ ଚନ୍ଦ୍ର ଦାସ, ବାବୁନା ଦାସ, ବସନ୍ତ ଦାସ, ବାବାଜୀ ଦାସ, ରଞ୍ଜନ ଦାସ, ଅଶୋକ ଦାସ, ଅଭୟ ପଲାଇ, ହେମନ୍ତ ଦାସ, ଶିବ ଚରଣ ଦାସ, ଗୋବିନ୍ଦ ଚନ୍ଦ୍ର ଦାସ, ଧୀରେନ୍ଦ୍ର ଦାସ, ସୁରେନ୍ଦ୍ର ଦାସ, ନିମାଇଁ ଦାସ, ବାବୁ ଦାସ, ସମୀର ଦାସ ପ୍ରମୁଖ ପରିଚାଳନା କରୁଛନ୍ତି।

## ବନ୍ଦର କ୍ୱାଟରରୁ କବାଟ ଝରକା ତାଡ଼ି ନେଲେ



ପାରାଦୀପ,୨।୩(ସମିସ): ପାରାଦୀପ ବନ୍ଦର ସହରାଞ୍ଚଳରେ ମାତିଛି ଭିନ୍ନ ଏକ ଚୋର। ଦିନ ଦ୍ୱିପ୍ରହରରେ ଆଖି ଦେଖାଇ ତାଡ଼ି ନେଉଛି କବାଟ, ଝରକା, ଗ୍ରିଲ। ଯିଏ ପ୍ରତିବାଦ କରୁଛି ତାକୁ ଆକ୍ରମଣ କରିବାକୁ ଗୋଡାଉଛି। ଯଦି କେହି ଏ ନେଇ ପୁଲିସକୁ ଅଭିଯୋଗ କରୁଛି, ତେବେ ପୁଲିସ ପାଖରୁ ଉତ୍ତର ମିଳୁଛି ସେ ଏକ ପାଗଳ। ବାସ୍ ଅଭିଯୋଗ କରିବାକୁ ଯାଇଥିବା ଲୋକଟି ନିଜ କାନମୁଣ୍ଡ ଆଉଁସି ଫେରିବା ସାର ହେଉଛି। ଏହିଭଳି ଘଟଣା ଦେଖିବାକୁ ମିଳିଛି ପାରାଦୀପର ବଡ଼ପଡ଼ିଆ, ନୂଆବଜାର ଅଞ୍ଚଳରେ। ଜଣେ ଯୁବକ ପାରାଦୀପର ବିଭିନ୍ନ ସ୍ଥାନରେ ରହିଥିବା କିଛି ପୁରୁଣା କ୍ୱାଟରରୁ ଦୈନନ୍ଦିନ କବାଟ, ଝରକା ଚୋରି ହୋଇଥିବା ଦେଖିବାକୁ ମିଳିଥିବା ବେଳେ ନୂଆବଜାର ଅଞ୍ଚଳରେ ରହିଥିବା ଏକ ପୁରୁଣା କ୍ୱାଟରରୁ ଦିନ ଦ୍ୱିପ୍ରହରରେ କବାଟ ଝରକା ତାଡୁଥିବା ବେଳେ କିଛି ଲୋକଙ୍କ ନଜରକୁ ଆସିଥିଲା। ଯାହାକୁ ନେଇ କିଛି ଯୁବକ ପାରାଦୀପ ଆଦର୍ଶ ଥାନା ପୁଲିସକୁ ଜଣାଇଥିଲେ ମଧ୍ୟ ସେ ଏକ ପାଗଳ ବୋଲି ପୁଲିସ ତରଫରୁ ଉତ୍ତର ମିଳିବା ପରେ ଯୁବକ ମାନେ ଚୁପ ରହିଥିବା କହିଛନ୍ତି। ଏପରିକି ବିଭିନ୍ନ ଗ୍ୟାରେଜ, ଦୋକାନ, ବଜାର ଅଞ୍ଚଳରେ ବାହାରେ ରହୁଥିବା ଜିନିଷ ବିଶେଷ କରି ଲୌହ ସାମଗ୍ରୀକୁ ଚୋରିକରି ଅନାୟାସରେ ବିକ୍ରି କରୁଥିବା ଦେଖିବାକୁ ମିଳିଛି। ନୂଆବଜାର ଅଞ୍ଚଳରେ ଫାଙ୍କା ରହିଥିବା ପୁରୁଣା ବି ଟାଇପ୍ ଘରେ କୌଣସି କ୍ୱାଟରରେ କବାଟ ଝରକା ଓ ଅନାନ୍ୟ ସାମଗ୍ରୀ ନାହିଁ।

## ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର




ଜଗତସିଂହପୁର/ରଘୁନାଥପୁର, ୨।୩(ସମିସ): ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ରଘୁନାଥପୁର ବ୍ଲକ୍ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଉପରିସ୍ଥ ଅଧିକାରୀ ମାନେ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ଆଜି ମୋଟ ୫୩ ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୪୭ଟି ଏବଂ ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ/ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୬ଟି ଅଭିଯୋଗ ରହିଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରାସନ୍ କାର୍ଡ ସମ୍ବନ୍ଧୀୟ ୮ ଟି, ଆବାସ ଯୋଜନା ସମ୍ପର୍କୀୟ ୧୦ଟି, ଜମିଜମା ସମସ୍ୟା ସମ୍ପର୍କୀୟ ୫ଟି, ପୋଲିସ୍ ସହାୟତା ପାଇବା ପାଇଁ ୨ଟି, ପେନସନ ପାଇବା ପାଇଁ ୫ଟି ଏବଂ ଅନ୍ୟାନ୍ୟ ୭ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୧୦ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ, ଜିଲ୍ଲା ପରିଷଦର ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବିନାରାୟଣ ଜେଠୀ, ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ,ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଘୁନାଥପୁର ବିରଞ୍ଚି ନାରାୟଣ ବେହେରା, ତହସିଲଦାର ରଘୁନାଥପୁର ରାଜଲକ୍ଷ୍ମୀ ନାୟକ, ଜିଲ୍ଲାସ୍ତରୀୟ ଅଧିକାରୀ ଏବଂ କ୍ଷେତ୍ରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।

### ବସୁଧା ଯୋଜନା ଅନିୟମିତତା ପ୍ରତିବାଦ

# ବିଭାଗୀୟ କାର୍ଯ୍ୟାଳୟ ଘେରଉ କଲା କଂଗ୍ରେସ

ଜଗତସିଂହପୁର/ରଘୁନାଥପୁର,୨।୩(ସମିସ):

ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ କଂଗ୍ରେସ କମିଟି ପକ୍ଷରୁ ଇଂ. ହିମାଂଶୁ ଭୂଷଣ ମଲ୍ଲିକଙ୍କ ନେତୃତ୍ୱରେ ଏବଂ ଜିଲ୍ଲା କଂଗ୍ରେସ ସଭାପତି ଦେବପ୍ରସାଦ ନାୟକଙ୍କ ଉପସ୍ଥିତିରେ ପାଣି ପାଇପ୍ ବିଛାଇବା ପାଇଁ ଖୋଳାଯାଇଥିବା ରାସ୍ତାର ମରାମତି ଓ ବସୁଧା ଯୋଜନାରେ ହୋଇଥିବା ଅନିୟମିତତାର ପ୍ରତିବାଦ କରାଯାଇଛି। ବ୍ଲକ କଂଗ୍ରେସ ସଭାପତି ଆର୍ତ୍ତତ୍ରାଣ ପଣ୍ଡାଙ୍କ ସଭାପତିତ୍ୱରେ କଂଗ୍ରେସ କର୍ମୀ ମାନେ ମଦନ ମୋହନ ମଠଠାରୁ ଏକ ଶୋଭାଯାତ୍ରାରେ ରଘୁନାଥପୁର ସ୍ଥିତ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ଉପଖଣ୍ଡ କାର୍ଯ୍ୟାଳୟ ଘେରଉ ଓ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

ରଘୁନାଥପୁର ବ୍ଲକର ବିଭିନ୍ନ ପଞ୍ଚାୟତରେ ପାଣି ପାଇପ ବିଛାଇବା ପାଇଁ ଯେଉଁ ରାସ୍ତା ଖୋଳାଯାଇଥିଲା ଦୀର୍ଘ ଦିନ ବିତିଯାଇଥିଲେ ମଧ୍ୟ ସମ୍ପୂର୍ଣ୍ଣ ମରାମତି କରାଯାଇ ପାରିଲାନାହିଁ। ଅନେକ ପଞ୍ଚାୟତରେ ବସୁଧା ଯୋଜନାରେ ହୋଇଥିବା ପାଣି ଟାଙ୍କି ନିର୍ମାଣ କାର୍ଯ୍ୟ ନିମ୍ନମାନର ଏବଂ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ଉପଖଣ୍ଡ କାର୍ଯ୍ୟାଳୟରେ ବ୍ୟାପକ ଦୁର୍ନୀତି ହେଉଥିବା କଂଗ୍ରେସ ନେତୃବୃନ୍ଦ ଉପଖଣ୍ଡ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ଜିଲ୍ଲା କଂଗ୍ରେସ ସଭାପତି ଉପଖଣ୍ଡ ଅଧିକାରୀଙ୍କୁ ଏକ ନୀରିକ୍ଷଣ ଟିମ୍ ଗଠନ କରି ତୁରନ୍ତ ଏହି ସମସ୍ୟାର ସମାଧାନ କରିବାକୁ ପରାମର୍ଶ ଦେଇଥିଲେ। ସମସ୍ୟର ତୁରନ୍ତ ସମାଧାନ କରାନଗଲେ ଆଗାମୀ ଦିନରେ କଂଗ୍ରେସ ଆନ୍ଦୋଳନକୁ ତୀବ୍ରତର କରିବ ବୋଲି ଚେତାବନୀ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା କଂଗ୍ରେସ କମିଟି ମୁଖପାତ୍ର ସର୍ବେଶ୍ୱର ପଣ୍ଡା, ସମ୍ପାଦକ ମାନସ ଗୋଛାୟତ, ସମ୍ପାଦିକା ବସନ୍ତ ନାୟକ, କାର୍ଯ୍ୟକାରୀ ସଦସ୍ୟ କାଳନ୍ଦୀ ମହାନ୍ତି, ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀ ଯୁବ କଂଗ୍ରେସ ସଭାପତି ପ୍ରତ୍ୟୁଷ ନାୟକ, ନାରାୟଣ ନାୟକ, ବସନ୍ତ ଦାଶ, ବସନ୍ତ ସ୍ୱାଇଁ, ତ୍ରିଲୋଚନ ମହାରଣା, ସୁବାସ ରାଟସିଂହ, ଶିବ ପ୍ରସାଦ ସାହୁ, ପ୍ରଦୀପ ନାୟକ, ପ୍ରତାପ ସ୍ୱାଇଁ, ବିଭୁ ରଞ୍ଜନ ସ୍ୱାଇଁ, ସାରଦା ଜେନା, ପରକ୍ଷିତ ନାୟକ, ସୁଧାଂଶୁ ବିଶ୍ୱାଳ, ବ୍ରଜକିଶୋର ମଲ୍ଲିକ, ଅଜୟ ସ୍ୱାଇଁ, ବରାଗୋଳ ସମିତିସଭ୍ୟ ଜିତେନ୍ଦ୍ର ମଲ୍ଲିକ, ପୁରୁଣାବସନ୍ତ ସମିତିସଭ୍ୟ ପ୍ରତାପ ସ୍ୱାଇଁ, ସୌମ୍ୟସ୍ୱପ୍ନ ସରିତ ରାଟସିଂ, ତପନ କୁମାର ନାୟକ, ହରେକୃଷ୍ଣ ଖଟୁଆ, ସାଇ ପ୍ରଭଞ୍ଜନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



## ବିଜୁ ଜୟନ୍ତୀ ଉପଲକ୍ଷେ ପ୍ରସ୍ତୁତି ବୈଠକ



**କାମାକ୍ଷାନଗର,୨।୩(ସମିସ):** କାମାକ୍ଷାନଗର ବିଜୁ ଜନତା ଦଳ କାର୍ଯ୍ୟାଳୟରେ ସୋମବାର ପୂର୍ବାହ୍ନ ୧୧ଟାରେ ଜିଲ୍ଲା ଯୁବ ସଭାପତି ତଥା କାମାକ୍ଷାନଗର ଏନ୍ଏସି ଅଧ୍ୟକ୍ଷ ଧର୍ମାନନ୍ଦ ପରିଡ଼ାଙ୍କ ଅଧ୍ୟକ୍ଷତାରେ ବିଜୁ ପଟ୍ଟନାୟକ ଜୟନ୍ତୀ ପାଳନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ମାର୍ଚ୍ଚ ୫ ତାରିଖ ବିଜୁବାବୁଙ୍କ ଜୟନ୍ତୀ ପାଳନ କରାଯିବ। କାମାକ୍ଷାନଗର ବ୍ଲକ ଓ ଏନ୍ଏସିର ସମସ୍ତ ୱାର୍ଡରୁ ବିଜେଡି କର୍ମୀ, ନେତୃବୃନ୍ଦ ଏଥିରେ ଯୋଗଦେବେ ବୋଲି କୁହାଯାଇଛି। ବୈଠକରେ କାମାକ୍ଷାନଗର ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁ, ଏନ୍ଏସି ଉପାଧ୍ୟକ୍ଷା ଶକୁନ୍ତଳା ସେଠୀ, ସମସ୍ତ କାଉନସିଲର, ବ୍ଲକ ସଭାପତି ପ୍ରଭାସ ରଞ୍ଜନ ମିଶ୍ର, ନଗର ସଭାପତି ଆଦିତ୍ୟ କୁମାର ଆଚାର୍ଯ୍ୟ, ଜିଲ୍ଲା ସାଧାରଣ ସମ୍ପାଦକ ଦିଲୀପ ଷେଣ୍ଢ, ବ୍ଲକ ଛାତ୍ର ସଭାପତି ଉପେନ୍ଦ୍ର ରାଉତ, ମହିଳା ନେତ୍ରୀ ରଞ୍ଜିତା ବେହେରାଙ୍କ ସମେତ ବହୁ କର୍ମକର୍ତ୍ତା ଯୋଗଦେଇଥିଲେ।

## ଛଉ ଦୋଳଯାତ୍ରା ପାଇଁ ପ୍ରସ୍ତୁତି ବୈଠକ



**ଗଁଦିଆ,୨।୩(ସମିସ):** ମାର୍ଚ୍ଚ ୯ ତାରିଖ ଅନୁଷ୍ଠିତ ହେବାକୁ ଥିବା ଛଉ ଦୋଳଯାତ୍ରା ପାଇଁ ଗଁଦିଆ ଥନା ପରିସରରେ ଥାନା ଅଧିକାରୀ ପ୍ରତାପ ଚନ୍ଦ୍ର ଦଳେଇଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଏସଆଇ ହୃଦାନନ୍ଦ ମହାନନ୍ଦ, ମେହନ ମୁର୍ମୁ, ଯୋରନ୍ଦା ଫାଣ୍ଡି ଅଧିକାରୀ ମାଗୁଣି ଗଡ଼ନାୟକ, ଗଁଦିଆ ଥାନା ଏଏସଆଇ ସୁକାନ୍ତି ସାହୁ, ଅଭୟ ନାୟକ, ଦିଲୀପ ସାହୁ, ସରୋଜିନୀ ମହାନ୍ତି, ପ୍ରଭାତ ନାୟକ, ରାଜେଶ ରାଉତ ଏବଂ ସମସ୍ତ କର୍ମଚାରୀଙ୍କ ସମେତ ପୂର୍ବତନ ଗଁଦିଆ ସରପଞ୍ଚ ମଙ୍ଗରାଜ ବାରିକ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ମଳୟ କୁମାର ସିଂହ, ପୋରୁହଖୋଜ ସମିତସଭ୍ୟ ବଳରାମ ପରିଡ଼ା, ସୋରିସିଆପଦା ସରପଞ୍ଚ ପ୍ରଦୀପ କୁମାର ରାଉତ, ସାମାଜସେବୀ ତାପସ ରାଉତ, ବୀରେନ୍ଦ୍ର ଜେନଲ, ସୀତାକାନ୍ତ ସାହୁ, ଭୋଲେଶ୍ୱର ରାଉତ, ଗୋବିନ୍ଦ ଚନ୍ଦ୍ର ସାହୁ, ପୋରୁହଖୋଜର ଗୌରାଙ୍ଗ ଚରଣ ସାହୁ ପ୍ରମୁଖ ବହୁ ବରିଷ୍ଠ ନାଗରିକ ଉପସ୍ଥିତ ଥିଲେ। ଦୋଳଯାତ୍ରା ଶାନ୍ତିଶୃଙ୍ଖଳା ସହ ଆୟୋଜନ କରିବାକୁ ସହମତି ପ୍ରକାଶ ପାଇଛି।

## ଡିଆଇଇଟିରେ ସାଂସ୍କୃତିକ ବିନିମୟ କାର୍ଯ୍ୟକ୍ରମ



**ଢେଙ୍କାନାଳ,୨।୩(ସମିସ):** ଦିନିକିଆ ଶୈକ୍ଷିକ ପରିଭ୍ରମଣରେ ଆସିଥିବା ଜଗତସିଂହପୁର ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଛାତ୍ରଛାତ୍ରୀମାନେ ଢେଙ୍କାନାଳ ଡିଆଇଇଟି ଛାତ୍ରଛାତ୍ରୀଙ୍କ ସହ ସାଂସ୍କୃତିକ ଭାବ ବିନିମୟ କରିଛନ୍ତି। ଡିଆଇଇଟି ଜଗତସିଂହପୁର ଅଧ୍ୟକ୍ଷ ରମେଶ ଚନ୍ଦ୍ର ମଲ୍ଲିକଙ୍କ ନେତୃତ୍ୱରେ ଛାତ୍ରଛାତ୍ରୀମାନେ ନାଚଗୀତ ଓ ଏକକ ଅଭିନୟ କରିଥିବା ବେଳେ ଢେଙ୍କାନାଳର ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀମାନେ ଦଳଗତ ନୃତ୍ୟ ଓ କବିତା ପାଠ କରିଥିଲେ। କାର୍ଯ୍ୟକ୍ରମରେ ଉଭୟ ଅନୁଷ୍ଠାନର ଗୁରୁଛାତ୍ରଛାତ୍ରୀ ସମେତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ଗୁରୁଛାତ୍ର ସୂର୍ଯ୍ୟକାନ୍ତ ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଡିଆଇଇଟି ଜଗତସିଂହପୁର ଅଧ୍ୟକ୍ଷ ମଲ୍ଲିକଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଓ ଉପହାର ଦେଇ ସମ୍ମାନିତ କରାଯାଇଥିଲା।

## ପୂର୍ବତନ ନଗରପାଳଙ୍କ ପରଲୋକ

● ସାଂସଦଙ୍କ ଶୋକ



**ଢେଙ୍କାନାଳ,୨।୩(ସମିସ):** ପୂର୍ବତନ ଢେଙ୍କାନାଳ ନଗରପାଳ ଶ୍ରୀକାନ୍ତ ମିଶ୍ରଙ୍କର ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ସୋମବାର ପରଲୋକ ଘଟିଛି। ସ୍ୱର୍ଗତ ମିଶ୍ର ନଗରପାଳ ଥିବା ସମୟରେ ସହରରେ ଅନେକ ଉନ୍ନତି ମୂଳକ କାର୍ଯ୍ୟ କରିଯାଇଛନ୍ତି। ସେ ଜଣେ ପରୋପକାରୀ, ଧର୍ମପରାୟଣ ବ୍ୟକ୍ତି ଥିଲେ। ତାଙ୍କ ବିୟୋଗରେ ସାଂସଦ ରୁଦ୍ରନାରାୟଣ ପାଣି, ସମାଜସେବୀ ଗଙ୍ଗାଧର ସାମଲ, ପୂର୍ବତନ ବିଧାୟକ ସୁଧୀର କୁମାର ସାମଲ, ଯୁବନେତା ଡା. ଅବିନାଶ ସାମଲ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

# ପେପର ଟେଣ୍ଡରକୁ ନେଇ ବର୍ଷିଲା ବିଜେଡି

ଢେଙ୍କାନାଳ,୨।୩(ସମିସ)



ଢେଙ୍କାନାଳ ପୌରପାଳିକାରେ ୧୨୦ଟି ହସ୍ତବୃତ୍ତ ଠିକା ପ୍ରସ୍ତାବ ପେପର ଟେଣ୍ଡରକୁ ବିରୋଧ କରି ବିଜେଡି ସୋମବାର ଏକ ସାମ୍ବାଦିକ ସମ୍ମିଳନୀରେ ବର୍ଷିଛି। ରାଜ୍ୟ ଆଇନ ମନ୍ତ୍ରୀ ଇ-ଟେଣ୍ଡର ବୋଲି କହୁଥିବା ବେଳେ ପୌରସଂସ୍ଥା ପେପର ଟେଣ୍ଡର କରୁଛି। ସରକାରଙ୍କ ନୀତିନିୟମକୁ ସମ୍ପୂର୍ଣ୍ଣ ଉଲ୍ଲଙ୍ଘନ କରାଯାଉଥିବା ବିଜେଡି ଅଭିଯୋଗ କରିବା ସହ ଦୁର୍ନୀତି ଜଳ ଜଳ ହୋଇ ଦିଶୁଛି ବୋଲି କହିଛି। ତୁରନ୍ତ ଏହାକୁ ରଦ୍ଦ କରିବାକୁ ଦାବି କରାଯାଇଛି।

ଗତ ଫେବୃଆରୀ ୧୭ ତାରିଖ ୨୩ଟି ୱାର୍ଡରେ ୧୨୦ଟି ପେପର ଟେଣ୍ଡର ଆହ୍ୱାନ କରାଯାଇଛି। ପ୍ରତ୍ୟେକ କାର୍ଯ୍ୟର ମୂଲ୍ୟ ୫ଲକ୍ଷ ଟଙ୍କା ଏଭଳି ପ୍ରାୟ ୫ କୋଟି ଟଙ୍କାର କାମ ପାଇଁ ଟେଣ୍ଡର କରାଯାଇଛି। ବିଭିନ୍ନ ୱାର୍ଡରେ ମାତ୍ରାଧିକ ଠିକାଦାର ନିଯୁକ୍ତି କରାଗଲେ କାର୍ଯ୍ୟର ମାନ ହ୍ରାସ ପାଇବ ବୋଲି ବିଜେଡି ଅଭିଯୋଗ କରିଆସୁଛି। ସହରରେ

**ଜଳଜଳ ଦିଶୁଛି ଦୁର୍ନୀତି**

ଉପଯୁକ୍ତ ଠିକାସଂସ୍ଥା ଏବଂ ଠିକାଦାର ଥିବା ବେଳେ କେବଳ ତାଲିକାଭୁକ୍ତ ଠିକାଦାରଙ୍କୁ ପ୍ରାଧାନ୍ୟ ଦେବା ଆଇନ ବିରୁଦ୍ଧ ବୋଲି ଅଭିଯୋଗ କରିଛି। ନିର୍ଦ୍ଦିଷ୍ଟ ଅଞ୍ଚଳରେ ନିର୍ଦ୍ଦିଷ୍ଟ ପ୍ରକାର କାର୍ଯ୍ୟପାଇଁ ପ୍ରସ୍ତାବ ନ କରି ଛୋଟ ଛୋଟ ଭାବରେ ବିଭକ୍ତ କରିବା, ଇ-ଟେଣ୍ଡର କରା ନ ଯାଇ ପେପେର ଟେଣ୍ଡର କରିବା ଭଳି କାର୍ଯ୍ୟକୁ ବିଜେଡି କାଉନସିଲରମାନେ ବିରୋଧ କରିଛନ୍ତି।

ପୌରାଞ୍ଚଳରେ ଟେଣ୍ଡର ଫିକ୍ସିଂ କରାଯାଇଥିବା ବିଜେଡି ଅଭିଯୋଗ କରିଛି। ଜିଲ୍ଲାରେ ୪ ଶହରୁ ଅଧିକ ଠିକାଦାର ଥିବା ବେଳେ ମାତ୍ର ୭ ଜଣଙ୍କୁ ସୁଯୋଗ ଦିଆଯାଇଛି। ଏପରିକି ୧୮ ରୁ ୨୭ ପର୍ଯ୍ୟନ୍ତ କୌଣସି ଟେଣ୍ଡର ପଡ଼ି ନ ଥିବା ବେଳେ ୧୭ରେ ଟେଣ୍ଡର ଏବଂ ୧୮ ରେ ଖୋଲିବା କିପରି ସମ୍ଭବ ବୋଲି ପଶ୍ନ ଉଠିଛି। ଏହାର ପ୍ରତିବାଦରେ ବିଜେଡି କାଉନସିଲରମାନେ ଧାରଣାରେ ଥିବା ବେଳେ ଗୁଣ୍ଡା ଲଗାଇ ଖରାପ ବ୍ୟବହାର କରାଯାଉଥିବା ଅଭିଯୋଗ ହୋଇଛି। ସେହିପରି ରାସ୍ତା ସମ୍ପ୍ରସାରଣର ଆବଶ୍ୟକତା ନ ଥିବା ବେଳେ ଦୋକାନ ଘର ଭାଙ୍ଗି ଲୋକଙ୍କୁ ଭୟଭୀତ କରାଯାଉଛି। ଲୋକଙ୍କ ଆବଶ୍ୟକତା ଥିବା ଦକ୍ଷିଣକାଳୀ ରୋଡ୍କୁ ସମ୍ପ୍ରସାରଣ କରାଯାଉନାହିଁ। ତୁରନ୍ତ ଏହି ଟେଣ୍ଡରକୁ ରଦ୍ଦ କରିବାକୁ ବିଜେଡି ଦାବି କରିଛି। ସାମ୍ବାଦିକ ସମ୍ମିଳନୀରେ ସନ୍ଦୀପ ଷଡ଼ଙ୍ଗୀ, ମଧୁସ୍ମିତା ସ୍ୱାଇଁ, ସାଗିର ମହମ୍ମଦ, ଶୁଭଲକ୍ଷ୍ମୀ ସାହୁ, ସସ୍ମିତା ଭଞ୍ଜ, ରୋଜାଲିନ ସାହୁ, ଲିପିକା ସାହୁ ଉପସ୍ଥିତ ଥିଲେ।

## ଛାତ୍ରୀଙ୍କୁ ମିଳିଲା ଗଦାଧର ବିଦ୍ୟାର୍ଥୀ ବୃତ୍ତି ସମ୍ମାନ



**ଯୋରନ୍ଦା,୨।୩(ସମିସ):** ଗଁଦିଆ ବ୍ଲକ ସନ୍ଥପୁର ସନ୍ଥଶ୍ରୀକ୍ଷେତ୍ର ପରିସରରେ ସରକାରୀ ପ୍ରାଥମିକ ବିଦ୍ୟାଳୟ ଛାତ୍ରୀ ତପସ୍ୱିନୀ ସାହୁଙ୍କୁ ପ୍ରଥମ ଗଦାଧର ବିଦ୍ୟାର୍ଥୀ ବୃତ୍ତି ସମ୍ମାନ ପ୍ରଦାନ କରାଯାଇଛି। ଗ୍ରାମର ସମ୍ମାନିତ ବ୍ୟକ୍ତି ସ୍ୱର୍ଗତ ଗଦାଧର କରଙ୍କ ସ୍ମୃତିରେ ତାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ପରିବାର ପକ୍ଷରୁ ଏହି ବୃତ୍ତି ପ୍ରଦାନ କରାଯାଇଛି। ମୁଖ୍ୟଅତିଥି ଭାବେ ବିଦ୍ୟାର୍ଥୀ ବୃତ୍ତି ସମ୍ମାନ କମିଟି ମୁଖ୍ୟ ସରୋଜିନୀ ଦେବୀ ଯୋଗଦେଇ ତପସ୍ୱିନୀଙ୍କୁ ମାନପତ୍ର ଓ ୫ ହଜାର ଟଙ୍କା ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ଶିଶିର ଶତପଥୀ, ଆନନ୍ଦ ଚନ୍ଦ୍ର ମହାନ୍ତି, ପ୍ରଶାନ୍ତ ତ୍ରିପାଠୀ, ସମାଜସେବୀ ସୁଧାକର ଲେଙ୍କା, ଗୌରହରି ସ୍ୱାଇଁ, ବିଜୟ କୁମାର ଶତପଥୀ ପ୍ରମୁଖ ଯୋଗଦେଇଥିଲେ। ପ୍ରତିବର୍ଷ ଗାଁ ବିଦ୍ୟାଳୟର ଉତ୍ତମ ଗୁଣସମ୍ପନ୍ନ ଓ ମେଧାବୀ ଛାତ୍ରଛାତ୍ରୀଙ୍କୁ ଏହି ବୃତ୍ତି ସମ୍ମାନ ପ୍ରଦାନ କରାଯିବ ବୋଲି କମିଟି ସଂଯୋଜକ ସାମ୍ବାଦିକ ରବିନାରାୟଣ କର ସୂଚନା ଦେଇଥିଲେ। ଶିବଶଙ୍କର କର, ରୁଦ୍ରନାରାୟଣ କର ଓ ସ୍ନେହଲତା କର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

● ମଣ୍ଡିରେ କଟ୍ନୀ ଛଟ୍ନୀକୁ ବିରୋଧ

## ମିଲର କାଟିଥିବା ଧାନର ପ୍ରାପ୍ୟ ପ୍ରଦାନ ଦାବି

**ଢେଙ୍କାନାଳ,୨।୩(ସମିସ):** କାମାକ୍ଷାନଗର ବାଇଁଶିଆ ଧାନ ମଣ୍ଡିରେ କଟନୀ ଛଟନୀକୁ ବିରୋଧ କରିବା ସହ ମିଲର କାଟିଥିବା ଧାନର ପ୍ରାପ୍ୟ ପ୍ରଦାନ ପାଇଁ ଚାଷୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଗତ ୨୮ ତାରିଖ ସାରଳା ମିଲର ବାଇଁଶିଆ ସୋସାଇଟି ଧାନ ମଣ୍ଡିରେ ଜୋରଜବରଦସ୍ତ ୫ କିଲୋ ଧାନ କାଟିଥିଲା। ୯ ଶହ ଗ୍ରାମରୁ ଧାନକୁ ହିସାବକୁ ନେଇ ନ ଥିଲା। ଚାଷୀମାନେ ଏହାକୁ ବିରୋଧ କରିଥିଲେ। ତେବେ ସମସ୍ତଙ୍କର ୫ କିଲୋ ଲେଖାଏଁ ଧାନ କରାଯିବ ବୋଲି ମନ୍ତ୍ରୀ କହିଥିବା ମିଲର କହିଥିଲେ। ସୋମବାର ବାଲିଯୋରନ୍ଦା ଗ୍ରାମର ଚାଷୀ ପଙ୍କଜ କୁମାର ନାୟକ ଜିଲ୍ଲାପାଳଙ୍କୁ ଭେଟି ଏ ବିଷୟରେ ଅଭିଯୋଗ କରିଛନ୍ତି। ତାଙ୍କର ୧.୭୧ କୁଇଣ୍ଟାଲ୍ ଧାନ କଟାଯାଇଥିଲା। ସେଠାରେ ଉପସ୍ଥିତ ଆରଏମ୍ସି କର୍ମଚାରୀଙ୍କୁ ଅନାଲଇଜର ମେସିନରେ ଚେକ କରିବା ପାଇଁ କହିଥିଲେ। କିନ୍ତୁ କେହି ଶୁଣି ନ ଥିଲେ ବୋଲି ସେ ଅଭିଯୋଗରେ ଦର୍ଶାଇଛନ୍ତି। ୧୭୧ କିଲୋ ଧାନର ମୂଲ୍ୟ ତାଙ୍କୁ ଫେରସ୍ତ କରିବାକୁ ପଙ୍କଜ ଦାବି କରିଛନ୍ତି।

## ପୂର୍ବତନ ସହକାରୀ ଯନ୍ତ୍ରୀଙ୍କୁ ୨ ବର୍ଷ ଜେଲ୍

**ଢେଙ୍କାନାଳ,୨।୩(ସମିସ):** ସରକାରୀ ଅର୍ଥ ତୋଷରପାତ ଅଭିଯୋଗରେ ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଜିରିଡ଼ାମାଳିସ୍ଥିତ ଓଇସିଏଫର ପୂର୍ବତନ ସହକାରୀ ଯନ୍ତ୍ରୀ ନିରଞ୍ଜନ ପଣ୍ଡାଙ୍କୁ ଢେଙ୍କାନାଳ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ୨ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୫୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ଅଧିକ ୧ ବର୍ଷ ସଶ୍ରମ କାରାଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି।

କଟକ ଜିଲ୍ଲା ନରସିଂହପୁର ଥାନା ଖଜୁରିଆ ଗ୍ରାମର ନିରଞ୍ଜନ ଜିରିଡ଼ାମାଳିଠାରେ କାର୍ଯ୍ୟ କରୁଥିବା ସମୟରେ ଅର୍ଥ ତୋଷରପାତ ଅଭିଯୋଗରେ ଭିଜିଲାନ୍ସ ତାଙ୍କୁ ଧରିଥିଲା। ସେ ଅବସର ନେଇଥିବା ବେଳେ ତାଙ୍କ ପେନସନ ବନ୍ଦ କରିବାକୁ ମଧ୍ୟ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି କୋର୍ଟ। ଏହି ମାମଲାକୁ ସ୍ୱତନ୍ତ୍ର ଭିଜିଲାନ୍ସ ପିପି ହେମନ୍ତ କୁମାର ଖଟୁଆ ଏବଂ ଅନୁଜ୍ଞା ମହାନ୍ତି ପରିଚାଳନା କରୁଥିଲେ।

● ମହିମାଗାଦିରେ ଫାଲଗୁନ ଶୁକ୍ଳ ଚତୁର୍ଦ୍ଦଶୀ ପାଳିତ

## ସନ୍ଧ୍ୟା ୬ରେ ଗାଦିମନ୍ଦିରରେ ଝାଡ଼ବତି ଜଳିଲା



**ଯୋରନ୍ଦା,୨।୩(ସମିସ):** ବିଶ୍ୱପ୍ରସିଦ୍ଧ ଯୋରନ୍ଦା ମହିମାଗାଦିରେ ସୋମବାର ଫାଲଗୁନ ଶୁକ୍ଳ ଚତୁର୍ଦ୍ଦଶୀ ନୀତି ପାଳିତ ହୋଇଛି। ସନ୍ଧ୍ୟା ୬ଟାରେ ଗାଦି ମନ୍ଦିରରେ ଝାଡ଼ଦୀପରେ ଅଗ୍ନି ସଂଯୋଗ ହୋଇଥିଲା। ପ୍ରାତଃ ୩ଟାରୁ ଗାଦି ମନ୍ଦିର, ଅଖଣ୍ଡ ଜ୍ୟୋତି ମନ୍ଦିର ସମେତ ସମସ୍ତ ଉପାସନା ପୀଠରେ ମହିମା ସ୍ୱାମୀଙ୍କ ସମସ୍ତ ନୀତି ସମ୍ପନ୍ନ କରାଯାଇଥିଲା। ମଧ୍ୟାହ୍ନ ନୀତି ଶେଷ ହେବାପରେ ଅପରାହ୍ନ ୪ଟାଟାରେ ସାନ୍ଧ୍ୟ ନୀତି ଆରମ୍ଭ ହୋଇଥିଲା। ବରିଷ୍ଠ ନୀତି ସନ୍ନ୍ୟାସୀମାନେ ମନ୍ଦିରରେ ଚନ୍ଦନ, ଅଗୁରୁ ସିଞ୍ଚନ କରି ପବିତ୍ର କରିବା ସହିତ ଛେରାପହଁରା କରିଥିଲେ। ଚାମର ସେବା ପରେ ସନ୍ଧ୍ୟା ୬ଟାରେ ପଶ୍ଚିମ ପାର୍ଶ୍ୱ ଝାଡ଼ଦୀପରେ ଅଗ୍ନି ସଂଯୋଗ କରାଯାଇଥିଲା। ପରେ ପୂର୍ବ, ଉତ୍ତର ଓ ଦକ୍ଷିଣ ପାର୍ଶ୍ୱ ଛୋଟ ଝାଡ଼ରେ ଅଗ୍ନି ସଂ ଯୋଗ କରାଯାଇଥିଲା। ସତ୍ୟମହିମା ଧର୍ମଧାମ ପରିଚାଳନା କମିଟି ସଭାପତି ଶୁକଦେବ ବାବା, ସମ୍ପାଦକ ନିତ୍ୟାନନ୍ଦ ବାବାଙ୍କ ପରାମର୍ଶ କ୍ରମେ ପରିଚାଳନା କମିଟି ସଭ୍ୟ ପ୍ରସନ୍ନ ବାବା, ପ୍ରଭାସ ବାବା, ବନମାଳୀ ବାବା, ଇନ୍ଦ୍ରମଣି ବାବା, ବଳରାମ ବାବା, ଅନାମ ବାବା, ଯୋଗୀନ୍ଦ୍ର ବାବା, ବିଶ୍ୱାନନ୍ଦ ଦାସ ଓ ବିନୟ ଦାସ ପ୍ରମୁଖ ଗାଦି ମନ୍ଦିରରେ ଝାଡ଼ନୀତି ପରିଚାଳନା କରିଥିଲେ। ବନମାଳୀ ବାବାଙ୍କ ନେତୃତ୍ୱରେ ସାଧୁ ଦୁଃଖନାଶନ ଦାସ, ବାଲ୍ମିକୀ ଦାସ, ଅମୂଲ୍ୟ ଦାସ ପ୍ରମୁଖ ଭଜନ ପରିବେଷଣ କରିଥିଲେ। ଅଖଣ୍ଡ ଜ୍ୟୋତି ମନ୍ଦିରରେ କୌପୀନଧାରୀ ମହିମା ସମାଜ ଉପଦେଷ୍ଟା ରଘୁନାଥ ବାବା, ସଭାପତି ଅବିନାଶୀ ବାବା, ସମ୍ପାଦକ ସୁଶାନ୍ତ ବାବା ପ୍ରମୁଖଙ୍କ ପରାମର୍ଶ କ୍ରମେ ବରିଷ୍ଠ ସନ୍ନ୍ୟାସୀ ଗୁଣନିଧି ବାବା, ଅଲେଖ ଦାସ, ଧନେଶ୍ୱର ଦାସ, ପରେଶ ଦାସଙ୍କ ପରିଚାଳନରେ ଅପରାହ୍ନ ୬ଟାରେ ଝାଡ଼ନୀତି ହୋଇଥିଲା। କୌପୀନଧାରୀ ମହିମା ସମାଜର ଭଜନ ନୀତି ଧନେଶ୍ୱର ଦାସ, ଚନ୍ଦ୍ରଶେଖର ଦାସ ପ୍ରମୁଖ ପରିଚାଳନା କରିଥିଲେ।

## ଜଙ୍ଗଲ କିସମ ଜମିରେ ଦୁର୍ନୀତି



**ଢେଙ୍କାନାଳ,୨।୩(ସମିସ):** ସଦର ତହସିଲ ବେଲଟିକିରି ଆରଆଇ ସର୍କଲ୍ କୁକୁଡ଼ାଝରେ ଖମାର ମୌଜାର ବିବି କେସ ନଂ ୨୭/୨୦୧୬ ଓ ବିବି କେଶ୍ ନଂ ୨୯/୨୦୧୬ ଦୁଇଟି କେଶ କିସମ ଜଙ୍ଗଲ ରହିଥିବାବେଳେ କାଗଜପତ୍ରକୁ ଜାଲିଆତି କରି କିଛି ବ୍ୟକ୍ତିଙ୍କୁ ପଟ୍ଟା ପ୍ରଦାନ କରାଯାଇଛି। ଏହି କେସ୍ର ବନ୍ଦୋବସ୍ତଠାରୁ ଆଜିପର୍ଯ୍ୟନ୍ତ କ'ଣ କିସମ ଥିଲା ତାହାର ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଢେଙ୍କାନାଳ ପୌରାଞ୍ଚଳ ଖମାରସାହିର ବିକାଶ ନାୟକ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଜନଶୁଣାଣିରେ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ୍ଙ୍କୁ ପତ୍ର ମାଧ୍ୟମରେ ଅନୁରୋଧ କରିଛନ୍ତି।

## ବଙ୍ଗୁ ଗ୍ରାମରେ ବାର୍ଷିକ ହରିମେଳା

**ହିନ୍ଦୋଳ/ଖଜୁରିଆକଟା,୨।୩(ସମିସ):** ହିନ୍ଦୋଳ ଉପଖଣ୍ଡ ଗୁଲେହୀ ପଞ୍ଚାୟତ ବଙ୍ଗୁ ଗ୍ରାମରେ ରବିବାର ବାର୍ଷିକ ହରିମେଳା ଅନୁଷ୍ଠିତ ହୋଇଛି। ଗ୍ରାମ କମିଟି ସଭାପତି ରମେଶ ଚନ୍ଦ୍ର ସାହୁଙ୍କ ପରିଚାଳନାରେ ସ୍ଥାନୀୟ ଦୁଦୁରୁକୋଟ ଲଉଡ଼ି ନୃତ୍ୟ ସହ ମୃଦଙ୍ଗ, ତାଳ, ଘଣ୍ଟ, ଶଙ୍ଖ ଶବ୍ଦର ତାଳେ ତାଳେ ଗ୍ରାମର ମହିଳାମାନେ ଜଳପୂର୍ଣ୍ଣ କଳସ ଆଣି ପୂଜା ମଣ୍ଡପରେ ସ୍ଥାପନ କରିଥିଲେ। କର୍ତ୍ତା ନାଥ ସାହୁଙ୍କ ଉପସ୍ଥିତିରେ ନିତ୍ୟ ପୂଜକ ସୁବ୍ରତ କର ପୂଜାର୍ଚ୍ଚନା କରିଥିଲେ। ଗୁଲେହୀ, ସାନହିନ୍ଦୋଳ, ପାଟଲା, ପଡ଼ା, ଦୁଦୁରୁକୋଟ, ନୂଆବଗ, ହରିହରପୁର, କଲଣ୍ଡା, ବାରିହାରଗଡ଼ି, ବୁରୁଗିଭୂଇଁ, ଗୁଡ଼ିସାହି, ଦୟାନିଧିପୁର, ଘୁରିଡ଼ିସାହିର ୧୫ଟି ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇ ରାତିସାରା ହରିନାମ ପରିବେଷଣ କରିଥିଲେ। ବିମଳ ବିଶ୍ୱାଳ ଓ ମଙ୍ଗରାଜ ପ୍ରଧାନ ପରିଚାଳନା କରିଥିଲେ। ଡ. ଚୈତନ୍ୟ ଚରଣ ସାହୁ, କାର୍ତ୍ତିକେଶ୍ୱର ବେହେରା, ସରପଞ୍ଚ ରୀତା ସାହୁ, ସମିତି ସଭ୍ୟ ପ୍ରଭାତୀ ବିଶ୍ୱାଳ, ପୂର୍ବତନ ସରପଞ୍ଚ ଅକ୍ଷୟ ସାହୁ, ପୂର୍ବତନ ହାତୁରା ସରପଞ୍ଚ ନିରାକାର ସାହୁ ପ୍ରମୁଖ ଯୋଗଦେଇଥିଲେ। ଗ୍ରାମ କମିଟି ସମ୍ପାଦକ ଟଙ୍କଧର ସାହୁ, ସପ୍ନେଶ୍ୱର ବିଶ୍ୱାଳ, ପର୍ଶୁରାମ ସାହୁ ଓ ଗଣେଶ୍ୱର କ୍ଲବ ସଭ୍ୟମାନେ ସହଯୋଗ କରିଥିଲେ।

■ ଆଇପିଏଲରେ ଚଳିତ ବର୍ଷ ଆଖୁପେଡ଼ା ଶେଷ

## ଆସନ୍ତା ବର୍ଷ ୩ ଲକ୍ଷ ମେଟ୍ରିକ ଟନ ଲକ୍ଷ୍ୟ

**ଢେଙ୍କାନାଳ,୨।୩(ସମିସ):** ସହର ଉପକଣ୍ଠ ହରିପୁରସ୍ଥିତ ଇଣ୍ଡିଆନ ପୋଟାସ ଲିମିଟେଡ (ଆଇପିଏଲ୍)ରେ ୨୦୨୫-୨୬ ବର୍ଷ ପାଇଁ ଆଖୁପେଡ଼ା କାର୍ଯ୍ୟ ସମାପ୍ତ ହୋଇଛି। ୨୦୨୫-୨୬ ବର୍ଷ ପାଇଁ ୨ଲକ୍ଷ ୨୦ହଜାର ମେଟ୍ରିକ ଟନ ଆଖୁ ପେଡ଼ାଯିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ବେଳେ ଚଳିତ ବର୍ଷ ଆଖୁ ଅଭାବ ଥିବାରୁ ୧ଲକ୍ଷ ୮୭ହଜାର ମେଟ୍ରିକ ଟନ୍ ଆଖୁ ପେଡ଼ାଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀର ଜେନେରାଲ ମ୍ୟାନେଜର ଏବଂ ୟୁନିଟ୍ ମୁଖ୍ୟ ବିକାଶ କୁମାର ଚୌଧୁରୀ ଅଧିକରୁ ଅଧିକ ଆଖୁ ଚାଷକରି ନିଜେ ସ୍ୱାବଲମ୍ବୀ ହେବା ସହ କମ୍ପାନୀର ସ୍ଥାୟିତ୍ୱ ପାଇଁ ସମସ୍ତ ଆଖୁଚାଷୀଙ୍କୁ ଅନୁରୋଧ କରିଛନ୍ତି। ଶେଷରେ ଦୁର୍ଘଟଣାମୁକ୍ତ ଏବଂ ସଫଳତାର ସହ ଆଖୁପେଡ଼ା କାର୍ଯ୍ୟରେ ସହଯୋଗ କରିଥିବା ସମସ୍ତ ଚାଷୀ, ଟ୍ରକ୍ ଚାଳକ ଏବଂ ମାଲିକ ସଂଘ, କମ୍ପାନୀ କର୍ମଚାରୀ ଓ ଅଧିକାରୀଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ଆସନ୍ତା ଋତୁରେ ପୂର୍ବବର୍ଷ ଲକ୍ଷ୍ୟକୁ ବୃଦ୍ଧି କରାଯାଇ ୩ଲକ୍ଷ ମେଟ୍ରିକ ଟନ୍ ଆଖୁ ପେଡ଼ାଯିବାକୁ ଲକ୍ଷ୍ୟ ରଖାଯାଇଥିବା କମ୍ପାନୀ ପକ୍ଷରୁ କୁହାଯାଇଛି।

# କୁଇଣ୍ଟାଲ ପିଛା ୮ରୁ ୧୦ କେଜି କଟ୍ନୀଛଟ୍ନୀ

## ବାରମ୍ବାର ଅଭିଯୋଗ ସତ୍ତ୍ୱେ ହେଉନି ତଦନ୍ତ

ହିନ୍ଦୋଳ,୨।୩(ସମିସ)

ହିନ୍ଦୋଳ ଉପଖଣ୍ଡରେ ୧୭ଟି ସମବାୟ ସମିତିରେ ଧାନମଣ୍ଡି ଚାଲିଥିବା ବେଳେ ସମସ୍ତେ ମିଳିମିଶି ଚାଷୀଙ୍କୁ ଶୋଷଣ କରୁଥିବା ବାରମ୍ବାର ଅଭିଯୋଗ ହୋଇଆସୁଛି। ହେଲେ ଏହାର ତଦନ୍ତ କରାଯାଉ ନ ଥିବାରୁ ଚାଷୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏବେ ଟୋକନ ଅବଧି ସରିବା ପରେ ମଧ୍ୟ ବହୁ ଚାଷୀ ଧାନ ବିକ୍ରି କରିପାରି ନ ଥିବା ଦେଖିବାକୁ ମିଳିଛି। ଫଳରେ ଚାଷୀ ଖୋଲା ଆକାଶ ତଳେ ଧାନ ରଖି ଜଗି ବସିଛି। ଗୋଟିଏ ପଟେ ହାତୀ ଭୟ ଥିବାବେଳେ କେତେବେଳେ ବର୍ଷା ହେଲେ ସବୁ ଧାନ ନଷ୍ଟ ହେବା ଆଶଙ୍କା ରହିଛି। କୁଇଣ୍ଟାଲ ପିଛା ୮ରୁ ୧୦ କେଜି ପର୍ଯ୍ୟନ୍ତ ଧାନ କଟାଯାଉଛି। ମୁହଁ ଖୋଲିଲେ ଧାନ ନିଆଯିବ ନାହିଁ ବୋଲି ମିଲର ଖୁଲମଖୁଲା ଧମକ ଦେଉଛନ୍ତି। ଉପଖଣ୍ଡର ପ୍ରତେକ ମଣ୍ଡିରେ ଏଭଳି ସ୍ଥିତି ଚାଷୀଙ୍କୁ ଅତିଷ୍ଠ କରିଥିବା ବେଳେ ମଣ୍ଡିରେ ସରକାରୀ ଅଧିକାରୀଙ୍କ ପାଦ ପଡୁନାହିଁ। ଦାୟିତ୍ୱରେ ଥିବା ନୋଡାଲ ଅଫିସରଙ୍କୁ କେବେ ମଣ୍ଡି ହେଉଛି ବିଭାଗ ପକ୍ଷରୁ ସୂଚନା ଦିଆଯାଉନାହିଁ। ମିଲର ଓ ସମବାୟ ସମ୍ପାଦକଙ୍କ ମର୍ଜିରେ କଟନୀଛଟନୀ ଚାଲିଥିବା ଅଭିଯୋଗ ହେଉଛି। ପ୍ରଶାସନ ସାଜିଛି ନିରବଦ୍ରଷ୍ଟା।



ମିଲର ନିଜ ସହ କିଛି ଯୁବକ ଆଣି ଚାଷୀଙ୍କୁ ଭୟଭୀତ କରୁଥିବା ବାରମ୍ବାର ଅଭିଯୋଗ ହୋଇଆସୁଛି। ଏଫଏକ୍ୟୁ ମାନକୁ ଆଳକରି ଗତବର୍ଷଠାରୁ କୁଇଣ୍ଟାଲ ପ୍ରତି ସର୍ବନିମ୍ନ ୮ କେଜି ଧାନ କଟାଯାଉଛି। ବେପାରୀଙ୍କୁ ଶାଗମାଛ ଦରରେ ଧାନ ବିକିବା ପରିବର୍ତ୍ତେ ଚାଷୀ ବାଧ୍ୟହୋଇ ମୁହଁ ଖୋଲିପାରୁନି। ନୂଆବଗ ସମବାୟ ସମିତିରେ ବିଗତ ଦିନରେ ଧାନ ମଣ୍ଡି ଚଳିଥିବା ବେଳେ ୮ରୁ ୧୦ କେଜି ଧାନ କଟାଯାଉଥିବା ନେଇ ସମିତି ମେମ୍ବରମାନେ ବିଭାଗୀୟ ଅଧିକାରୀଙ୍କ ନିକଟରେ ବାରମ୍ବାର ଅଭିଯୋଗ କରିଥିଲେ। ହେଲେ ଏହାର କୌଣସି ତଦନ୍ତ ନ ହେବା ଅଧିକାରୀଙ୍କ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏବେ ବହୁ ଚାଷୀଙ୍କ ଟୋକାନ ଅବଧି ସରିଥିବା ବେଳେ ଏ ନେଇ କିଛି ଚାଷୀ ନୂଆବଗ ସମବାୟ ସମିତି ସମ୍ପାଦକଙ୍କୁ ଧାନ କେବେ ନିଆଯିବ ପଚାରିବାରୁ ସେ ଜିଲ୍ଲାପାଳଙ୍କୁ ପଚାରିବାକୁ ପରାମର୍ଶ ଦେଇଛନ୍ତି। ହିନ୍ଦୋଳ ଯୋଗାଣ ଅଧିକାରୀ ଅସିତ ଅମିତାଭ ବେହେରା ଓ ଉପନିବନ୍ଧକ ପ୍ରତାପ ସାହୁଙ୍କୁ ଯୋଗାଯୋଗ କରିବାରେ ଏ ବିଷୟରେ କିଛି କହିପାରିବେ ନାହିଁ ବୋଲି କହିଛନ୍ତି। ସରକାର ଏହାର ତଦନ୍ତ କରି କି କାର୍ଯ୍ୟାନୁଷ୍ଠାନ ନେଉଛନ୍ତି ତାହା ଦେଖିବାକୁ ବାକି ରହିଲା।

## ଦ୍ୱାଦଶ କ୍ରୋଶଲିଙ୍ଗ ଏବଂ ବ୍ରାହ୍ମଣୀ ପରିକ୍ରମା ଶୁଭାରମ୍ଭ



**ଢେଙ୍କାନାଳ,୨।୩(ସମିସ):** ଢେଙ୍କାନାଳ ଜିଲ୍ଲାରେ ପ୍ରବାହିତ ହେଉଥିବା ବ୍ରାହ୍ମଣୀ କୋଣ କୋଣକେ ଥିବା ଦ୍ୱାଦଶ କ୍ରୋଶଲିଙ୍ଗ ପରିକ୍ରମା ଏବଂ ବ୍ରାହ୍ମଣୀ ନଦୀର ସ୍ୱଚ୍ଛତା, ପବିତ୍ରତା, ସୁରକ୍ଷା ଏବଂ ଆଧ୍ୟାତ୍ମିକତା ଉପରେ ସଚେତନତା ପାଇଁ ସିଦ୍ଧ ଶ୍ରୀକ୍ଷେତ୍ର ଢେଙ୍କାନାଳ ପରିକ୍ରମା ପକ୍ଷରୁ ଶୁଭାରମ୍ଭ ହୋଇ ଦ୍ୱାଦଶ କ୍ରୋଶଲିଙ୍ଗ ଏବଂ ବ୍ରାହ୍ମଣୀ ପରିକ୍ରମା କାର୍ଯ୍ୟକ୍ରମ। ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀ ସିଦ୍ଧ ଶ୍ରୀ ବଳରାମଙ୍କ ମନ୍ଦିର ପରିସରରୁ ଏହି ଯାତ୍ରାକୁ ଶୁଭାରମ୍ଭ କରିଥିଲେ। ଢେଙ୍କାନାଳ ଇଷ୍ଟ ଶ୍ରୀ ଶ୍ରୀ ବଳରାମ ମହାପ୍ରଭୁଙ୍କ ଆଜ୍ଞାମାଳ ଦେଇ ଯାତ୍ରା ଆରମ୍ଭ ହୋଇଥିଲା। ପ୍ରାରମ୍ଭରେ ଓଡ଼ାପଡ଼ା ବ୍ଲକ କମଳାଙ୍ଗର ଶ୍ରୀ ଶ୍ରୀ କମଳେଶ୍ୱର ମହାଦେବ, ଧଳେଶ୍ୱରର ଶ୍ରୀ ଶ୍ରୀ ଗଣେଶ୍ୱର ମହାଦେବଙ୍କୁ ଦର୍ଶନ ଏବଂ ପରିକ୍ରମା କରାଯାଇଥିଲା। ପରେ ନାଧେରାର ଶ୍ରୀ ଶ୍ରୀ ଗୋକର୍ଣ୍ଣକେଶ୍ୱର, ସଦର ବ୍ଲକ ଭୋଜଦେଇପୁର ଭୋଳେଶ୍ୱର, ବଡ଼ନାଗେନାର ଉତ୍କଳ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ଶ୍ରୀ ଶ୍ରୀ ନାଗନାଥେଶ୍ୱର ମହାଦେବ, କରମୂଳ ଶ୍ରୀ ଶ୍ରୀ ଦୌଡ଼େଶ୍ୱର ମହାଦେବଙ୍କୁ ଦର୍ଶନ କରି ପରିକ୍ରମା କରାଗଲା। ସିଦ୍ଧ ଶ୍ରୀକ୍ଷେତ୍ରର ସଂଯୋଜକ ଅବନୀ କୁମାର ମିଶ୍ରଙ୍କ ନେତୃତ୍ୱରେ ଦୀପ୍ତୀଶ ପ୍ରସାଦ ପଟ୍ଟନାୟକ, ପରେଶଚନ୍ଦ୍ର ପଟ୍ଟନାୟକ, ଅମର କୁମାର ପଟ୍ଟନାୟକ, କମଳ କୁମାର ନନ୍ଦ, ପୁରୁଷୋତ୍ତମ ନନ୍ଦ, ପ୍ରତାପ କୁଶୋର ନନ୍ଦ, ଶତ୍ରୁଘ୍ନ ମାଟି, ଅଥୟ କୁମାର ସାହୁ, ମାନସ ରଞ୍ଜନ ମିଶ୍ର, ସର୍ବେଶ୍ୱର ବ୍ରହ୍ମ, ବିକାଶ କୁମାର ରଥ, ଶେଷଦେବ ରାଉତ, ସୌମ୍ୟବ୍ରତ ସାହୁ, ପ୍ରୀତିରଞ୍ଜନ ପତି, ସ୍ନିଗ୍ଧ ନନ୍ଦ, ସ୍ୱର୍ଣ୍ଣଲତା ମାଟି, ଶୈଳବାଳା ମିଶ୍ର, ସରିତା ହୋତା, ବିଷ୍ଣୁପ୍ରିୟା ଦାଶ, ସୁମିତ୍ରା ରାୟ ପଟ୍ଟନାୟକ, ସବ୍ୟସାଚୀ ପାଣି, ବନନା ମାନସିଂ ପ୍ରମୁଖ ପରିକ୍ରମାରେ ସାମିଲ ହୋଇଥିଲେ।

ସକାଳ
THE SAKALA



# ମହିଳାଙ୍କୁ ଜେଏସ୍‌ଡବ୍ଲ୍ୟୁ ଦେଇଛି ସ୍ୱତନ୍ତ୍ର ପରିଚୟ

ପାରାଦୀପ,୨।୩(ସମିସ)



ପାରାଦୀପରେ ଜେଏସ୍‌ଡବ୍ଲ୍ୟୁ ଉତ୍କଳ ଷ୍ଟିଲର ବିକାଶ ମୂଳକ ପଦକ୍ଷେପ ପ୍ରକଳ୍ପ ସ୍ଥାପନ ପୂର୍ବରୁ ବିଭିନ୍ନ ଯୋଜନାରେ ନୂତନ ମାନଦଣ୍ଡ ସ୍ଥାପନ କରିଛି । ମହିଳାଙ୍କୁ ଆତ୍ମ ନିର୍ଭରଶୀଳତା ଠାରୁ ଆରମ୍ଭ କରି କୃଷି, ଶିକ୍ଷା, ସ୍ୱାସ୍ଥ୍ୟ ଓ ଆଲୋକୀକରଣ କ୍ଷେତ୍ରରେ ସାର୍ବଜନୀନ ସ୍ଥାନରେ ଜେଏସ୍‌ଡବ୍ଲ୍ୟୁ ଉତ୍କଳ ଷ୍ଟିଲ କମ୍ପାନୀ ପହଞ୍ଚି ପାରିଛି । ସ୍ଥାନୀୟ ଅଞ୍ଚଳରେ ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲର ପରିଚୟ ସ୍ୱତନ୍ତ୍ର । ମହିଳାମାନଙ୍କୁ ଜେଏସଡବ୍ଲ୍ୟୁ ସ୍ୱତନ୍ତ୍ର ପରିଚୟ ଦେଇଛି ।

ଜେଏସ୍‌ଡବ୍ଲ୍ୟୁ ଉତ୍କଳ ଷ୍ଟିଲ ପକ୍ଷରୁ ୨୪୬ ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା ମାନେ ଛତୁ ଚାଷରେ ୯୮,୪୦୦ ବେଡ୍ ତିଆରି କରିଛନ୍ତି । ସେମାନେ ମାସକୁ ୫ ହଜାର ଟଙ୍କା ଲେଖାଏଁ ରୋଜଗାର କରି ପାରୁଛନ୍ତି । ଜୀବିକା ନିର୍ବାହ ପାଇଁ ୧,୨୦୯ ଜଣ ଚାଷୀଙ୍କୁ ଦକ୍ଷତା ପ୍ରଦାନ କରାଯାଇଛି । ଯାହାଦ୍ୱାରା କ୍ଷୁଦ୍ର ଉଦ୍ୟୋଗ ଗୁଡ଼ିକ ଆଗକୁ ବଢ଼ିଛନ୍ତି । ଧୂପକାଠି, କୁକୁଡ଼ା ପାଳନ, ଛତୁ ଚାଷରେ ନିୟୋଜିତ ସ୍ୱୟଂ ସହାୟିକା ଗୋଷ୍ଠୀ ଗୁଡ଼ିକ ବିଶେଷ ଭାବେ ଲାଭବାନ ହୋଇପାରିଛନ୍ତି । ସେହିପରି ୬୧୨ ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା କୁକୁଡ଼ା ଚାଷ କରୁଛନ୍ତି । ସେମାନଙ୍କର ଆଭେରେଜ ମାସିକ ଆୟ ୩,୫୦୦ ଟଙ୍କାରେ ପହଞ୍ଚିଛି । ବିରି ବଡ଼ି ତିଆରି ପାଇଁ ୪୩ଟି ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା ମାନେ ପ୍ରତି ମାସରେ ୩ ଶହ କିଗ୍ରା ବଡ଼ି ତିଆରି କରୁଛନ୍ତି । ପ୍ରତି ମାସରେ ୧୫ ଶହ ଟଙ୍କା ଆୟ କରୁଛନ୍ତି । ମାଆ ଶାରଳା ସ୍ୱୟଂ ସହାୟିକା ଗୋଷ୍ଠୀର ୮ ଜଣ ସଦସ୍ୟା ବ୍ୟାଗ ତିଆରି କରି ପ୍ରତି ମାସରେ ୧୫ ଶହ ଟଙ୍କା ରୋଜଗାର କରୁଛନ୍ତି । ସମ୍ଭାବନା ପିଜିର ୧୦ ଜଣ ସଦସ୍ୟା ପ୍ରତି ମାସରେ ୨୫୦ କିଗ୍ରା ମସଲା ତିଆରି କରୁଛନ୍ତି । ପ୍ରତି ମାସରେ ପ୍ରତ୍ୟେକ ସଦସ୍ୟା ୧୫ ଶହ ଟଙ୍କା ରୋଜଗାର କରୁଛନ୍ତି । ସେହିପରି ମାଆ ଅନ୍ନପୂର୍ଣ୍ଣା ପିଜିର ୧୪ ଜଣ ସଦସ୍ୟା ଝୋଟ ବ୍ୟାଗ ତିଆରି କରି ପ୍ରତି ମାସରେ ୨,୫୦୦ ଟଙ୍କା ଲେଖାଏଁ ରୋଜଗାର କରି ପାରୁଛନ୍ତି । ଧୂପକାଠି ତିଆରି କରି ୪୫ଟିର ସ୍ୱୟଂସହାୟିକା ଗୋଷ୍ଠୀର ମହିଳା ମାନେ ମାସକୁ ସର୍ବନିମ୍ନ ୧,୭୫୦ ଟଙ୍କା ଲେଖାଏଁ ରୋଜଗାର କରୁଛନ୍ତି । ସେହିପରି ନୋଳିଆ ସାହିରେ ଶୁଖୁଆ ଶୁଖାଇବା ପାଇଁ ମା' ଚର୍ଚ୍ଚିକା ପିଜିର ୨୦ ଜଣ ମହିଳା ମାନଙ୍କୁ ୨ଟି ଉଚ୍ଚ କ୍ଷମତା ସମ୍ପନ୍ନ ଶୌର ଶକ୍ତି ଚାଳିତ ମାଛ ଶୁଖାଇବା ଯନ୍ତ୍ର ପ୍ରଦାନ କରାଯାଇଛି । ଯାହାର ଆନୁମାନିକ ମୂଲ୍ୟ ୨ ଲକ୍ଷ ଟଙ୍କା । ଏହି ମାଛ ଶୁଖାଇବା ଯନ୍ତ୍ର ସାହାଯ୍ୟରେ ୩ ଘଣ୍ଟାକୁ ୨୦ କିଗ୍ରା ଶୁଖୁଆ ଉତ୍ପାଦନ ହୋଇପାରୁଛି । ବିଶେଷ କରି ବର୍ଷା ଦିନ ମାନଙ୍କରେ ଏମାନଙ୍କ ପାଇଁ ଏହି ମେସିନ ବରଦାନ ପାଲଟିଛି । ଯାହାଦ୍ୱାରା ଉନ୍ନତ ମାନର ଶୁଖୁଆ ଉତ୍ପାଦନ ହୋଇ ପାରୁଛି । ମୋଟାମୋଟି ଭାବରେ ୩,୦୪୩ଟି ଘର ପରିବାରଙ୍କ ଅତିରିକ୍ତ ଆୟ ବୃଦ୍ଧି ପାଇଛି । ଏ ନେଇ ନୂଆଗାଁର ସୁବାସିତ ପ୍ରଦ୍ୟୁମ୍ନର ଗ୍ରୁପର ସଭ୍ୟା ଶର୍ମିଷ୍ଠା ଜେନା କହିଛନ୍ତି ପୂର୍ବରୁ ଧୂପକାଠି ତିଆରି କରୁଥିଲୁ । କିନ୍ତୁ ଆଗକୁ ଯାଇ ପାରୁ ନ ଥିଲୁ । ଜେଏସ୍‌ଡବ୍ଲ୍ୟୁ ପକ୍ଷରୁ ସାହାଯ୍ୟ ସହଯୋଗ ମିଳିବା ପରେ ଏବେ ଆମ ଗ୍ରୁପର ୩୦ ଜଣ ସଦସ୍ୟା ଧୂପକାଠି ତିଆରି କରି ପରିବାର ପ୍ରତିପୋଷଣ କରିପାରୁଛୁ । ସେହିପରି ମିନାକ୍ଷୀ ଦାସ କହିଛନ୍ତି କମ୍ପାନୀ ନିର୍ମାଣରେ ଆମର ୨ଟି ପାନ ବରଜ ପଳେଇ ଯାଇଛି । ପାନ ଚାଲିଯିବା ପରେ ଆମେ ଜୀବିକା ହରାଇ ବସିଥିଲୁ । ସେହି ସମୟରେ ଜେଏସଡବ୍ଲ୍ୟୁ ଉତ୍କଳ ପକ୍ଷରୁ ସହଯୋଗର ହାତ ବଢ଼ାଇଲେ । ଆମେ ଏକାଠି ହୋଇ ଛତୁ ଚାଷ କରିବା ପାଇଁ ନିଷ୍ପତ୍ତି କଲୁ । ଜେଏସଡବ୍ଲ୍ୟୁ ପକ୍ଷରୁ ମ୍ୟାଟେରିଆଲ ଯୋଗାଇ ଦିଆଗଲା । ୨ ଶହ ବେଡ ତିଆରି କରି ଛତୁଚାଷ କରି ପରିବାର ପ୍ରତିପୋଷଣ କରିପାରୁଛୁ । ଆଗକୁ ଆହୁରି ଅଧିକ ପରିମାଣରେ ଛତୁ ଚାଷ କରିବୁ ବୋଲି ଶର୍ମିଷ୍ଠା ଦାସ କହିଛନ୍ତି । ଗୋବିନ୍ଦପୁର ଅନ୍ନପୂର୍ଣ୍ଣା ପିଜିର ସଭ୍ୟା ସନ୍ଧ୍ୟାରାଣୀ ଦଳାଇ କହିଛନ୍ତି ଝୋଟରୁ ବିଭିନ୍ନ ପ୍ରକାର ସାମଗ୍ରୀ ତିଆରି କରି ପ୍ରତି ମାସରେ ମୁଣ୍ଡପିଛା ହାରାହାରି ୧,୫୦୦ ଟଙ୍କା ଆୟ କରୁଛୁ । ଜଗନ୍ନାଥ ସ୍ୱୟଂ ସହାୟିକା ଗୋଷ୍ଠୀର ଅନିତା ନାୟକଙ୍କ ନେତୃତ୍ୱରେ ଛତୁ ଚାଷକୁ ଏକ ସ୍ଥାୟୀ ଆୟ ଭାବରେ ଗ୍ରହଣ କରି ୨ ଶହ ଶଯ୍ୟା ବିଶିଷ୍ଟ ଛତୁ ଚାଷକୁ ଏକ କ୍ଷୁଦ୍ର ଉଦ୍ୟୋଗରେ ପରିଣତ କରି ସ୍ୱାବଲମ୍ବୀ ହୋଇଥିବା କହିଛନ୍ତି । ପୋଲାଙ୍ଗରେ କୃଷ୍ଣ ସ୍ୱୟଂ ସହାୟିକା ଗୋଷ୍ଠୀ ଏକ ବୃହତ ସ୍ତରରେ କୁକୁଡ଼ା ଚାଷ କରି ଯଥେଷ୍ଟ ଲାଭ କରିବା ସହ ଗ୍ରାମୀଣ ଅର୍ଥନୀତିକୁ ବୃଦ୍ଧି କରିବା ସହ ନିଯୁକ୍ତି ସୁଯୋଗ ସୃଷ୍ଟି କରିଥିବା କହିଛନ୍ତି ।

## କୁଜଙ୍ଗରେ ସାମାଜିକ ସଦ୍‌ଭାବନ କାର୍ଯ୍ୟକ୍ରମ

କୁଜଙ୍ଗ,୨।୩(ସମିସ): କୁଜଙ୍ଗ ବ୍ଲକସ୍ତରୀୟ ସାମାଜିକ ସଦ୍‌ଭାବନା କାର୍ଯ୍ୟକ୍ରମ ଓ ସାମାଜିକ ନେତୃତ୍ୱ ସମ୍ମିଳନୀ ସ୍ଥାନୀୟ ବିଦ୍ୟୁଲତା ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟବକ୍ତା ଭାବେ ସଂସ୍କୃତ ଭାରତୀର ପୂର୍ବକ୍ଷେତ୍ର ମନ୍ତ୍ରୀ ନୃସିଂହ ପ୍ରସାଦ ପଣ୍ଡା ଯୋଗ ଦେଇଥବଲେ । ଜିଲ୍ଲା ପ୍ରଚାର ପ୍ରମୁଖ ତାପସ କୁମାର ଦାଶ ସ୍ୱାଗତ ଭାଷଣ ଓ ସାମୂହିକ ସଙ୍ଗୀତ ଗାନ କରିଥିଲେ । କାର୍ଯ୍ୟକ୍ରମ ସଂଯୋଜକ ବିଭୂତି ଭୂଷଣ ଦାସ ପୌରୋହିତ୍ୟରେ କୈବର୍ତ୍ତ ନେତା ବଂଶୀଧର ଦାସ, ଯାଦବ ନେତା ଏଏନ୍‌ଡି ଯାଦବ, ଅଲେଖ ପଲାଇ, ସରୋଜ ସେଠୀ, ପାଇକ ଗୁରୁ ଗୋଲଖ ଜୟସିଂହ, ଡା ଗଙ୍ଗାଧର ସାମନ୍ତରାୟ, ଡ. ରଘୁ ସାହୁ, ତୈଳକ ସମାଜ ନେତା ଶିବ କୁମାର ସାହୁ, ମାଦକ ଦ୍ରବ୍ୟ ବିରୋଧୀ ସଂଗଠନ ପ୍ରମୁଖ ଆଇନଜୀବୀ ଗତିକୃଷ ଶତପଥୀ, ବାବାଜୀ ମହାପାତ୍ର, ଶ୍ରୀନିବାସ ମହାନ୍ତି, ସରୋଜ କୁମାର ବେହେରା ପ୍ରମୁଖ ସାମାଜିକ ନେତୃତ୍ୱ ଓ ସଦ୍‌ଭାବନା କାର୍ଯ୍ୟକ୍ରମରେ ନିଜର ମତ ବ୍ୟକ୍ତ କରିଥିଲେ । ସହ ଖଣ୍ଡ କାର୍ଯ୍ୟବାହା ପ୍ରତ୍ୟୁଷ ମହାନ୍ତି ଡ଼ନ୍ୟବାଦ ପ୍ରଦାନ କରିଥିଲେ । ରମାକାନ୍ତ ସାହୁ, ବିଚିତ୍ରାନନ୍ଦ ସୁତାର, ନୃସିଂହ ଚରଣ ଦାସ, କରୁଣାକର ସାହୁ, ଟିକନ କୁମାର ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ ।

## ଶ୍ରୀମା ଉପ୍ରା ବିଦ୍ୟାଳୟରେ କ୍ଲଷ୍ଟର ବୈଠକ

ମହାକାଳପଡ଼ା,୨।୩(ସମିସ): ମହାକାଳପଡ଼ା ବ୍ଲକ୍ ଗଡରୋମିତ ପଞ୍ଚାୟତ ଅନ୍ତର୍ଗତ ଛଦା-ପୁରୁଷୋତ୍ତମପୁରର ଶ୍ରୀମା ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଅଷ୍ଟମ ମାସିକ ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ବୈଠକ ସିଆରସିସି ଶୁଭକାନ୍ତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ନୂତନ ଶିକ୍ଷା ନୀତି ଆଧାରରେ ପଞ୍ଚମ ଓ ଅଷ୍ଟମ ଶ୍ରେଣୀରେ ପାସ୍ ଫେଲ୍ ବ୍ୟବସ୍ଥା, ପ୍ରତିକାରାତ୍ମକ ଶିକ୍ଷା, ନିପୁଣ ଓଡ଼ିଶା, ଯାଦୁ ପେଡିର ଆବଶ୍ୟକତା ଉପରେ ଆଲୋଚନା କରାଯାଇଥିଲା । ସହକାରୀ ଶିକ୍ଷକ ସର୍ବେଶ୍ୱର ବେହେରା ଧନ୍ୟବାଦ ଅର୍ପଣ କରିଥିଲାବେଳେ ଭଗବାନ ବେହେରା, ସୁଶାନ୍ତ ମଳୟ ଜେନା ମଞ୍ଚ ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରଧାନଶିକ୍ଷକ ମଙ୍ଗତ ମାଝୀ, ଆଭାରାଣୀ ସ୍ୱାଇଁ, ମିନତୀ ମଳିକ, ସଲୀଳା ଦାଶ, ନିମାଇଁ ରାଉତ, ପ୍ରଦୀପ୍ତ ମହାପାତ୍ର ଉପସ୍ଥିତ ଥିଲେ ।

## ସିଦ୍ଧେଶ୍ୱର ଉଚ୍ଚ ବିଦ୍ୟାଳୟ ପୁରାତନ ଛାତ୍ରଛାତ୍ରୀଙ୍କ ସମ୍ମିଳନୀ

ରାଜନଗର, ୨।୩(ସମିସ): ଘଡ଼ିଆମାଳସ୍ଥ ସିଦ୍ଧେଶ୍ୱର ଉଚ୍ଚବିଦ୍ୟାଳୟ ୨୦୦୩ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ପୁରାତନ ଛାତ୍ର ସଞ୍ଜୟ ପ୍ରଧାନଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ପୁରାତନ ଛାତ୍ରଛାତ୍ରୀ ଶିକ୍ଷକଙ୍କୁ ପୂଜା କରି ଆଶୀର୍ବାଦ ନେଇଥିଲେ । ଏ ଅବସରରେ ବିଦ୍ୟାଳୟ ପରିସର ସଫେଇ କରିବା ସହ ବୃକ୍ଷରୋପଣ କରାଯାଇଥିଲା । ରାମଚନ୍ଦ୍ର ବଳ, ବିରଞ୍ଚିନାରାୟଣ ଖଟୁଆ, ଅଞ୍ଜନ ସାହୁ, ପାର୍ଥସାରଥି ରାଉତ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ଏଥିରେ ପୁରାତନ ଛାତ୍ରଛାତ୍ରୀ ଯୋଗଦେଇ ପୁରୁଣା ସ୍ମୃତିକୁ ମନେ ପକାଇଥିଲେ ।

## ପାଣିଓଳାରେ ଆଖଣ୍ଡଳମଣି ମେଳା

ଡେରାବିଶ, ୨।୩(ସମିସ): ମୁକୁନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ପାଣିଓଳାଠାରେ ୩୬ତମ ଆଖଣ୍ଡଳମଣିଙ୍କ ମେଳା ଅନୁଷ୍ଠିତ ହୋଇଯାଇଛି । ଗ୍ରାମବାସୀଙ୍କ ସହଯୋଗରେ ଅନୁଷ୍ଠିତ ଏହି ମଣିଙ୍କ ମେଳା ରୀତିନୀତି ଅନୁଯାୟୀ ପାଳନ କରାଯାଇଥିଲା । ଏ ଅବସରରେ ଏକ ପ୍ରବଚନ କାର୍ଯ୍ୟକ୍ରମରେ ପ୍ରବଚକ ମନୋଜ ପ୍ରଧାନ ଯୋଗଦେଇ ପ୍ରଭୁ ଜଗନ୍ନାଥ ସଂସ୍କୃତି ସମ୍ବନ୍ଧରେ ଉପସ୍ଥିତ ଶ୍ରଦ୍ଧାଳୁଙ୍କୁ ଅବଗତ କରିଥିଲେ । ଏଥିସହିତ ଭଜନସନ୍ଧ୍ୟାର ଆୟୋଜନ କରାଯାଇଥିଲା । ଏହି ମେଳାରେ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ଗ୍ରାମର ଶ୍ରୋତା ଉପସ୍ଥିତ ଥିଲେ । ମେଳାର କର୍ତ୍ତା ଓ କର୍ତ୍ତୀ ଭାବେ ଲକ୍ଷ୍ମୀଧର ମଲିକ ଓ ପୂଜା ମଲିକ କାର୍ଯ୍ୟ ନିର୍ବାହ କରିଥି । କାର୍ଯ୍ୟକ୍ରମକୁ ପୁରିଆ ମଲିକ, ରାଜୁ ମଲିକ, ଟୁକୁ ମଲିକ, ମଙ୍ଗୁ ମଲିକ, ବାଇନ ମଲିକ, ନାଣ୍ଟୁ ମଲିକ, ଶରତ ମଲିକ ପ୍ରମୁଖ ପରିଚାଳନା କରିଥିଲେ ।

## ବାଲିଆ ହାଇସ୍କୁଲ ପୁରାତନ ଛାତ୍ରଛାତ୍ରୀଙ୍କ ବୈଠକ

ଡେରାବିଶ, ୨।୩(ସମିସ): କେନ୍ଦ୍ରାପଡ଼ା ଶିକ୍ଷା ସର୍କଲ ଅନ୍ତର୍ଗତ ବାଲିଆ ହାଇସ୍କୁଲ ୧୯୮୧ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ବୈଠକ ଅନୁଷ୍ଠିତ ହୋଇଯାଇଛି । ପୁରାତନ ଛାତ୍ର ରାଜମଣି ମହାନ୍ତିଙ୍କ ଅଧ୍ୟକ୍ଷତାରେ ଜମଧର ପଞ୍ଚାୟତ ଅନ୍ତର୍ଗତ ସନ୍ଥରାମଦାସ ମଠ ପରିସରରେ ଅନୁଷ୍ଠିତ ବୈଠକରେ ରାଜକିଶୋର ଲେଙ୍କା, ଅମୀୟ ନାୟକ, ରାମନାରାୟଣ ତ୍ରିପାଠୀ, ସୁବାସ ନାୟକ, ଅଭୟ ନାୟକ, ଅରକ୍ଷିତ ସେଠୀ, ମନୋଜ ବାରିକ, କିଶୋର ସ୍ୱାଇଁ, ସଂଜୟ ମଲ୍ଲ, ଶ୍ରୀକାନ୍ତ ସାମଲ, ପ୍ରଦୀପ ସାହୁ, ଶ୍ରୀକାନ୍ତ ବାରିକ, ଜୟଦେବ ନାୟକ, ଲଳିତ ମୋହନ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ । ଗଙ୍ଗାଧର ସେଠୀ, ପ୍ରଭାକର ସ୍ୱାଇଁ, ଧନେଶ୍ୱର ସ୍ୱାଇଁ, ସମରେନ୍ଦ୍ର ମହାପାତ୍ର, ରାଜକିଶୋର ସାହୁ, ସନ୍ତୋଷ ମୁଦୁଲି, ପ୍ରଭାତ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ବାଲିଆରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା

ଡେରାବିଶ, ୨।୩(ସମିସ): ଡେରାବିଶ ମଣ୍ଡଳ ଶିକ୍ଷାଧିକାରୀ କାର୍ଯ୍ୟାଳୟର ବରିଷ୍ଠ କିରାଣି ଦିଲ୍ଲୀପ କୁମାର ସାମଲଙ୍କୁ ଭାଗବତପୁର ପଞ୍ଚାୟତ ଅନ୍ତର୍ଗତ ବାଲିଆଠାରେ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟର ପୂର୍ବତନ ବରିଷ୍ଠ ସହାୟକ ରାଜକିଶୋର ଲେଙ୍କାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି ଭାବେ ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ କବି, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ମାନସ ମହାନ୍ତି ଯୋଗ ଦେଇଥିଲେ । ସଭାରେ ଧିରେନ୍ଦ୍ର ବେହେରା, ପ୍ରଭାକର ବେହେରା, ବ୍ରହ୍ମାନନ୍ଦ ସ୍ୱାଇଁ, ଗଣେଶ ରାଉତ, ନିରଞ୍ଜନ ସାହୁ, କିଶୋର ସାହୁ, ପ୍ରିୟରଞ୍ଜନ ବିଶ୍ୱାଳ, ସନ୍ଦୀପ ଲେଙ୍କା, ପ୍ରିୟଦର୍ଶିନୀ ବାରିକ ଓ ରଜତ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ଅବସରପ୍ରାପ୍ତ କିରାଣି ଶ୍ରୀ ସାମଲଙ୍କ କାର୍ଯ୍ୟଦକ୍ଷତା, ଲୋକପ୍ରିୟତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଶେଷରେ ତପନ କୁମାର ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ । ଶ୍ରୀ ସାମଲ ରତ୍ନାକର ହାଇସ୍କୁଲରୁ କିରାଣି ଭାବେ ଚାକିରି ଜୀବନ ଆରମ୍ଭ କରି ପରେ ଜିଲ୍ଲା ଶିକ୍ଷାଧିକାରୀ କାର୍ଯ୍ୟାଳୟ, ମହାକାଳପଡ଼ା ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ କରି ବରିଷ୍ଠ ସହାୟକ ଭାବେ ପଦୋନ୍ନତି ପାଇ ଶେଷରେ ଡେରାବିଶ ବ୍ଲକ୍ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରୁ ଅବସର ଗ୍ରହଣ କରିଛନ୍ତି ।

## ତୁଳସୀ ଆଇଡିଆଲ ପବ୍ଲିକ୍ ସ୍କୁଲର ବାର୍ଷିକ ଉତ୍ସବ



ରାଜନଗର, ୨।୩(ସମିସ): ରାଜନଗର ବ୍ଲକ ଅନ୍ତର୍ଗତ ସାନବଡ଼ଗୋପାଳପୁର ପଞ୍ଚାୟତର ଗର୍ଜନପୁରସ୍ଥ ତୁଳସୀ ଆଇଡିଆଲ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଅଧ୍ୟକ୍ଷ ଦିବ୍ୟସିଂହ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ୩୦ନଂ ଜୋନ୍ ଜିଲ୍ଲା ପରିଷଦ ସଭ୍ୟ ସୁରେନ୍ଦ୍ର ରାଉତ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଆଦର୍ଶ ଜୀବନ ଗଠନ ଉପରେ ଆଲୋକପାତ କରିଥିଲେ । ବ୍ରଜବନ୍ଧୁ ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କ ବୌଦ୍ଧିକ ଓ ଆଧ୍ୟାତ୍ମିକ ବିକାଶ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅନନ୍ତ ରାଉତ, ବରିଷ୍ଠ ସାମ୍ବାଦିକ ଭାସ୍କର ରାଉତରାୟ, ଜଗନ୍ନାଥ ଦାସ ଯୋଗ ଦେଇଥିଲେ । ସ୍କୁଲର ମୁଖ୍ୟ ଉପଦେଷ୍ଟା ପ୍ରଭାକର ରାଉତ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶିକ୍ଷୟିତ୍ରୀ ଅନୀତା ବିଶ୍ୱାଳ ବାର୍ଷିକ ବିବରଣୀ ପାଠ କରିଥିଲେ । ଉକ୍ତ ବିଦ୍ୟାଳୟର ୨୦୨୫-୨୬ ଶିକ୍ଷାବର୍ଷରେ ବୃତ୍ତି, ନବୋଦୟ, ଓଡିଶା ଆଦର୍ଶ ଓ ରତପଲ୍ଲି ପ୍ରବେଶିକା ପରୀକ୍ଷାରେ ସଫଳତା ଅର୍ଜନ କରିଥିବା କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ବରିଷ୍ଠ ଶିକ୍ଷକ ଆଲୋକ ବେହେରା ଧନ୍ୟବାଦ ପ୍ରଦାନ କରିଥିଲେ । ପରେ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଶିକ୍ଷକ/ଶିକ୍ଷୟିତ୍ରୀ ସୋନାଲି ପରିଡା, ସୋନାଲି ଲେଙ୍କା, ପ୍ରଭାତୀ ବିଶ୍ୱାଳ, ସ୍ୱପ୍ନା ମହାନ୍ତି, ସ୍ୱପ୍ନାସୁଦ୍ଧା ରାଉତ, ବର୍ଷାରାଣୀ ଭୂୟାଁ, ଅର୍ଚ୍ଚନା ରାଉତ, ଅର୍ଚ୍ଚନା ଦାସ, ମୋନାଲି ଦାସ, ସବିତା ସାହୁ, ସଂଘମିତ୍ରା ପରିଡା, ଅର୍ଚ୍ଚନା ସ୍ୱାଇଁ, କାରୁବାକୀ ପ୍ରିୟଦର୍ଶିନୀ, ଶଶାଙ୍କ ରାଉତ ପ୍ରମୁଖ ପରିଚାଳନା କରିଥିଲେ ।

## ବାର୍ଷିକ କ୍ରୀଡ଼ା ଓ ପୁରସ୍କାର ବିତରଣ ଉତ୍ସବ



ଡେରାବିଶ, ୨।୩(ସମିସ): ଚାନ୍ଦୋଳ ପଞ୍ଚାୟତ ଅନ୍ତର୍ଗତ ଭଣଗାଁ ସରକାରୀ ଉନ୍ନୀତ ଉଚ୍ଚପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନଶିକ୍ଷୟିତ୍ରୀ ପରାଗ ବେଉରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ପ୍ରମୋଦ ମଲ୍ଲ, ସମ୍ମାନିତ ଅତିଥି ଭାବେ ପରିଚାଳନା କମିଟି ସଭାପତି ବସନ୍ତା ସାମଲ ଯୋଗଦେଇ କ୍ରୀଡ଼ା ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ । କ୍ରୀଡ଼ା ଶିକ୍ଷକ ସତ୍ୟନାରାୟଣ ମହାରଣା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶିକ୍ଷୟିତ୍ରୀ ସ୍ନିଗ୍ଧାରାଣୀ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମକୁ ଜ୍ୟୋତିର୍ମୟୀ ତ୍ରିପାଠୀ ଓ ସାଗରିକା ରାଉତ ପରିଚାଳନା କରିଥିଲେ । ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

## ଡେରାବିଶ ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ




ଡେରାବିଶ,୨।୩(ସମିସ): ଗୋଲରାହାଟ ପଞ୍ଚାୟତ ଅନ୍ତର୍ଗତ ଦୁମୁକାହାଟସ୍ଥ ଡେରାବିଶ ମହାବିଦ୍ୟାଳୟର ୪୬ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ମହାବିଦ୍ୟାଳୟ ସଭାଗୃହରେ ଅନୁଷ୍ଠିତ ଉତ୍ସବରେ ଭାରପ୍ରାପ୍ତ ଅଧ୍ୟକ୍ଷ ନଗେନ୍ଦ୍ର ନାଥ ପାଣି ପୌରୋହିତ୍ୟ କରିଥିଲେ । ମୁଖ୍ୟଅତିଥି ଭାବେ ପୂର୍ବତନ ଅଧ୍ୟକ୍ଷ ପ୍ରଭାକର ସାମଲ, ମୁଖ୍ୟବକ୍ତା ଭାବେ ପ୍ରାଧ୍ୟାପକ ଚନ୍ଦ୍ରଶେଖର ନାୟକ, ସମ୍ମାନିତ ଅତିଥି ପ୍ରାଧ୍ୟାପିକା ଲୋକନାଥ ଗିରି, ପ୍ରାଧ୍ୟାପିକା ରେଖା ଦେବୀ ଓ କଲେଜ ପରିଚାଳନା କମିଟିର ପୂର୍ବତନ ସଭ୍ୟ ବ୍ରହ୍ମାନନ୍ଦ ମଲିକ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଠନ ପାଇଁ ପାଠ୍ୟକ୍ରମ ସହ ଅଧ୍ୟାପକ ଅଧ୍ୟାପିକା ନୈତିକ ଶିକ୍ଷା ଉପରେ ଗୁରୁତ୍ୱ ଦେବାର ଆବଶ୍ୟତା ନେଇ ମତବ୍ୟକ୍ତ କରିଥିଲେ । ଆଇକ୍ୟୁଏସି ସଂଯୋଜକ ବିଶ୍ୱଜିତ ସାହୁ ଓ ଅଧ୍ୟାପିକା ସୁଭାସିନୀ ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ଅଧ୍ୟାପିକା ଡ. ପ୍ରଜ୍ଞା ପଟ୍ଟନାୟକ ବାର୍ଷିକ ବିବରଣୀ ପାଠ କରିଥିବାବେଳେ ଅଧ୍ୟାପକ ଗୁରୁଚରଣ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ । ଉତ୍ସବରେ ବହୁ ସଂଖ୍ୟକ ଛାତ୍ରଛାତ୍ରୀ, ପୁରାତନ ଛାତ୍ରଛାତ୍ରୀଙ୍କ ସମେତ ଅଭିଭାବକ, ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ ଅଞ୍ଚଳବାସୀ ଉପସ୍ଥିତ ଥିଲେ ।

## ବ୍ରହ୍ମାକୁମାରୀଙ୍କ ପକ୍ଷରୁ ଶାନ୍ତି ଶୋଭାଯାତ୍ରା

ଡେରାବିଶ, ୨।୩(ସମିସ): ଚାନ୍ଦୋଳସ୍ଥ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଏକ ଶାନ୍ତି ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଆଶ୍ରମର ତତ୍ତ୍ୱାବଧାରିକା ରାଜଯୋଗିନୀ ବିକେ ପିଙ୍କି ଶାନ୍ତିଯାତ୍ରାକୁ ଉଦ୍‌ଘାଟନ କରି କଳିଯୁଗର ଅନ୍ତ ସମୟରେ ଦୁଃଖ ଓ ଅଶାନ୍ତିର ବାତାବରଣକୁ ହଟାଇ ମାନବ ସମାଜ କିପରି ସୁଖଶାନ୍ତିପ୍ରାପ୍ତ କରିପାରିବ ଓ ପରମପିତା ପରମାତ୍ମା ଶିବ ଜ୍ୟୋତିର୍ବିନ୍ଦୁକୁ ହିଁ ଆଲୋକ ପଥ ଦେଖାଇପାରିବ ବୋଲି କହିଥିଲେ । ଏହି ଶାନ୍ତିଯାତ୍ରାରେ ସ୍ଥାନୀୟ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ବୁଦ୍ଧିଜୀବୀ ସାମିଲ ହୋଇଥିଲେ । କାର୍ଯ୍ୟକ୍ରମକୁ ଆଶ୍ରମର ବ୍ରହ୍ମାକୁମାରୀମାନେ ପରିଚାଳନା କରିଥିଲେ ।

## ସୁସଜ୍ଜିତ ଦୋଳ ବିମାନରେ ରାଧାକୃଷ୍ଣଙ୍କୁ ଦର୍ଶନ

ତିର୍ତ୍ତୋଲ,୨।୩(ସମିସ): ପବିତ୍ର ଶୁକ୍ଳ ପକ୍ଷ ତ୍ରୟୋଦଶୀ ତିଥିରେ ତିନି ଦୋଳ ବିଭିନ୍ନ ପୀଠ ରୁ ଶ୍ରୀରାଧାକୃଷ୍ଣ ଙ୍କ ଯୁଗଳ ମୂର୍ତ୍ତି ସୁସଜ୍ଜିତ ଦୋଳ ବିମାନ ରେ ବସି ତେନ୍ତୁଳିପଦା ଗ୍ରାମର ଭକ୍ତମାନଙ୍କ ଘର ଘର ପୂଜାର୍ଚ୍ଚନା ଓ ଭୋଗ ସହ ଭକ୍ତ ମାନଙ୍କୁ ଦର୍ଶନ ଦେଉଛନ୍ତି କ୍ଷ କନକପୁର ଗୋବିନ୍ଦ ଜୀଉ, ତେନ୍ତୁଳିପଦାର ଗୋପୀ ନାଥ ଜୀଉ, ମା' ବିଲ ଶାରଳାଙ୍କ ବିଜେ ପ୍ରତିମା ବିଭିନ୍ନ ଗ୍ରାମକୁ ପାଞ୍ଚ ଦିନ ଦୋଳ ବିମାନ ରେ ଭକ୍ତ ମାନଙ୍କୁ ଦର୍ଶନ ଦେବେ । ଆଜି ତ୍ରୟୋଦଶୀ ତିଥିରୁ ଦୋଳ ପୂର୍ଣ୍ଣିମା ଯମୁନା ସ୍ନାନ ପର୍ଯ୍ୟନ୍ତ ଏହି ଉତ୍ସବ ପାଳନ କରାଯିବାର ବିଧି ରହିଛି । ଆଜିର ପବିତ୍ର ଫଗୁ ତ୍ରୟୋଦଶୀ ତିଥିରେ ଭକ୍ତ ମାନଙ୍କଗ୍ରହଣରେ ରାଧାମୋହନ ପରିଜା,ଦେବୀଦତ୍ତ ପରିଜା, ପ୍ରଭୁଦତ୍ତ ପରିଜା, ତିଳକ ପରିଜା, କମଳାକାନ୍ତ ପରିଜା, ତପନ ପରିଜା ଓ ସୁରେଶ ଚନ୍ଦ୍ର ମହାନ୍ତି ପ୍ରମୁଖ ଦର୍ଶନ ସହ ଆଶ୍ରିବାଦ ଭିକ୍ଷା କରିଥିଲେ । ଦୋଳ ପୂର୍ଣ୍ଣିମା ରାତି ୮ଟାରେ ପାଞ୍ଜି ପାଠ ସହ ଦୋଳ ଝୁଲଣ ଅନୁଷ୍ଠିତ ହେବ ।

● ଗଙ୍ଗାଧରପ୍ରସାଦଡିଆ ପ୍ରାଥମିକ ବିଦ୍ୟାଳୟ

## ଅଧା ରଙ୍ଗ ମାରି ବିଲ୍ କରାଇନେବାକୁ ମସୁଧା

ରାଜକନିକା,୨।୩(ସମିସ): ରାଜକନିକା ବ୍ଲକ ତ୍ରୈଲୋକ୍ୟପୁର ପଞ୍ଚାୟତ ଗଙ୍ଗାଧରପ୍ରସାଦଡିଆ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟର ଶ୍ରେଣୀ ଗୃହ ମରାମତି ଆଳରେ ସ୍କୁଲର ଥିବା ୬ଟି କୋଠରୀ ମଧ୍ୟରୁ ମାତ୍ର ୨ଟି କୋଠରୀରେ ରଙ୍ଗ ଦେଇ ବିଲ କରିବାର ମସୁଧା ହେଉଥିବା ଜଣାପଡ଼ିଛି । ଏ ସମ୍ପର୍କରେ ଜେଇ ନିହାର ପରିଡାଙ୍କୁ ପଚାରିବାରୁ ସେ କୌଣସି ଉତ୍ତର ଦେଇ ନ ଥିଲେ । ନଦୀ ଘେରରେ ରହିଥିବା ଗଙ୍ଗାଧରପ୍ରସାଦଡିଆ ଗ୍ରାମରେ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ



ରହିଛି । ଏହି ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏ ୯୩ ଜଣ ଛାତ୍ରଛାତ୍ରୀ ପଢ଼ୁଥିବା ବେଳେ ୬ଟି ଶ୍ରେଣୀ ଗୃହ ରହିଛି । ତେବେ ଏହି ବିଦ୍ୟାଳୟରେ କରାଯାଉଥିବା କାମ କେଉଁ ଯୋଜନାରେ କେତେ ଟଙ୍କାର ଅଟକଳ ରହିଛି, ତାହା ଜାଣିବା ମଧ୍ୟ ସମ୍ଭବ ହୋଇନାହିଁ । ଦ୍ୱୀପାଞ୍ଚଳର ଏହି ଗାଁ ସ୍କୁଲରେ ନାମକୁ ମାତ୍ର ରଙ୍ଗ ଘଷି ବିଲ କରିବାର ମସୁଧା ଚାଲିଥିବାବେଳେ କେନ୍ଦ୍ରାପଡ଼ା ଜିଲ୍ଲାପାଳ ଓ ପ୍ରକଳ୍ପ ନିର୍ଦ୍ଦେଶକ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି ।

## କେଶରପୁରରେ ହିନ୍ଦୁ ସମ୍ମିଳନୀ

ଡେରାବିଶ, ୨।୩(ସମିସ): ଦାନପୁର ପଞ୍ଚାୟତ ଅନ୍ତର୍ଗତ କେଶରପୁରସ୍ଥ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି ସମ୍ମିଳନୀରେ ମୁଖ୍ୟଅତିଥି ଭାବେ କଟକ ବିଡ଼ାନାସୀସ୍ଥ ଚହଟା ଆଶ୍ରମର ସ୍ୱାମିଜୀ ସତ୍ୟ ଚୈତନ୍ୟ ବ୍ରହ୍ମଚାରୀ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ହିନ୍ଦୁ ସମାଜର କେନ୍ଦ୍ରାପଡ଼ା ଜିଲ୍ଲା ସମ୍ପର୍କ ପ୍ରମୁଖ ସରୋଜ ବିଶ୍ୱାଳ ଓ କଥାକାର ମାତୃଦତ୍ତ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ମାତୃଭୂମିର ସମ୍ମାନ ରକ୍ଷା କରିବା ସହିତ ସନାତନ ଧର୍ମକୁ ଉଜ୍ଜୀବିତ କରିବା ଆମ ସମସ୍ତଙ୍କର ଲକ୍ଷ୍ୟ ହେବା ଉଚିତ୍ ବୋଲି ପରାମର୍ଶ ଦେଇଥିଲେ । ପ୍ରାରମ୍ଭରେ ଗୋ-ପୂଜନ, କନ୍ୟା-ପୂଜନ ଓ ଗୀତାପାଠ କରାଯାଇଥିଲା । ସ୍ମାରକ ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଶିଶୁ ବିଦ୍ୟାମନ୍ଦିର ଗୁରୁଜୀ ଗୁରୁମା, ସ୍ଥାନୀୟ ୧୦ଟି ପଞ୍ଚାୟତର ସମଗ୍ର ହିନ୍ଦୁ ସମାଜ କର୍ମକର୍ତ୍ତା ପରିଚାଳନା କରିଥିଲେ ।

## ଖମୋଳ ଆଞ୍ଚଳିକ ସାଧନକେନ୍ଦ୍ର ସ୍ତରୀୟ ଶିକ୍ଷଣ ସାମଗ୍ରୀ କର୍ମଶାଳା




ଡେରାବିଶ, ୨।୩(ସମିସ): ଡାଳିଜାସ୍ଥ ବାଗ୍‌ଦେବୀ ବିଦ୍ୟାପୀଠରେ ଖମୋଳ ଆଞ୍ଚଳିକ ସାଧନକେନ୍ଦ୍ର ସ୍ତରୀୟ ଦୁଇଦିନିଆ ଶିକ୍ଷଣ ସାମଗ୍ରୀ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଉଦ୍‌ଘାଟନ ଉତ୍ସବରେ ବିଦ୍ୟାପୀଠର ପ୍ରଧାନଶିକ୍ଷୟିତ୍ରୀ ବିଥିକା ଦାସ ସଭାପତିତ୍ୱ କରିଥିବାବେଳେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶରତ ଆଚାର୍ଯ୍ୟ, ମୁଖ୍ୟବକ୍ତା ଶିକ୍ଷାବିତ ଲଲାଟକେଶରୀ ଭୂୟାଁ ଓ ସମ୍ମାନିତ ଅତିଥି ଖମୋଳ ୟୁପି ସ୍କୁଲର ପ୍ରଧାନଶିକ୍ଷକ ପ୍ରକାଶ ଚନ୍ଦ୍ର ରାଉତ ଯୋଗ ଦେଇଥିଲେ । ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ପ୍ରମୋଦ ମଲ୍ଲଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ମଣ୍ଡଳ ସହ ଶିକ୍ଷାଧିକାରୀ ଖଗେଶ୍ୱର ନାୟକ, ମୁଖ୍ୟବକ୍ତା ଲଲାଟ କେଶରୀ ଭୂୟାଁ, ସମ୍ମାନିତ ଅତିଥି ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନର ପ୍ରଶିକ୍ଷିକା ମୋନାଲିସା ସେଠୀ ଓ ଶ୍ରଦ୍ଧାଳି ମାହୁନ୍ତ ଯୋଗଦେଇ ସାଧନକେନ୍ଦ୍ର ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ ଶିକ୍ଷଣ ସାମଗ୍ରୀ ପ୍ରଦର୍ଶିତ କରିବା ସହ ଏହାର ଆବଶ୍ୟକତା ଓ ଉପଯୋଗିତା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମକୁ ସିଆରସିସି ନିର୍ମଳ ଜେନା, ବିଶ୍ୱଜିତ ମୁଦୁଲି, ତ୍ରିଲୋଚନ ମଲିକ ପ୍ରମୁଖ ପରିଚାଳନା କରିଥିଲେ ।

# ଆଶୁତୋଷ ସ୍ମାରକୀ; କୁଜଙ୍ଗ ଚାମ୍ପିଅନ୍

କୁଜଙ୍ଗ,୨।୩(ସମିସ)



କୁଜଙ୍ଗ ବ୍ଲକ ମଙ୍ଗରାଜପୁର ପଞ୍ଚାୟତର ସନ୍ତରା ସାଇ ମନ୍ଦିର ଖେଳପଡ଼ିଆରେ ଆୟୋଜିତ ଆଶୁତୋଷ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରୋମାଞ୍ଚକ ଭାବେ ଶେଷହୋଇଛି । ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୧୮ଟି ପଞ୍ଚାୟତ ଭାଗନେଇଥିଲେ । ଫାଇନାଲ ମ୍ୟାଚରେ ବଡ଼ଘାଇ ପଞ୍ଚାୟତ ସହ କୁଜଙ୍ଗ ପଞ୍ଚାୟତ ମୁକାବିଲା କରିଥିଲା । ତିନିଟି ସିରିଜ୍‌ରେ ଆୟୋଜିତ ଫାଇନାଲର ପ୍ରଥମ ମ୍ୟାଚ୍‌ରେ କୁଜଙ୍ଗ ବିଜୟ ହାସଲ କରିଥିଲା । ଦ୍ୱିତୀୟ ମ୍ୟାଚ୍‌ରେ କୁଜଙ୍ଗ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୬ଟି ୱିକେଟ ହରାଇ ୧୧୫ ରନ୍ ସଂଗ୍ରହ କରିଥିଲା । ଜବାବରେ ବଡ଼ଘାଇ ଦଳ ୯.୩ ଓଭରରେ ସମସ୍ତ ୱିକେଟ ହରାଇ ୯୫ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା । ଏହା ସହିତ କୁଜଙ୍ଗ ଦଳ ଚାମ୍ପିଅନ ହୋଇଥିଲା । ଫାଇନାଲ ମ୍ୟାଚରେ ମୁଖ୍ୟଅତିଥି ଭାବେ ଜଗତସିଂହପୁର ଜିଲ୍ଲା ବିଜେପି ଉପସଭାପତି ଦିପ୍ତୀରେଖା ନାୟକ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ସମ୍ମାନିତ ଅତିଥି ଭାବେ ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ପ୍ରୀତିରଞ୍ଜନ ମହାପାତ୍ର, ସମାଜସେବୀ ଇଂ. ତ୍ରିଲୋଚନ ତରାଇ, ବାବାଜୀ ମହାପାତ୍ର ଓ ବାବୁଲି ଚରଣ ବାରିକ ଉପସ୍ଥିତ ଥିଲେ । ଅମ୍ପାୟର ଭାବେ ବିଶ୍ୱଜିତ ସାମନ୍ତରାୟ ଓ ତାପସ ରାଉତ ମ୍ୟାଚ୍ ପରିଚାଳନା କରିଥିଲେ । ଜଟିୟା ବାବା କ୍ଲବର ସମସ୍ତ ସଦସ୍ୟଙ୍କ ସହଯୋଗରେ ଖେଳଟି ସଫଳ ଭାବେ ଆୟୋଜିତ ହୋଇଥିଲା ।

## ଆଜିର ରାଶିଫଳ

**ମେଷ:** ନୂଆ କାମ ପାଇଁ ଯୋଜନା ପ୍ରସ୍ତୁତ କରିବେ। ବିଦ୍ୟାର୍ଥୀ ପଢ଼ାରେ ଧ୍ୟାନ ଦେବେ। ଆୟ ଅନୁସାରେ ବ୍ୟୟ ହେବ। ପୈତୃକ ସମ୍ପତ୍ତିକୁ ନେଇ ବିବାଦ ଦେଖାଦେଇପାରେ।

**ବୃଷ:** ଦାମ୍ପତ୍ୟ ଜୀବନ ସୁଖମୟ ହେବ। ପିତାମାତାଙ୍କ ଆଶୀର୍ବାଦରୁ ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। ଦୂରସ୍ଥାନକୁ ଯାତ୍ରା ଯୋଗ ରହିଛି। ମହିଳାମାନେ ସାମାଜିକ କାର୍ଯ୍ୟକ୍ରମରେ ସାମିଲ ରହିବେ।

**ମିଥୁନ:** ଦୀର୍ଘ ଦିନର ଆଶା ପୂରଣ ହେବ। ପ୍ରଭାବଶାଳୀ ବ୍ୟକ୍ତିଙ୍କ ସାହାଯ୍ୟ ମିଳିପାରେ। ବିଦ୍ୟାର୍ଥୀ କ୍ୟାରିୟରକୁ ନେଇ ଚିନ୍ତିତ ରହିପାରନ୍ତି। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ।

**କର୍କଟ:** ସଠିକ୍ ସମୟରେ ନିଷ୍ପତ୍ତି ନେବା ଜରୁରି। ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ଯାନବାହନ କିଣି ପାରନ୍ତି। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**ସିଂହ:** ଅଟକି ରହିଥିବା କାମ ପୂରା ହେବ। ନିଜ ଲୋକ ଶତ୍ରୁ ସାଜି ପାରନ୍ତି। ପିଲାମାନେ ଖେଳକୁଦରେ ସମୟ ଅତିବାହିତ କରିବେ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ।

**କନ୍ୟା:** ଯୋଜନା ମୁତାବକ କାମ କରନ୍ତୁ। ବୁଝି ବିଚାରି ଠିକ୍ ନିଷ୍ପତ୍ତି ନିଅନ୍ତୁ। ବନ୍ଧୁଙ୍କୁ ସାହାଯ୍ୟ କରିବେ। ଉଧାର ଦେଇଥିବା ଟଙ୍କା ଫେରି ପାଇବେ। ପରଚର୍ଚ୍ଚାଠାରୁ ଦୂରେଇ ରୁହନ୍ତୁ।

**ତୁଳା:** ଆପଣଙ୍କ ପରିଶ୍ରମର ଫଳ ମିଳିବ। ଦୀର୍ଘ ଦିନର ଆଶା ପୂରଣ ହେବ। ପରିବାର ସଦସ୍ୟଙ୍କ ସହିତ ସମୟ ଅତିବାହିତ ହେବ। ଅତ୍ୟଧିକ କାମକୁ ନେଇ ଚିନ୍ତା ବଢ଼ିପାରେ।

**ବିଛା:** ସାମାଜିକ କାର୍ଯ୍ୟକ୍ରମରେ ସାମିଲ ରହିବେ। ଲକ୍ଷ୍ୟ ପୂରା ହେବ। କଣ୍ଠଶିଳ୍ପୀଙ୍କ ପାଇଁ ଆଜି ଦିନଟି ବହୁତ ଭଲ। ପୁରୁଣା ନିବେଶରୁ ଲାଭ ମିଳିବ। ପତିପତ୍ନୀଙ୍କ ମଧ୍ୟରେ ଭୁଲ ବୁଝାମଣା ହୋଇପାରେ।

**ଧନୁ:** ଆଜିର ଦିନରେ ବ୍ୟସ୍ତ ରହିପାରନ୍ତି। ଅଟକି ଥିବା ଧନ ଫେରି ପାଇବେ। ବିଦ୍ୟାର୍ଥୀ ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା କରିପାରନ୍ତି। ଅତ୍ୟଧିକ କାମ ଚାପ ଚିନ୍ତା ବଢ଼ାଇପାରେ।

**ମକର:** ଦିନଟି ସୁଖପ୍ରଦାନ କରିବ। ଭାବିଚିନ୍ତି ନିଷ୍ପତ୍ତି ନିଅନ୍ତୁ। ଆୟ ଅନୁସାରେ ଅଧିକ ଖର୍ଚ୍ଚ ହେବ। ଲୋକସମ୍ପର୍କ ବୃଦ୍ଧି ପାଇବ। ଅଫିସ୍ କାମ ପାଇଁ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି।

**କୁମ୍ଭ:** ବର୍ତ୍ତମାନ ସମୟ ଅନୁକୂଳ। ଅଟକି ଥିବା କାମ ପୂରା ହେବ। ଅଚାନକ ଖୁସି ଖବର ମିଳିପାରେ। ପିଲାମାନେ ଖେଳକୁଦରେ ସମୟ ଅତିବାହିତ କରିବେ।

**ମୀନ:** ସଫଳତା ପାଇବା ପାଇଁ କଠିନ ପରିଶ୍ରମ କରିବାକୁ ପଡ଼ିପାରେ। ଘର ପାଇଁ ମୂଲ୍ୟବାନ ସାମଗ୍ରୀ କିଣିବେ। ଅଯଥା ଖର୍ଚ୍ଚ କରି ପାରନ୍ତି। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ।

## ଆଜିର ଇତିହାସ

- ୧୯୭୪- ତୁର୍କୀ ଏୟାରଲାଇନ୍ସର ଡିସି ୧୦ ବିମାନ ଦୁର୍ଘଟଣାଗ୍ରସ୍ତ ହେବାରୁ ୩୪୫ ଲୋକଙ୍କ ମୃତ୍ୟୁ।
- ୨୦୦୯- ପାକିସ୍ତାନର ଲାହୋରରେ ମ୍ୟାଚ୍ ଖେଳିବାକୁ ଯାଇଥିବା ଶ୍ରୀଲଙ୍କା କ୍ରିକେଟ୍ ଟିମ୍ ଉପରେ ଆତଙ୍କବାଦୀ ଆକ୍ରମଣ।
- ୨୦୧୩- ମିଳିତ ଜାତିସଂଘ ମାର୍ଚ୍ଚ ୩ ତାରିଖକୁ ବିଶ୍ୱ ବନ୍ୟପ୍ରାଣୀ ଦିବସ ଭାବେ ପାଳନ କରିବା ପାଇଁ ଘୋଷଣା କଲା।

# ବଦଳିବନି 'ଭୂତ ବଙ୍ଗଲା'ର ରିଲିଜ୍ ଡେଟ୍



ବଲିଉଡ୍ ଅଭିନେତା ଅକ୍ଷୟ କୁମାର ଦୀର୍ଘ ୧୪ ବର୍ଷ ପରେ 'ଭୂତବଙ୍ଗଲା' ଫିଲ୍ମରେ ନିର୍ଦ୍ଦେଶକ ପ୍ରିୟଦର୍ଶନଙ୍କ ସହ କାମ କରୁଛନ୍ତି। ଅତୀତରେ ଏହି ଯୋଡ଼ି 'ହେରାଫେରି', 'ହଙ୍ଗାମା', 'ଭୁଲଭୁଲୈୟା' ଭଳି ହିଟ୍ ଫିଲ୍ମ ଦେଇଥିଲେ। ବାଲାଜୀ ମୋସନ୍ ପିକଚର୍ସ 'ଭୂତବଙ୍ଗଲା' ଫିଲ୍ମର ନିର୍ମାଣ କରୁଛି। ଇତିମଧ୍ୟରେ ଏହି ଫିଲ୍ମର ପୋଷ୍ଟର୍ ରିଲିଜ୍ ହୋଇଛି। ପୋଷ୍ଟର୍‌ରେ ଅକ୍ଷୟଙ୍କ ଲୁକ୍ ଦର୍ଶକଙ୍କୁ ଖୁବ୍ ପସନ୍ଦ ଆସିଛି। ଏହା ସହ ଫିଲ୍ମର ପ୍ରଥମ ଗୀତ 'ରାମ ଜୀ ଆକେ ଭଲା କରେଙ୍ଗେ' ଗୀତ ବି ରିଲିଜ୍ ହୋଇଛି। ଏହି ଗୀତରେ ଦର୍ଶକେ ଅକ୍ଷୟଙ୍କ ହାଇ ଏନର୍ଜି ସହ ଫିଲ୍ମର ମଜାଦାର ଦୁନିଆର ଏକ ଝଲକ ଦେଖିବାକୁ ପାଇଛନ୍ତି। ତେବେ ମାର୍ଚ୍ଚ ୧୯ ରେ ରକିଂ ଷ୍ଟାର୍ ଯଶଙ୍କ ଫିଲ୍ମ 'ଟକ୍ସିକ୍' ଓ ରଣବୀର ସିଂହଙ୍କ 'ଧୁରନ୍ଧର ୨' ପରଦାକୁ ଆସୁଥିବାରୁ 'ଭୂତବଙ୍ଗ୍‌ଲା'ର ରିଲିଜ୍‌କୁ ଘୁଞ୍ଚାଇ ଦିଆଯାଇପାରେ ବୋଲି ଚର୍ଚ୍ଚା ହେଉଥିଲା। ଏବେ ପୂର୍ବ ନିର୍ଦ୍ଧାରିତ ଦିନରେ ହିଁ ଏହି ଫିଲ୍ମକୁ ରିଲିଜ୍ କରିବାକୁ ଏକତା କପୁର ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। ନିକଟରେ ଏକତା ଏନେଇ ଗଣମାଧ୍ୟମରେ ତାଙ୍କର ପ୍ରତିକ୍ରିୟା ରଖିଛନ୍ତି। ଏକତାଙ୍କ କହିବା ଅନୁଯାୟୀ, 'ଭୂତବଙ୍ଗଲା' ରିଲିଜ୍ ହେବା ବେଳକୁ ଉଭୟ ଆକ୍ସନ୍ ଫିଲ୍ମ ଭଲ ବିଜିନେସ୍ କରି ସାରିଥିବ। ଆମ ଫିଲ୍ମ ଯୋଉ ସମୟରେ ରିଲିଜ୍ ହେବ ସେହି ସମୟରେ ପିଲାମାନଙ୍କର ପରୀକ୍ଷା ସରି ଛୁଟି ହୋଇଯାଇଥିବ। ଲୋକେ ପରିବାର ସହ ଥିଏଟର୍‌କୁ ଯାଇ ସିନେମା ଦେଖିପାରିବେ।' ଏଥିରେ ଅକ୍ଷୟଙ୍କ ସହ ୱାମିକା ଗବ୍ବି, ପରେଶ ରାୱେଲ, ତବୁ, ରାଜପାଲ ଯାଦବ, ମିଥିଲା ପାଲକର ପ୍ରମୁଖ ଦେଖାଯିବେ। ଏହା ଆସନ୍ତା ୧୦ ଏପ୍ରିଲ୍‌ରେ ପରଦାକୁ ଆସିବ।

# ବିଶ୍ୱ ବନ୍ୟପ୍ରାଣୀ ଦିବସ



ପ୍ରକୃତି ସହ କେବଳ ମନୁଷ୍ୟର ନୁହେଁ ବରଂ ଗଛଲତା, ଜୀବଜନ୍ତୁ ସମସ୍ତଙ୍କର ନିବିଡ଼ ସମ୍ପର୍କ ରହିଛି। ପ୍ରକୃତିର ସନ୍ତୁଳନ ରକ୍ଷା ନିମନ୍ତେ ସମସ୍ତଙ୍କର ପ୍ରମୁଖ ଭୂମିକା ରହିଛି। ତେଣୁ ବନ୍ୟପ୍ରାଣୀଙ୍କ ସଂରକ୍ଷଣ ତଥା ସେମାନଙ୍କୁ ସୁରକ୍ଷା ପ୍ରଦାନ କରିବା ନିମନ୍ତେ ପ୍ରତିବର୍ଷ ମାର୍ଚ୍ଚ ୩ ତାରିଖକୁ ବିଶ୍ୱ ବନ୍ୟପ୍ରାଣୀ ଦିବସ ଭାବେ ପାଳନ କରାଯାଉଛି। ଜଙ୍ଗଲ କ୍ଷୟ ହେତୁ ବନ୍ୟପ୍ରାଣୀମାନେ ଖାଦ୍ୟ ଅନ୍ୱେଷଣରେ ଏବେ ସହରମୁହାଁ। ଫଳରେ ସେମାନେ ମଣିଷର ଆକ୍ରୋଶର ଶିକାର ହେଉଛନ୍ତି। ଏହାର ଫଳସ୍ୱରୂପ ପୃଥିବୀପୃଷ୍ଠରେ କ୍ରମଶଃ ବନ୍ୟପ୍ରାଣୀଙ୍କ ସଂଖ୍ୟା ଲୋପ ପାଇବାକୁ ବସିଲାଣି। କେତେକ ବନ୍ୟପ୍ରାଣୀ ଆଜି ଇତିହାସ ମଧ୍ୟ ପାଲଟିଗଲେଣି। ଏଣୁ ବନ୍ୟପ୍ରାଣୀଙ୍କ ସୁରକ୍ଷା ନିମନ୍ତେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ବନ୍ୟପ୍ରାଣୀ ଦିବସ ପାଳନ କରାଯାଉଛି। ଏହି ଦିବସ ପାଳନ ଅବସରରେ ଲୋକଙ୍କୁ ବନ୍ୟଜନ୍ତୁଙ୍କୁ ଶିକାର ନ କରି ସେମାନଙ୍କ ସୁରକ୍ଷା ଦିଗରେ ଦୃଷ୍ଟି ଦେବା ପାଇଁ ପ୍ରବର୍ତ୍ତା ଯାଇଥାଏ। ବନ୍ୟ ଜୀବମାନଙ୍କର ଶରୀରର ବିଭିନ୍ନ ଅଂଶକୁ ବେଆଇନ ଭାବେ ଚାଲାଣ କରିବା ଏବେ ବିଶ୍ୱର ଅନ୍ୟତମ ଲାଭଦାୟକ ବ୍ୟାପାର ପାଲଟିଛି। ସେ ହାତୀଦାନ୍ତ ହେଉ ବା ଗଣ୍ଡା ଶିଙ୍ଗ କିମ୍ବା ବାଘ ଶରୀରର ବିଭିନ୍ନ ଅଂଶ। ଚୋରା ଚାଲାଣକାରୀମାନେ ଏହାକୁ ବିକ୍ରି କରି ପ୍ରଚୁର ଅର୍ଥ ରୋଜଗାର କରୁଛନ୍ତି। ବିଶେଷ କରି ଏସିଆ ଏବଂ ଆଫ୍ରିକାରେ ଏହି ବ୍ୟବସାୟର ବଜାର ଖୁବ୍ ବ୍ୟାପକ। ଏପରିସ୍ଥଳେ ବିପଦରେ ଥିବା ବନ୍ୟପ୍ରାଣୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ୨୦ ଡିସେମ୍ବର, ୨୦୧୩ରେ ମିଳିତ ଜାତିସଂଘ ସାଧାରଣ ସଭା ଏହାର ୬୮ ତମ ଅଧିବେଶନରେ ମାର୍ଚ୍ଚ ୩ ତାରିଖକୁ ବିଶ୍ୱ ବନ୍ୟପ୍ରାଣୀ ଦିବସ ରୂପରେ ପାଳନ କରିବା ପାଇଁ ଘୋଷଣା କରିଥିଲା। ପ୍ରଥମ ଥର ପାଇଁ ବିଶ୍ୱ ବନ୍ୟପ୍ରାଣୀ ଦିବସ ୨୦୧୪ରେ ପାଳନ କରାଯାଇଥିଲା। ସେବେଠାରୁ ମାର୍ଚ୍ଚ୩କୁ ବିଶ୍ୱ ବନ୍ୟପ୍ରାଣୀ ଦିବସ ଭାବେ ପାଳନ କରାଯାଉଛି। ଏହିଦିନ ବିଲୁପ୍ତ ହୋଇ ଆସୁଥିବା ବନ୍ୟପ୍ରାଣୀଙ୍କ ସମ୍ପର୍କରେ ସଚେତନତା ସୃଷ୍ଟି କରାଯିବା ସହିତ ବନ୍ୟପ୍ରାଣୀ ଅପରାଧ ବିରୋଧରେ ଲଢ଼ିବାକୁ ଲୋକମାନଙ୍କୁ ପ୍ରେରିତ କରାଯାଏ। ଏହି ଅବସରରେ ଜାତିସଂଘ, ବିଭିନ୍ନ ସଂଗଠନ ପକ୍ଷରୁ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଥାଏ। ବର୍ତ୍ତମାନ ପରିସ୍ଥିତିରେ ବନ୍ୟପ୍ରାଣୀଙ୍କ ସୁରକ୍ଷା ଆମ ସମସ୍ତଙ୍କ ପାଇଁ ଏକ ବଡ଼ ଆହ୍ୱାନ। ଏ କ୍ଷେତ୍ରରେ ବନ ବିଭାଗର ମଧ୍ୟ ଗୁରୁ ଦାୟିତ୍ୱ ରହିଛି। ଯେପରି ବନ୍ୟପ୍ରାଣୀ ସୁରକ୍ଷିତ ରହିପାରିବେ ସେକ୍ଷେତ୍ରରେ ସମସ୍ତେ ସଂକଳ୍ପବଦ୍ଧ ହେବା ଦରକାର। ଏହିଦିନ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ବନ୍ୟଜନ୍ତୁଙ୍କ ଆବାସସ୍ଥଳୀ ସୁରକ୍ଷା ଏବଂ ଶିକାର ରୋକିବା ପାଇଁ ବାର୍ତ୍ତା ଦିଆଯାଏ।

# ୨୦୦ ବର୍ଷ ହେଲାଣି ଖେଳିନାହାନ୍ତି ହୋଲି



ହୋଲିକୁ ନେଇ ସାରା ଦେଶ ଉତ୍ସବମୁଖର ଥିବାବେଳେ ଝାଡ଼ଖଣ୍ଡ ବୋକାରୋ ଜିଲ୍ଲା ଦୁର୍ଗାପୁର ଗାଁରେ ଏକ ନିଆରା ପରମ୍ପରା ଦେଖିବାକୁ ମିଳିଥାଏ। ଏହି ଗାଁରେ ୧୭୦୦ ଲୋକ ବାସ କରୁଥିଲେ ବି ହୋଲି ଦିନ ଏଠାରେ ଖୁସିର ମାହୋଲ ନଥାଏ। ଗାଁ ଲୋକେ ନା ପରସ୍ପରକୁ ରଙ୍ଗ ଲଗାନ୍ତି ନା କାହାରି ଘରେ ସୁସ୍ୱାଦୁ ବ୍ୟଞ୍ଜନ ପ୍ରସ୍ତୁତ କରାଯାଏ। ସ୍ଥାନୀୟ ମାନ୍ୟତା ଅନୁସାରେ, ଏଠାରେ ଯଦି କେହି ହୋଲି ଖେଳନ୍ତି ତେବେ ଗାଁକୁ ଅନେକ ବିପତ୍ତି ମାଡ଼ି ଆସେ। ଏନେଇ ଗାଁର ପୁରୁଖା ଲୋକେ କୁହନ୍ତି, ଦୁଇ ଶହ ବର୍ଷ ପୂର୍ବେ ଦୁର୍ଗାପୁରର ରାଜା ଦୁର୍ଗାପ୍ରସାଦ ରାମଗଡ଼ର ରାଜା ଦଲେଲ ସିଂହଙ୍କ ସେନାପତିଙ୍କୁ ବନ୍ଦୀ ବନାଇ ଦେଇଥିଲେ। ସେନାପତି ଜଣଙ୍କ ରାଣୀଙ୍କ ପାଇଁ ଶାଢ଼ି କିଣି ପଶ୍ଚିମବଙ୍ଗରୁ ଫେରୁଥିଲେ। ରାଜା ସେନାପତିଙ୍କୁ ସନ୍ଦେହରେ ବନ୍ଦୀ ବନାଇବା ସହ ରାଣୀଙ୍କ ଶାଢ଼ିକୁ ଜଣେ ନର୍ତ୍ତକୀଙ୍କୁ ଦେଇଥିଲେ। ଏଥିରେ ରାମଗଡ଼ର ରାଜା ରାଗିଯାଇ ଦୁର୍ଗାପୁରର ରାଜା ଦୁର୍ଗାପ୍ରସାଦଙ୍କୁ ହତ୍ୟା କରିଥିଲେ। ଏହି ଲଢ଼େଇରେ ଅନେକ ନିରୀହ ଲୋକଙ୍କ ପ୍ରାଣ ମଧ୍ୟ ଯାଇଥିଲା। ଏହି ଘଟଣାର ଶୋକରେ ଗାଁରେ ହୋଲି ପାଳନ ବନ୍ଦ ହୋଇଥିଲା। ସେହିଭଳି ବାଦଲୀ ଦେବୀ ନାମ୍ନୀ ଗାଁର ଜଣେ ବୃଦ୍ଧାଙ୍କ କହିବା ଅନୁଯାୟୀ, ଗ୍ରାମ ଦେବତା ବଡ଼ରାବ ପହାଡ଼ୀ ବାବାଙ୍କୁ ଅବିର, ଧୂଳି ଆଦି ପସନ୍ଦ ନୁହେଁ। ଏହି କାରଣରୁ ଏହାର ବିପରୀତରେ ଯାଇ ଗ୍ରାମବାସୀ ହୋଲି ପାଳନ କରିବାକୁ ଡରନ୍ତି।



# ତରଭୁଜର ଉନ୍ନତ କିସମ

ବର୍ତ୍ତମାନର ଶୁଷ୍କ ଓ ଉଷ୍ମ ଜଳବାୟୁ ତରଭୁଜଚାଷ ପାଇଁ ଉପଯୁକ୍ତ ସମୟ। ଏହି ଚାଷ ପାଇଁ ଉନ୍ନତ କିସମ ହେଉଛି, ସୁଗାର ବେବି, ଅର୍କ ମାଣିକ, ଲାଲ ସୋନା ଇତ୍ୟାଦି। ଏହାର ୧୦ ଗ୍ରାମ୍ ପ୍ୟାକେଟ୍‌କୁ ୧୫୦ ଟଙ୍କା। ଶଙ୍କର କିସମ ଯଥା - ମାଧୁରୀ, ମାୟା, ସୁଇଟି, ରୁବି, ବ୍ଲାକ୍ ମ୍ୟାଜିକ୍ ଓ ସୁଗାର ପ୍ୟାକ୍ ଆଦି ଲଗାଇ ପାରିବେ। ଏହି ଶଙ୍କର କିସମ ୫୦ ଗ୍ରାମ୍‌କୁ ୨୦୦୦ ଟଙ୍କା ହୋଇଥାଏ। ଏକ ଏକର ପାଇଁ ୩୫୦ରୁ ୫୦୦ ଗ୍ରାମ ବିହନ ଆବଶ୍ୟକ ହୋଇଥାଏ। ବିହନ ଲଗାଇବା ପୂର୍ବରୁ ପ୍ରତି କିଗ୍ରା ବିହନକୁ ୧ ଗ୍ରାମ କାର୍ବେଣ୍ଡାଜିମ୍‌ରେ ବିଶୋଧନ କରନ୍ତୁ।





# ବର୍ଜ୍ୟବସ୍ତୁରୁ କୁଣ୍ଡ



**ଅଧୁନା ଅଧିକାଂଶ ଲୋକ ନିଜ ଘର ଚାରିପଟେ କିମ୍ବା ଛାତ ଉପରେ କିଛି ନା କିଛି ଗଛ ଲଗାଉଛନ୍ତି। ଏଥିପାଇଁ ଡିଜାଇନ୍ ଓ ଆକର୍ଷଣୀୟ କୁଣ୍ଡ, ଗ୍ରୋବ୍ୟାଗ୍ ଆଦି ବ୍ୟବହାର କରାଯାଏ। ହେଲେ କମ୍ ଖର୍ଚ୍ଚରେ ଘରର ବର୍ଜ୍ୟବସ୍ତୁ ଯଥା ପୁରୁଣା ବୋତଲ, ଟାୟାର, ନଡ଼ିଆ ଖୋଳ, ମାଠିଆକୁ ନୂଆ ରୂପ ଦେଇ କୁଣ୍ଡ ପ୍ରସ୍ତୁତ କରାଯାଇପାରିବ।**

ପ୍ଲାଷ୍ଟିକ୍ ବୋତଲକୁ ବର୍ଜ୍ୟଭାବି ଅନେକ ଏହାକୁ ଫିଙ୍ଗିଦିଅନ୍ତି। ହେଲେ ୨.୫ ଲିଟରର ପ୍ଲାଷ୍ଟିକ୍ ବୋତଲରେ ଛୋଟ କଣା କରି ଏଥିରେ ହ୍ୟାଙ୍ଗିଙ୍ଗ କୁଣ୍ଡ ବନାଯାଇପାରିବ। ଏଥିପାଇଁ ବୋତଲ ମଝିରେ କାଟି ଛୋଟ ଫୁଲଗଛରେ ବଗିଚାକୁ ସଜାଯାଏ। ଏଥିରେ ଏକ୍ରିଲିକ୍ ରଙ୍ଗ ଦେଇ ଡିଜାଇନ୍ କରି ପାରିବେ। ସେହିପରି ଶୁଖିଲା ନଡ଼ିଆ ଖୋଳକୁ ପଲିସ୍ କରି ରଙ୍ଗ ଦେଇ ବାଲକୋନିରେ ଓହଳାଇ ଗଛ ଲଗାଇପାରିବେ।

ପୁରୁଣା ଡବା କିମ୍ବା ବାଲ୍‌ଟିକୁ ରଙ୍ଗୀନ କପଡ଼ା କିମ୍ବା ଆକର୍ଷଣୀୟ ରସିରେ ସଜାଇ ଏଥିରେ ବିଭିନ୍ନ ଗଛ ଲଗାଇପାରିବେ। ସୋଲ ପେଟିରେ ଗଛ ଲଗାଯାଏ। ସିମେଣ୍ଟ ଟାଙ୍କିରେ ପାଣି ରଖି ପଦ୍ମଫୁଲ, କଇଁ, ଜଳଜାତୀୟଫୁଲ ଫୁଟାଇ ପାରିବେ।

# ଏ ମାସର ଚାଷ

**ବର୍ତ୍ତମାନ ସମୟରେ ତାପମାତ୍ରା କ୍ରମାଗତ ବୃଦ୍ଧି ପାଉଛି। ଏହି ସମୟଟି ଖରାଟିଆ ପନିପରିବା ଚାଷ ପାଇଁ ଉପଯୁକ୍ତ ସମୟ। ଏବେଠୁ ଚାଷୀଭାଇମାନେ କିଛି ପନି ପରିବା ଚାଷ କଲେ ଏପ୍ରିଲ ମାସରେ ବଜାରରେ ଲାଭ ପାଇ ପାରିବେ।**

ବର୍ତ୍ତମାନ ସିମ୍‌ଲା ଲଙ୍କା, ପୋଟଳ ଆଦି ଲଗାଇବାର ଉପଯୁକ୍ତ ସମୟ। ଚାଷ ପୂର୍ବରୁ ପ୍ରଥମେ ଜମିକୁ ୨ରୁ ୩ଥର ହଳ କରାଯାଏ। ଏହାଦ୍ୱାରା ରୋଗ ପୋକ ଲାଗିବା ଆଶଙ୍କା ହ୍ରାସ ପାଏ। ଏକର ପ୍ରତି ୮ରୁ ୧୦ ଟନ୍ ଖତ କିମ୍ବା ଜିଆଖତ ପ୍ରୟୋଗ କରିପାରିବେ। ମାଟିକୁ ସମତଳ କରି ବିହନ ଲଗାଇ ପାରିବେ। ପାଣିକଖାରୁ ଲଗାଉଥିଲେ ବାଉଁଶରୁ ରଞ୍ଜା ବନାନ୍ତୁ। ସେହିପରି ୨ ସେମି ଗଭୀରରେ କାକୁଡ଼ି ମଞ୍ଜି ଲଗାଇ ପାରିବେ। ବୁନ୍ଦାଜଳସିଞ୍ଚନ ଏବଂ ମଲଚିଂ ବ୍ୟବହାର କରିଲେ ମାଟିର ଆର୍ଦ୍ରତା ଠିକ୍ ରୁହେ। ଗଛ ବୃଦ୍ଧି ହୋଇଥାଏ। ସେହିପରି ସିମ୍‌ଲାଲଙ୍କା ମଞ୍ଜିକୁ ଉପଯୁକ୍ତ ଗଭୀରରେ ଲଗାଇ ଜଳସିଞ୍ଚନ କରିବା ଆବଶ୍ୟକ। ମକା ଓ ଚିନାବାଦମ ଫସଲରେ ମାଟିର ବତରକୁ ଦେଖି ଜଳସେଚନ କରନ୍ତୁ।



# ବତକ ପାଳନ ସହ ମାଛ ଚାଷ



**ବତକ ସହିତ ମାଛ ପାଳନ ଏକ ଲାଭଜନକ ସମନ୍ୱିତ ଚାଷ ପ୍ରଣାଳୀ। ବତକ ପୋକଜୋକ, ଜିଆ, ଗେଣ୍ଡା, ଛୋଟ ଛୋଟ ମାଛ ପ୍ରଭୃତି ସଂଗ୍ରହ କରି ସେମାନଙ୍କ ଖାଦ୍ୟ ଚାହିଦା ପୂରଣ କରିଥା'ନ୍ତି। ଏହି ପଦ୍ଧତିରେ ଚାଷ ପାଇଁ ପୋଖରୀ କୂଳରେ ବତକ ରହିବା ପାଇଁ ସ୍ୱତନ୍ତ୍ର ଘର ତିଆରି କରାଯାଏ। ଏହି ପଦ୍ଧତିରେ ରୋଗ ନିୟନ୍ତ୍ରଣ ପାଇଁ ବତକର ସ୍ୱାସ୍ଥ୍ୟ ଏବଂ ପୋଖରୀ ପାଣିର ସ୍ୱଚ୍ଛତାକୁ ଧ୍ୟାନ ଦିଆଯାଏ। ବତକ ପାଳନ ସହିତ ମାଛ ଚାଷ କରିଲେ କମ୍ ଖର୍ଚ୍ଚ ଓ କମ୍ ସ୍ଥାନରେ ମାଛ, ମାଂସ ଓ ଅଣ୍ଡା ଉତ୍ପାଦନ ସମ୍ଭବ ହୋଇଥାଏ।**

ଅଣ୍ଡା ଉତ୍ପାଦନ ଓ ମାଂସ ପାଇଁ ବତକ ପାଳନ କରାଯାଏ। ଅଣ୍ଡା ଉତ୍ପାଦନ ପାଇଁ ଖାକି କ୍ୟାମ୍ପବେଲ୍ ଏବଂ ଇଣ୍ଡିଆନ୍ ରନର୍ ଓ ମାଂସ ପାଇଁ ଧଳା ପେକିନ୍ ବତକ ପାଳନ କରାଯାଏ। ଖାକି କ୍ୟାମ୍ପବେଲ୍ ପ୍ରଜାତିର ବତକ ୨୬୦ରୁ ୨୮୦ ଗୋଟି ଅଣ୍ଡା ଦେଇଥାଏ। ଧଳା ପେକିନ୍ ବତକ ୮ ସପ୍ତାହରେ ପ୍ରାୟ ୩ କେଜି ଓଜନ ବଢ଼ିଥାଏ। ବତକ ପାଳନ ପାଇଁ ଅଧା ଆବଦ୍ଧ ଓ ଅଧା ଖୋଲା ଘର ଦରକାର ହୋଇଥାଏ। ମାଛ ଚାଷ ପାଇଁ ପୋଖରୀରେ ୪ ସେମିରୁ ଊର୍ଦ୍ଧ୍ୱ ଏବଂ ୫ଗ୍ରାମ ଓଜନବିଶିଷ୍ଟ ମାଛ ଯାଆଁଳ ଛାଡ଼ିବା ଆବଶ୍ୟକ। ବତକର ମଳ ପୋଖରୀରେ ପ୍ଲାଙ୍କଟନ୍ ବୃଦ୍ଧି କରେ। ଏହା ମାଛ ପାଇଁ ଖାଦ୍ୟ ଏବଂ ସାର ଭାବେ କାର୍ଯ୍ୟ କରିଥାଏ। ଫଳରେ ଅତିରିକ୍ତି ଖାଦ୍ୟ ଖର୍ଚ୍ଚ କମିଯାଏ। ଏକ ଏକର ପୋଖରୀ ପାଇଁ ପ୍ରାୟ ୮୦ରୁ ୧୦୦ ବତକ ଆବଶ୍ୟକ ହୁଏ। ବତକ ପହଁରିବା ଦ୍ୱାରା ପୋଖରୀ ପାଣିରେ ଅମ୍ଳଜାନ ପରିମାଣ ବଢ଼ିଥାଏ। ବତକ ଛୁଆକୁ ତିନି ସପ୍ତାହ ପର୍ଯ୍ୟନ୍ତ ପୁରୁଣା ଖବରକାଗଜ ବହଳ ଆକାରରେ ବିଛାଇ ତାହା ଉପରେ ବ୍ରୁଡିଂ କରାଯାଏ। ସୁଜିଦାନା ପରି ଷ୍ଟାର୍ଟର୍ ଖାଦ୍ୟ ଦିଆଯାଏ। ବିଜୁଳି ଆଲୁଅ ସାହାଯ୍ୟରେ ଉତ୍ତାପ ଦେଇ ବତକ ପାଳନ କରାଯାଏ। ଏହି ସମନ୍ୱିତ ମାଛଚାଷରୁ ବିନା ଖାଦ୍ୟ ଓ ଖତସାର ପ୍ରୟୋଗ କରି ଏକର ପିଛା ବର୍ଷକୁ ୧୬ କ୍ୱିଣ୍ଟାଲ ମାଛ ଉତ୍ପାଦନ କରାଯାଇପାରିବ।

# କୃଷି ପାଣିପାଗ

## ଏ ସପ୍ତାହ ପାଇଁ କେତେକ ପରାମର୍ଶ

- ବର୍ତ୍ତମାନ ଝୁଡ଼ଙ୍ଗ, ଗୁଆଁର, କଖାରୁ, କାକୁଡ଼ି ଏବଂ ତରଭୁଜ ଲଗାଇବାର ଉପଯୁକ୍ତ ସମୟ।
- କାଜୁବାଦାମ ଫସଲରେ ଚେର ଏବଂ କାଣ୍ଡ ବିନ୍ଧା ପୋକର ନିୟନ୍ତ୍ରଣ ପାଇଁ କ୍ଷତିଗ୍ରସ୍ତ କିମ୍ବା ସୁଡ଼ଙ୍ଗ ହୋଇଥିବା ଗଛ ଛାଲକୁ ହଟାଇ ଦିଅନ୍ତୁ।
- ଆଳୁ ଲଗାଇବାର ୭୫ରୁ ୮୫ ଦିନ ପରେ ଏହାକୁ ଅମଳ କରି ଦିଅନ୍ତୁ। ଧ୍ୟାନ ଦେବେ ଜମିରେ ଅଧିକାଂଶ ପତ୍ରଗୁଡିକ ହଳଦିଆରୁ ବାଦାମି ରଙ୍ଗ



ହୋଇଯାଇଥିବ। ଅମଳ କରିବାର ୧୫ ଦିନ ପୂର୍ବରୁ ଜଳସେଚନକୁ ବନ୍ଦ କରିଦିଅନ୍ତୁ। ସମସ୍ତ ଅମଳ କରାଯାଇଥିବା ଆଳୁକୁ ଛାଇରେ ୨୪ ଘଣ୍ଟା ପାଇଁ ରଖନ୍ତୁ। ସମସ୍ତ କ୍ଷତିଗ୍ରସ୍ତ ଏବଂ ପଚା ଆଳୁକୁ ଅଲଗା କରିଦିଅନ୍ତୁ।
- ବର୍ତ୍ତମାନ ଜଳବାୟୁରେ ପିଜୁଳି ଓ ଆମ୍ବରେ ଦହିଆ ପୋକ ଲାଗିବାର ସମ୍ଭାବନା ଅଛି। ଏହାର ନିୟନ୍ତ୍ରଣ ପାଇଁ ମାର୍ଚ୍ଚ ମାସରେ ଡାଇମିଥୋଏଟ୍ ୩୦ ଇସି @ ୨ ମିଲି ପ୍ରତି ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।
- ବର୍ତ୍ତମାନ ତାପମାତ୍ରା ବୃଦ୍ଧି ପାଉଥିବାରୁ ଗାଈଗୋରୁଙ୍କୁ ପର୍ଯ୍ୟାପ୍ତ ପରିମାଣର ପିଇବା ପାଣିରେ ଲୁଣ ମିଶାଇ ଦିଅନ୍ତୁ। ଗାଈଗୋରୁ ମାନେ ଯେପରି ଛାଇ ସ୍ଥାନରେ ରହିବେ ସେଥିପ୍ରତି ଦୃଷ୍ଟି ଦିଅନ୍ତୁ।



## ମଧ୍ୟପ୍ରାଚ୍ୟରେ ଯୁଦ୍ଧ ସ୍ଥିତି

## ଭାରତରେ ରହିବ ଜିମ୍ବାୱେ ଦଳ

ନୂଆଦିଲ୍ଲୀ, ୨।୩ (ଏଜେନ୍ସି): ଇରାନ ଓ ଇସ୍ରାଏଲ୍ ମଧ୍ୟରେ ଉତ୍ତେଜନାକୁ ନେଇ ମଧ୍ୟପ୍ରାଚ୍ୟରେ ଯୁଦ୍ଧସ୍ଥିତି ସୃଷ୍ଟି ହୋଇଛି। ଯାହାର ପ୍ରଭାବ ସିଧାସଳଖ ଚଳିତ ଟି-୨୦ ବିଶ୍ୱକପ୍ ଉପରେ ପଡ଼ିଛି। ବିଶ୍ୱକପ୍‌ର ସୁପର-୮ରୁ ବିଦାୟ ନେଇଥିବା ଜିମ୍ବାୱେ ଦଳର ଖେଳାଳିମାନେ ଏବେ ସ୍ୱଦେଶ ଫେରିବା ଲାଗି ସମସ୍ୟା ସୃଷ୍ଟି ହୋଇଛି। ସିକନ୍ଦର ରାଜାଙ୍କ ନେତୃତ୍ୱାଧୀନ ଜିମ୍ବାୱେ ଖେଳାଳିମାନେ ଏକାଧିକ ଗ୍ରୁପ୍ ହୋଇ ନୂଆଦିଲ୍ଲୀରୁ ଦୁବାଇ ଯାଇଥାନ୍ତେ। ସେଠାରୁ କନେକ୍ଟିଂ ବିମାନ ଯୋଗେ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଥାନ୍ତେ। କିନ୍ତୁ ଯୁଦ୍ଧ ଲାଗି ଦୁବାଇ ବିମାନବନ୍ଦର ଦୁଇଦିନ ହେଲା ବନ୍ଦ ରହିଛି। ଯାହା ଫଳରେ ବିଶ୍ୱର ସବୁଠୁ ବ୍ୟସ୍ତବହୁଳ ବିମାନବନ୍ଦର ଭାବେ ପରିଚିତ ଦୁବାଇରେ ଏବେ ଶହ ଶହ ବିମାନ ଉଡ଼ାଣ କରି ନ ପାରି ଫଶି ରହିଛନ୍ତି। ଏଥିଲାଗି ଜିମ୍ବାୱେ ଖେଳାଳି ଓ ସପୋର୍ଟ ଷ୍ଟାଫ ବର୍ତ୍ତମାନ ଭାରତରେ ରହିବାକୁ ଉଚିତ ମଣିଛନ୍ତି। ଦଳର ମୁଖ୍ୟକୋଚ୍ ଜଷ୍ଟିନ ସିମନ୍ସ କହିଛନ୍ତି ଯେ ବର୍ତ୍ତମାନର ପରିସ୍ଥିତିକୁ ନଜରରେ ରଖି ଆମେ ଆମର ସ୍ୱଦେଶ ଫେରିବା ଯାତ୍ରାକୁ ସ୍ଥଗିତ ରଖିଛୁ।

## ଫିଫା ବିଶ୍ୱକପ୍‌ରେ ଇରାନର ଖେଳିବା ନେଇ ସନ୍ଦେହ

ତେହେରାନ୍,୨।୩(ଏଜେନ୍ସି): ଆମେରିକା, ମେକ୍ସିକୋ ଓ କାନାଡାରେ ଚଳିତବର୍ଷ ଫିଫା ପୁରୁଷ ବିଶ୍ୱକପ୍ ଖେଳାଯିବ। ଏବେ ଇରାନ ଓ ଆମେରିକା ମଧ୍ୟରେ ଯୁଦ୍ଧ ଚାଲିଛି। ଏହି ଯୁଦ୍ଧର ସ୍ଥିତି ଯୋଗୁଁ ଆମେରିକାରେ ଖେଳାଯିବାକୁ ଥିବା ଫିଫା ବିଶ୍ୱକପ୍ ଖେଳିବା ନେଇ ସନ୍ଦେହ ରହିଛି ବୋଲି ଇରାନ ଫୁଟବଲ ସଂଘ ସଭାପତି କହିଛନ୍ତି। ଇରାନ ବିଶ୍ୱକପ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। କିନ୍ତୁ ଆମେରିକାରେ ଆମ ଦେଶ ଖେଳିବ କି ନାହିଁ ତାହା ମୋତେ ଜଣାନାହିଁ ବୋଲି ସଭାପତି କହିଛନ୍ତି।

## ଆଶଙ୍କାରେ ପାକିସ୍ତାନ-ବାଂଲା ସିରିଜ୍

ଢାକା,୨।୩(ଏଜେନ୍ସି): ମଧ୍ୟ ପ୍ରାଚ୍ୟରେ ଯୁଦ୍ଧ ସ୍ଥିତି ଯୋଗୁ ଆସନ୍ତା ସପ୍ତାହରେ ବାଂଲାଦେଶ ସହ ପାକିସ୍ତାନ ଖେଳିବାକୁ ଥିବା ୩ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ମଧ୍ୟ ଆଶଙ୍କା ମଧ୍ୟରେ ରହିଛି। ଏହି ମ୍ୟାଚ୍ ଗୁଡ଼ିକ ଢ଼ାକାରେ ମାର୍ଚ୍ଚ ୧୧, ୧୩ ଓ ୧୫ରେ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ଆସନ୍ତାବର୍ଷ ଖେଳାଯିବାକୁ ଥିବା ଦିନିକିଆ ବିଶ୍ୱକପ୍ ପୂର୍ବରୁ ଏହା ଉଭୟ ଦଳ ଲାଗି ଭଲ ପ୍ରସ୍ତୁତି ହେବ। କିନ୍ତୁ ପାକିସ୍ତାନ ଉପରେ ଇରାନ ଯେ କୌଣସି ମୁହୂର୍ତ୍ତରେ ଆକ୍ରମଣ କରିବାର ସମ୍ଭାବନା ରହିଛି। ଏଣୁ ଏହି ସିରିଜ୍‌ର ଆୟୋଜନ ଆଶଙ୍କା ମଧ୍ୟକୁ ଚାଲିଯାଇଛି ବୋଲି ପାକିସ୍ତାନ ଗଣମାଧ୍ୟମରେ ପ୍ରକାଶ ପାଇଛି।

## ଭାରତରେ ଗୋଟିଏ ଟେଷ୍ଟ, ୩ ଦିନିକିଆ ଖେଳିବ ଆଫଗାନିସ୍ତାନ

ନୂଆଦିଲ୍ଲୀ, ୨।୩ (ଏଜେନ୍ସି): ଭ୍ରମଣକାରୀ ଆଫଗାନିସ୍ତାନ ଦଳ ଆସନ୍ତା ଜୁନ୍ ମାସରେ ଭାରତ ଗସ୍ତରେ ଆସି ଗୋଟିଏ ଟେଷ୍ଟ ଓ ୩ଟି ଦିନିକିଆ ମ୍ୟାଚ୍ ଖେଳିବ। ଜୁନ୍ ୬ରୁ ନ୍ୟୁ ଚଣ୍ଡିଗଡ଼ରେ ଏକମାତ୍ର ଟେଷ୍ଟମ୍ୟାଚ୍ ଖେଳାଯିବ। ଭାରତ ବିପକ୍ଷରେ ଏହା ଆଫ୍‌ଗାନିସ୍ତାନର ଦ୍ୱିତୀୟ ଟେଷ୍ଟମ୍ୟାଚ୍ ହେବ। ଉଭୟ ଦଳଙ୍କ ମଧ୍ୟରେ ପ୍ରଥମ ଟେଷ୍ଟମ୍ୟାଚ୍ ୨୦୧୮ ରେ ଖେଳା ଯାଇଥିଲା। ଏହା ପରେ ଭାରତ ଓ ଆଫ୍‌ଗାନିସ୍ତାନ ମଧ୍ୟରେ ପ୍ରଥମ ଦ୍ୱିପାକ୍ଷିକ ଦିନିକିଆ ଶୃଙ୍ଖଳା ଖେଳାଯିବ। ପୂର୍ବରୁ କେବଳ ଆଇସିସି ଟୁର୍ଣ୍ଣାମେଣ୍ଟ ଓ ଏସିଆ କପ୍‌ରେ ଉଭୟ ଦଳଙ୍କ ମଧ୍ୟ ମ୍ୟାଚ୍ ଖେଳାଯାଇଛି। ଏହି ଶୃଙ୍ଖଳାର ୩ଟି ମ୍ୟାଚ୍ ଜୁନ୍ ୧୪ରେ ଧର୍ମଶାଳା, ୧୭ରେ ଲକ୍ଷ୍ନୌ ଓ ୨୦ରେ ଚେନ୍ନଇରେ ଖେଳାଯିବ। ଆଫ୍‌ଗାନିସ୍ତାନ ଶୃଙ୍ଖଳା ପରେ ଭାରତୀୟ ଦଳ ଇଂଲଣ୍ଡ ଗସ୍ତରେ ଯିବ। ଜୁଲାଇ ୧ରୁ ୧୯ ମଧ୍ୟରେ ଘରୋଇ ଇଂଲଣ୍ଡ ବିପକ୍ଷରେ ଭାରତ ୫ଟି ଟି-୨୦ ଓ ୩ଟି ଦିନିକିଆ ମ୍ୟାଚ୍‌ର ଶୃଙ୍ଖଳା ଖେଳିବ।

## ଟି-୨୦ ବିଶ୍ୱକପ୍ କ୍ରିକେଟ ସେମିଫାଇନାଲରେ ଭାରତ

# ଖେଳିଛି ୫: ଜିତିଛି ୩, ହାରିଛି ୨

ଭୁବନେଶ୍ୱର,୨।୩(ସମିସ)

୨ ଥରର ଚାମ୍ପିଅନ ୱେଷ୍ଟଇଣ୍ଡିଜ୍‌କୁ ୫ ୱିକେଟରେ ପରାସ୍ତ କରି ଡିଫେଣ୍ଡିଂ ଚାମ୍ପିଅନ ଭାରତ ଟି-୨୦ ବିଶ୍ୱକପ୍‌ର ୧୦ମ ସଂସ୍କରଣରେ ଷଷ୍ଠଥର ଲାଗି ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ସେମିଫାଇନାଲରେ ଭାରତର ମୁକାବିଲା ହେବ ସବୁଠାରୁ ସ୍ଥିର ଖେଳ ପ୍ରଦର୍ଶନ କରୁଥିବା ଇଂଲଣ୍ଡ ସହ। ୨୦୨୨ରେ ଇଂଲଣ୍ଡଠାରୁ ସେମିଫାଇନାଲରେ ପରାଜିତ ହୋଇଥିବା ଭାରତ ଏହି ମୁକାବିଲାରେ ବିଜୟୀ ହୋଇ ପୂର୍ବ ପରାଜୟର ପ୍ରତିଶୋଧ ନେବା ଲକ୍ଷ୍ୟରେ ରହିଛି।

ଏବେ ଭାରତ ଓ ଶ୍ରୀଲଙ୍କାରେ ଚାଲିଛି ଟି-୨୦ ବିଶ୍ୱକପ୍‌ର ୧୦ମ ସଂସ୍କରଣ। ଏହା ପୂର୍ବରୁ ଶେଷ ହୋଇଥିବା ୯ଟି ବିଶ୍ୱକପ୍ ମଧ୍ୟରୁ ଭାରତ ୫ଥର ସେମିଫାଇନାଲ ଖେଳିଛି। ୨୦୦୭, ୨୦୧୪, ୨୦୧୬, ୨୦୨୨ ଓ ୨୦୨୪ରେ ଦଳ ସେମିଫାଇନାଲରେ ପ୍ରବେଶ କରିଛି। ଏହା ମଧ୍ୟରୁ ୨୦୦୭, ୨୦୧୬ ଓ ୨୦୨୪ରେ ଦଳ ସେମିଫାଇନାଲରେ ବିଜୟୀ ହୋଇଛି। ଅନ୍ୟ ଦୁଇଥର ସେମିଫାଇନାଲ ମୁକାବିଲାରେ ପରାଜିତ ହୋଇଛି। ଯେଉଁ ୩ଥର ଦଳ ଫାଇନାଲ ଖେଳିଛି ତାହା ମଧ୍ୟରୁ ୨୦୦୭ ଓ ୨୦୨୪ରେ ଦଳ ଚାମ୍ପିଅନ ହୋଇଥିଲାବେଳେ ୨୦୧୬ରେ ଶ୍ରୀଲଙ୍କା ନିକଟରୁ ପରାଜିତ ହୋଇ ରନର୍ସଅପ୍‌ରେ ସନ୍ତୁଷ୍ଟ ହୋଇଛି। ଭାରତ ଖେଳିଥିବା ସେମିଫାଇନାଲ ମୁକାବିଲାର ସଂକ୍ଷିପ୍ତ ବିବରଣୀ ନିମ୍ନରେ ସୂଚିତ କରାଗଲା।

**୧-୨୦୦୭**: ଏହି ବର୍ଷ ପ୍ରଥମଥର ଟି-୨୦ କ୍ରିକେଟରେ ବିଶ୍ୱକପ୍ ଆରମ୍ଭ ହୋଇଥିଲା। ଏଥିରେ ମହେନ୍ଦ୍ର ସିଂ ଧୋନିଙ୍କ ନେତୃତ୍ୱରେ ଭାରତ ଫାଇନାଲରେ ପାକିସ୍ତାନକୁ ୫ ରନ୍‌ରେ ଚାମ୍ପିଅନ ହୋଇଥିଲା। ଫାଇନାଲ ପୂର୍ବରୁ ଦଳ ସେମିଫାଇନାଲରେ ଅଷ୍ଟ୍ରେଲିଆକୁ ୧୫ ରନ୍‌ରେ ହରାଇଥିଲା। ଡର୍ବାନରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଭାରତ ୫ ୱିକେଟରେ ୧୮୮ ରନ୍ କରିବା ପରେ ଅଷ୍ଟ୍ରେଲିଆକୁ ୭/୧୭୩ ରନ୍‌ରେ ସୀମିତ ରଖିଥିଲା। ଭାରତର ଯୁବରାଜ ସିଂହ ମାତ୍ର ୩୦ ବଲ୍‌ରେ ୭୦ ରନ୍ କରି ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।

**୨-୨୦୧୪**: ଚାମ୍ପିଅନ ହେବା ପରେ ଭାରତ କ୍ରମାଗତ ୩ଟି ସଂସ୍କରଣରେ ପ୍ରଥମ କିମ୍ବା ଦ୍ୱିତୀୟ ରାଉଣ୍ଡରୁ ବିଦା ହୋଇଥିଲା। କିନ୍ତୁ ୨୦୧୪ରେ ଦଳ ସମସ୍ତ ସୁପର-୧୦ ମ୍ୟାଚ୍‌ରେ ବିଜୟୀ ହୋଇ ଦକ୍ଷିଣ ଆଫ୍ରିକା ସହ ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲା। ସେମିରେ ଭାରତ ବିରାଟ କୋହଲିଙ୍କ ୪୪ ବଲ୍‌ରେ ଅପରାଜିତ ୭୨ ରନ୍ ଫଳରେ ଦଳ ୬ ୱିକେଟରେ ଦକ୍ଷିଣ ଆଫ୍ରିକାକୁ ହରାଇ ଫାଇନାଲରେ ପ୍ରବେଶ କରିଥିଲା। କିନ୍ତୁ ଫାଇନାଲରେ ଶ୍ରୀଲଙ୍କା ନିକଟରୁ ୪ ରନ୍‌ରେ ହାରିଯାଇଥିଲା।

**୩-୨୦୧୬**: ଗ୍ରୁପ୍-୨ରେ ନ୍ୟୁଜିଲାଣ୍ଡ ପଛକୁ ଦ୍ୱିତୀୟ ଦଳ ଭାବେ ଭାରତ ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲା। କିନ୍ତୁ ସେମିଫାଇନାଲରେ ଦଳକୁ ପରାଜୟର ମୁହଁ ଦେଖିବାକୁ ପଡ଼ିଥିଲା। ମୁମ୍ବଇର ୱାଙ୍ଖେଡେ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଏହି ସେମିଫାଇନାଲରେ ଭାରତ ୭ ୱିକେଟରେ ୱେଷ୍ଟଇଣ୍ଡିଜ୍‌ଠାରୁ ହାରିଯାଇଥିଲା। ଲେଣ୍ଡଲ ସିମନ୍ସ ୫୧ ବଲ୍‌ରେ ଅପରାଜିତ ୮୨ ରନ୍ କରି ବିରାଟ କୋହଲିଙ୍କ ୪୭ ରନ୍‌ରେ ଅପରାଜିତ ୮୯ ରନ୍‌କୁ ଫିକା କରିଦେଇଥିଲେ।




**୪- ୨୦୨୨** : ଭାରତ ସୁପର ୧୨ ଗ୍ରୁପ-୧ରେ ୫ଟି ମୁକାବିଲାରୁ ୪ଟିରେ ଜିତି ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲା। ସେମିରେ ଇଂଲଣ୍ଡ ସହ ମୁକାବିଲାରେ ଭାରତକୁ ପରାଜୟ ସ୍ୱୀକାର କରିବାକୁ ପଡ଼ିଥିଲା। ଆଲେକ୍ସ ହେଲ୍ସଙ୍କ ୪୭ବଲ୍‌ରେ ୮୬ ଓ ଜୋସ୍ ବଟଲରଙ୍କ ୪୯ ବଲ୍‌ରେ ୮୦ ରନ୍ ସହାୟତାରେ ଇଂଲଣ୍ଡ ଏହି ମୁକାବିଲାକୁ ୧୦ ୱିକେଟରେ ଜିତି ଫାଇନାଲରେ ପ୍ରବେଶ କରିବା ସହ ଟାଇଟଲ ଜିତିନେଇଥିଲା।

**୫-୨୦୨୪**: ଏହି ଟୁର୍ଣ୍ଣାମେଣ୍ଟରେ ଭାରତ ଗ୍ରୁପ୍-ଏ'ରେ ପ୍ରଥମସ୍ଥାନରେ ରହିବା ପରେ ସୁପର ଏଇଟ୍ ଗ୍ରୁପ୍-୧ରେ ସମସ୍ତ ୩ଟି ଯାକ ମ୍ୟାଚ୍ ଜିତି ସେମିଫାଇନାଲରେ ପ୍ରବେଶ କରିଥିଲା। ଭାରତ ଓ ଇଂଲଣ୍ଡ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ମୁକାବିଲା ଖେଳାଯାଇଥିଲା। କୁଲଦୀପ ଯାଦବ ଓ ଅକ୍ଷର ପଟେଲ ୩ଟି ଲେଖାଏଁ ୱିକେଟ ନେବା ଫଳରେ ଭାରତ ଏହି ମ୍ୟାଚ୍‌କୁ ୬୮ ରନ୍‌ର ବଡ଼ ବ୍ୟବଧାନରେ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଥିଲା। ରୋମାଞ୍ଚକ ଫାଇନାଲରେ ଦକ୍ଷିଣ ଆଫ୍ରିକାକୁ ୭ ରନ୍‌ରେ ହରାଇ ଭାରତ ଦ୍ୱିତୀୟଥର ଚାମ୍ପିଅନ ହୋଇଥିଲା।

■ ଭାରତ ନିକଟରୁ ହାରିବା ପରେ ପିସିବି କ୍ରୋଧିତ

## ପ୍ରତି ପାକିସ୍ତାନ ଖେଳାଳିଙ୍କୁ ୧୬ ଲକ୍ଷ ଜରିମାନା

ନୂଆଦିଲ୍ଲୀ, ୨।୩ (ଏଜେନ୍ସି): ଚଳିତ ଆଇସିସି ଟି-୨୦ ବିଶ୍ୱକପ୍‌ରେ ନୈରାଶ୍ୟଜନକ ପ୍ରଦର୍ଶନ କରି ସୁପର୍-୮ରୁ ବିଦାୟ ନେଇଥିବା ପାକିସ୍ତାନ ଖେଳାଳିଙ୍କ ଉପରେ ବଡ଼ ଜରିମାନା ଲାଗିଛି। ପାକିସ୍ତାନ କ୍ରିକେଟ୍ ବୋର୍ଡ (ପିସିବି) ଏହି ଜରିମାନା ଲଗାଇଥିବା ରିପୋର୍ଟ ପ୍ରକାଶ ପାଇଛି। ବିଶେଷ କରି ଗ୍ରୁପ୍ ପର୍ଯ୍ୟାୟରେ ଚିରପ୍ରତିଦ୍ୱନ୍ଦ୍ୱୀ ଭାରତ ନିକଟରୁ ୬୧ ରନରେ ପାକିସ୍ତାନ ଦଳ ପରାଜୟବରଣ କରିବାକୁ ପିସିବି ସହଜରେ ହଜମ କରିପାରିନାହିଁ। ତେଣୁ ସଲମାନ ଆଘାଙ୍କ ନେତୃତ୍ୱାଧୀନ ପ୍ରତି ଖେଳାଳିଙ୍କ ଉପରେ ୫ ମିଲିୟନ ପାକିସ୍ତାନ ଟଙ୍କା (ଭାରତୀୟ ମୁଦ୍ରାରେ ୧୬.୩୦ ଲକ୍ଷ) ଲେଖାଏ ଜୋରିମାନ ପିସିବି ଲଗାଇଛି। ପିସିବି ଅଧ୍ୟକ୍ଷ ମୋହସିନ ନକଭୀ ଖେଳାଳିଙ୍କ ପ୍ରଦର୍ଶନରେ କ୍ଷୁବ୍ଧ ହୋଇ ଏଭଳି କଠୋର ନିଷ୍ପତ୍ତି ନେଇଥିବା ରିପୋର୍ଟରୁ ଜଣାପଡ଼ିଛି। ଭାରତ ନିକଟରୁ ପରାଜୟ ପରେ ତୁରନ୍ତ ଏହି ଜରିମାନା ଲଗାଇବା ଲାଗି ନିଷ୍ପତ୍ତି ହୋଇଥିଲା। ପିସିବି ଅଧିକାରୀମାନେ ଯୁକ୍ତି ବାଢ଼ିଛନ୍ତି ଯେ ଯଦି ଦେଶର ଖେଳାଳିମାନେ ବିଜୟ ପାଇଁ ଯଥେଷ୍ଟ ଆର୍ଥିକ ସହାୟତା ଓ ବୋନସ ପାଉଛନ୍ତି ତାହାଲେ କୌଣସି ଟୁର୍ଣ୍ଣାମେଣ୍ଟରେ ଖରାପ ପ୍ରଦର୍ଶନ କଲେ ସମାନ ଭାବେ ଦଣ୍ଡର ସମ୍ମୁଖୀନ ହେବା ମଧ୍ୟ ଉଚିତ। ଉଲ୍ଲେଖଯୋଗ୍ୟ ପାକିସ୍ତାନ ଦଳ ଗ୍ରୁପ୍ ପର୍ଯ୍ୟାୟରେ ୪ଟି ମ୍ୟାଚରୁ ୩ଟି ବିଜୟ ହାସଲ କରିଥିଲା। କିନ୍ତୁ ସୁପର-୮ ରେ ୩ଟି ମ୍ୟାଚ୍ ଖେଳି ଗୋଟିଏ ଲେଖାଏ ବିଜୟ, ପରାଜୟ ବରଣ କରିଥିଲା ବର୍ଷା ଲାଗି ଗୋଟିଏ ମ୍ୟାଚ୍ ବାତିଲ ହୋଇଥିଲା। ଯାହା ଫଳରେ ଦଳ ସେମିଫାଇନାଲ ଦୌଡ଼ରୁ ବାଦ୍ ପଡ଼ିଥିଲା।

## ଦିଲ୍ଲୀରେ ହେବ ଏସ୍‌ଜେଏଫ୍‌ଆଇ ସୁବର୍ଣ୍ଣ ଜୟନ୍ତୀ ଜାତୀୟ ସମ୍ମିଳନୀ

ଭୁବନେଶ୍ୱର,୨।୩ (ସମିସ): ଏଆଇପିଏସ ଅନୁବନ୍ଧିତ ଭାରତୀୟ କ୍ରୀଡ଼ା ସାମ୍ବାଦିକ ମହାସଂଘ (ଏସଜେଏଫ୍‌ଆଇ)ର ଆଗାମୀ ଜାତୀୟ ସମ୍ମିଳନୀ ମାର୍ଚ୍ଚ ୧୩ରୁ ୧୬ ତାରିଖ ପର୍ଯ୍ୟନ୍ତ ନୂଆଦିଲ୍ଲୀରେ ଅନୁଷ୍ଠିତ ହେବ। ଦୀର୍ଘ ୨୩ ବର୍ଷର ବ୍ୟବଧାନ ପରେ ଏହି ସମ୍ମାନଜନକ ବାର୍ଷିକ ସମାବେଶ ଜାତୀୟ ରାଜଧାନୀରେ ଆୟୋଜିତ ହେବାକୁଯାଉଛି। ଦିଲ୍ଲୀ କ୍ରୀଡ଼ା ସାମ୍ବାଦିକ ସଂଘ (ଡିଏସ୍‌ଜେଏ) ଦ୍ୱାରା ଆୟୋଜିତ ହେବାକୁ ଥିବା ଏହି ସମ୍ମିଳନୀ ମଧ୍ୟ ଏଥର ସୁବର୍ଣ୍ଣ ଜୟନ୍ତୀ ପୂର୍ତ୍ତିପାଳନ କରୁଛି। ଏସଜେଏଫ୍‌ଆଇର ଏହି ୪ ଦିବସୀୟ ସ୍ମରଣୀୟ ସମ୍ମିଳନୀରେ ସାରା ଭାରତ ବର୍ଷରୁ ଶତାଧିକ କ୍ରୀଡ଼ା ସାମ୍ବାଦିକଙ୍କ ସମେତ ଭାରତୀୟ କ୍ରୀଡ଼ାର ଚର୍ଚ୍ଚିତ ଚେହେରା ଓ ପ୍ରମୁଖ କ୍ରୀଡ଼ା ପ୍ରଶାସକ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ଜେକେ ବୋଷ ଆନ୍ତଃଜୋନାଲ ଟି-୨୦ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ (ରୋଶନାରା ଗ୍ରାଉଣ୍ଡ), ଏସି ବାଲି ଟିଟି ଟୁର୍ଣ୍ଣାମେଣ୍ଟ (ଜବାହରଲାଲ ନେହରୁ ଷ୍ଟାଡିୟମ), ପେନାଲ୍ଟି କିକ୍ ଖେଳାଯିବ। ସେହିଭଳି ଏକ କ୍ରୀଡ଼ା କନକ୍ଲେଭ ମଧ୍ୟ ଆୟୋଜିତ ହେବ। ଯେଉଁଥିରେ ଅଲିମ୍ପିଆନ ପିଟି ଉଷା, ଆଇସିସି ଅଧ୍ୟକ୍ଷ ଜୟ ଶାହ, ଅନୁରାଗ ଠାକୁର, କ୍ରିକେଟର ଋଷଭ ପନ୍ତ, ସୁରେଶ ରାଇନା ପ୍ରମୁଖ ଅଂଶଗ୍ରହଣ କରିବେ। ଏହି ଜାତୀୟ ସମ୍ମିଳନୀକୁ ସଫଳତାର ସହ ଆୟୋଜନ କରି ସ୍ମରଣୀୟ କରିବା ଲାଗି ଏସଜେଏଫ୍‌ଆଇ ସଭାପତି ସରଜୁ ଚକ୍ରବର୍ତ୍ତୀ, ସମ୍ପାଦକ ଭି. ରମେଶ ଓ ଡିଏସଜେଏ ସଭାପତି ଅଭିଷେକ ତ୍ରିପାଠୀ ଆଶାବାଦୀ ରହିଛନ୍ତି। ଓଡ଼ିଶା କ୍ରୀଡ଼ା ସାମ୍ବାଦିକ ସଂଘର ସଭାପତି ସନ୍ଦୀପ ମିଶ୍ର, ସମ୍ପାଦକ ସୁରେଶ ସ୍ୱାଇଁଙ୍କ ସମେତ ଦୀପ୍ତରଞ୍ଜନ ସାମଲ, ବିମଳ ରାଉଳ ଓ ତୁଷାର ସେନାପତି ଏହି ସମ୍ମିଳନୀରେ ଅଂଶଗ୍ରହଣ କରିବେ।

## ଦୁବାଇରେ ଫସିଛନ୍ତି ସିନ୍ଧୁ

## ଅଲ୍ ଇଂଲଣ୍ଡ ଚାମ୍ପିଅନସିପ୍‌ରେ ଖେଳିବା ନେଇ ସନ୍ଦେହ



ଲଣ୍ଡନ, ୨।୩ (ଏଜେନ୍ସି): ବିଶ୍ୱର ଅନ୍ୟତମ ସମ୍ମାନଜନକ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ଅଲ୍ ଇଂଲଣ୍ଡ ଚାମ୍ପିଅନସିପ୍‌ର ୧୧୬ତମ ସଂସ୍କରଣ ମଙ୍ଗଳବାରଠାରୁ ଏଠାରେ ଆରମ୍ଭ ହେବାକୁଯାଉଛି। ତେବେ ଏଥିରେ ଦୁଇଥରର ପଦକ ବିଜୟିନୀ ପିଭି ସିନ୍ଧୁଙ୍କ ଅଂଶଗ୍ରହଣ ନେଇ ଆଶଙ୍କା ପ୍ରକାଶ ପାଇଛି। ମଧ୍ୟପ୍ରାଚ୍ୟରେ ଯୁଦ୍ଧ ସ୍ଥିତି ଗମ୍ଭୀର ଥିବାରୁ ଅଧିକାଂଶ ରାଷ୍ଟ୍ରରେ ବିମାନ ଚଳାଚଳ ଉପରେ ସାମୟିକ ରୋକ୍ ଲାଗିଛି। ଫଳରେ ଏହି ସମ୍ମାନଜନକ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ଲାଗି ବିମାନ ଯୋଗେ ଲଣ୍ଡନ ଯାତ୍ରା କରୁଥିବା ସିନ୍ଧୁ ଦୁବାଇରେ ଦୁଇଦିନ ହେବ ଫଶି ରହିଛନ୍ତି। ପ୍ରତିଶୋଧ ପରାୟଣ ହୋଇ ସାଉଦୀ ଆରବ ଉପରେ ମଧ୍ୟ ଇରାନ ଆକ୍ରମଣ କରିଛି। ତେଣୁ ବିଶ୍ୱର ସବୁଠୁ ବ୍ୟସ୍ତବହୁଳ ଦୁବାଇ ବିମାନ ବନ୍ଦର ଦୁଇଦିନ ହେବ ବନ୍ଦ ରହିଛି। ଫଳରେ ସେଠାରେ ଫଶି ରହିଥିବା ସିନ୍ଧୁ ଏବେ ଏହି ସୁପର୍-୧୦୦୦ ଇଭେଣ୍ଟରେ ଅଂଶଗ୍ରହଣ କରିବା ନେଇ ଆଶଙ୍କା ପ୍ରକାଶ ପାଇଛି। କୋଚ୍ ଇରୱାନସି ଆଦି ପ୍ରତମଙ୍କ ସହ ସିନ୍ଧୁ ଏକ ସୁରକ୍ଷିତ ସ୍ଥାନରେ ଦୁବାଇରେ ରହିଛନ୍ତି। ସିନ୍ଧୁ ତାଙ୍କ ପ୍ରଥମ ମ୍ୟାଚରେ ମଙ୍ଗଳବାର ଥାଇଲାଣ୍ଡର ସୁପାନିଦାଙ୍କ ସହ ଖେଳିବାର କାର୍ଯ୍ୟସୂଚୀ ରହିଛି। ଯଦି ଦୁବାଇ ବିମାନବନ୍ଦର ଚଳାଚଳ ସ୍ୱାଭାବିକ ନ ହୁଏ ତେବେ ସିନ୍ଧୁ ବାଧହୋଇ ପ୍ରତିଯୋଗିତାରୁ ଓହରିଯିବେ ବୋଲି ଜଣାପଡ଼ିଛି।

## ଏଓସିଏ ସଭାପତି ଓ ସମ୍ପାଦକ ପରସ୍ପରକୁ କଲେ ବହିଷ୍କାର

# ଓଡ଼ିଶା ଚେସ୍‌ରେ ନେତୃତ୍ୱର ସଙ୍କଟ

ଭୁବନେଶ୍ୱର,୨।୩(ସମିସ)

ଓଡ଼ିଶାରେ ଚେସ୍ ଖେଳର ଇତିହାସ କିମ୍ବା ସଫଳତାକୁ ଖୋଜିଲେ ସମର୍ଥକଙ୍କୁ ବିଶେଷ ଖୁସି ହେବାକୁ ପଡ଼ିବ ନାହିଁ। କାଁ ଭାଁ ସଫଳତାକୁ ଛାଡିଦେଲେ ଜାତୀୟ କିମ୍ବା ଅନ୍ତର୍ଜାତୀୟସ୍ତରରେ ଓଡ଼ିଶାର ଖେଳାଳିମାନେ ଦମ୍ ଦେଖାଇବାରେ ଅସମର୍ଥ ହୋଇଛନ୍ତି। ଏବେ ସରକାରଙ୍କ ସହଯୋଗରେ ଓଡ଼ିଶାରେ ଚେସ୍ ପ୍ରଶିକ୍ଷଣ ଲାଗି ଏକ କେନ୍ଦ୍ର 'ପ୍ରୋ-ଚେଷ୍ଟା' ଖୋଲାଯାଇଛି। ତୃଣମୂଳ ସ୍ତରରୁ କିପରି ଖେଳାଳିମାନେ ଅନ୍ତର୍ଜାତୀୟସ୍ତରରେ ଲଢ଼େଇ କରିବାର କୌଶଳ ଜାଣିବେ ତାହା ଏହି କେନ୍ଦ୍ରରେ ପ୍ରଶିକ୍ଷଣ ଦିଆଯାଉଛି। ଏହା ଛଡ଼ା ବେସରକାରୀ ସ୍ତରରେ ଏକାଧିକ ପ୍ରଶିକ୍ଷଣ କେନ୍ଦ୍ର, ବ୍ୟକ୍ତିଗତ ଭାବେ ଏକ ଡଜନରୁ ଅଧିକ ନାମୀଦାମୀ ଖେଳାଳି ତଥା କୋଚ୍ ଓଡ଼ିଶା ଚେସ୍‌ର ଉନ୍ନତିରେ ଲାଗିଛନ୍ତି। କିନ୍ତୁ ଏହାକୁ ସଂଗଠିତ କରିବା, ଖେଳାଳିଙ୍କୁ ଅନ୍ତର୍ଜାତୀୟସ୍ତରରେ ପ୍ରତିଷ୍ଠା କରାଇବା, ପ୍ରତିଯୋଗୀତାମୂଳକ ଲଢ଼େଇ ଲାଗି ପ୍ରସ୍ତୁତି କରାଇବାରେ ନିଖିଳ ଓଡ଼ିଶା ଚେସ ସଂଘ ବା ଏଓସିଏ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବା କଥା। କିନ୍ତୁ ଚଳିତ ନିର୍ବାଚନରେ ସଭାପତି ଭାବେ ବିଶିଷ୍ଟ ଚେସ୍ ପ୍ରଶିକ୍ଷକ ତଥା ଏସ୍‌ଆର୍ ଚେସ ସେଣ୍ଟରର ସମ୍ପାଦକ ସତ୍ୟରଞ୍ଜନ ପଟ୍ଟନାୟକ ଓ ପୂର୍ବତନ ସମ୍ପାଦକ ଦେବବ୍ରତ ଭଞ୍ଜ ନିର୍ବାଚିତ ହେବା ପରେ ଓଡ଼ିଶା ଚେସ୍‌ରେ ଏକପ୍ରକାର ନେତୃତ୍ୱର ସଙ୍କଟ ସୃଷ୍ଟି ହୋଇଛି ବୋଲି ଚେସ ବିଶାରଦମାନେ ଅନୁଭବ କରୁଛନ୍ତି। ଉଭୟ କଡ଼ା ପ୍ରତିଦ୍ୱନ୍ଦ୍ୱିତାର ସମ୍ମୁଖୀନ ହୋଇ ନିର୍ବାଚନ ବୈତରଣୀ ପାର ହୋଇଥିଲେ। ସତ୍ୟରଞ୍ଜନଙ୍କ ଗୋଷ୍ଠୀର ସମ୍ପାଦକ ପ୍ରାର୍ଥୀ ଓ ଦେବବ୍ରତଙ୍କ ସଭାପତି ପ୍ରାର୍ଥୀ ହାରିଯିବା ପରେ ଏହି ସଙ୍କଟ ଲାଗି ବାଟ କଢ଼ାଇଛି।



ସତ୍ୟରଞ୍ଜନ ପଟ୍ଟନାୟକ



ଦେବବ୍ରତ ଭଞ୍ଜ

ପୂର୍ବରୁ ଉଭୟ ସତ୍ୟରଞ୍ଜନ ଓ ଦେବବ୍ରତ ଏକତ୍ର ହୋଇ କାମ କରୁଥିଲେ। ଏଭଳି କି ପରିସ୍ଥିତି ସୃଷ୍ଟି ହେଲା ଯେ ଉଭୟ ଉଭୟଙ୍କ ପ୍ରତିଦ୍ୱନ୍ଦ୍ୱୀ ପାଲଟିଗଲେ। ତାହାର ଉତ୍ତର ଦେବାକୁ କାଦୁଅ ଫିଙ୍ଗା ଚାଲିଛି।

ନିର୍ବାଚିତ ହେବା ପରେ ଉଭୟ କିଛି ଦିନ ଚୁପ୍ ରହିଲେ। ଆଶା କରାଯାଉଥିଲା ପୂର୍ବ ଶତ୍ରୁତା ଭୁଲି ସତ୍ୟରଞ୍ଜନ-ଦେବବ୍ରତଙ୍କ ଯୋଡି ଓଡ଼ିଶା ଚେସ୍‌ରେ ନୂଆ ଇତିହାସ ସୃଷ୍ଟି କରିବେ। କିନ୍ତୁ ସେ ଆଶା ଦିବାସ୍ୱପ୍ନରେ ପରିଣତ ହୋଇଗଲା। ଓଡ଼ିଶା ରାଜ୍ୟ ଚେସ ସଂଘକୁ ପଛରେ ପକାଇ ଅଲ ଓଡ଼ିଶା ଚେସ୍ ସଂଘ ବା ଏଓସିଏ ଯେଉଁ ଉଦ୍ଦେଶ୍ୟରେ ଗଠିତ ହୋଇଥିଲା ତାହା ଏହି ଯୋଡି ନିର୍ବାଚିତ ହେବା ପରେ ସାଧିତ ହୋଇ ପାରିଲା ନାହିଁ। ଏପରି ଉଭୟଙ୍କୁ କୌଣସି ଗୋଟିଏ ଟୁର୍ଣ୍ଣାମେଣ୍ଟ ହେଉ କିମ୍ବା ଉତ୍ସବରେ ଏକାଠି ଦେଖିବାକୁ ମିଳିଲା ନାହିଁ। ଏହା ପରେ ଗୋଷ୍ଠୀ ବିବାଦ ସୃଷ୍ଟି ହେଲା ଓ ଉଭୟ ଟୁର୍ଣ୍ଣାମେଣ୍ଟ ଆୟୋଜନ ଉପରେ ଗୁରୁତ୍ୱ ଦେଲେ। ଟୁର୍ଣ୍ଣାମେଣ୍ଟ ଆୟୋଜନ କରିବା ନିଶା ହେଉ କିମ୍ବା ଜିଦ୍ ଯୋଗୁଁ ଏମାନେ ସବୁକିଛି ଭୁଲିଯାଇ ଓଡ଼ିଶାର ଖେଳାଳିଙ୍କୁ ଗୋଟିକ ପରେ ଗୋଟିଏ ଟୁର୍ଣ୍ଣାମେଣ୍ଟ ଭେଟିଦେଇଥିଲେ। ଦିନେ ଓଡ଼ିଶାର ଖେଳାଳିମାନେ ରେଟିଂ ଟୁର୍ଣ୍ଣାମେଣ୍ଟ ଖେଳିବାକୁ ରାଜ୍ୟ ବାହାରକୁ ଯିବାକୁ ପଡୁଥିଲା, ଏବେ ଏହି ଟୁର୍ଣ୍ଣାମେଣ୍ଟ ଖେଳିବାକୁ କେବଳ ଦେଶ ନୁହେଁ ବିଦେଶରୁ ଖେଳାଳି ଆସୁଛନ୍ତି। ଏହା ସତ୍ତ୍ୱେ ଓଡ଼ିଶା ଖେଳାଳିଙ୍କର କିଛି ଉନ୍ନତି ହେଲା ନାହିଁ। ପଦ୍ମିନୀ ରାଉତଙ୍କ ପରେ ଆଉ ଜଣେ ଓଡ଼ିଶା ଖେଳାଳି ଯେ କୌଣସି କାଟାଗୋରୀରେ ବିଶ୍ୱ ଚାମ୍ପିଅନ ହୋଇ ପାରିଲେ ନାହିଁ। କିରଣ ମନୀଷା ମହାନ୍ତି ଓ ପଦ୍ମିନୀଙ୍କ ପରେ ଆଉ କେହି ମହିଳା ଗ୍ରାଣ୍ଡ ମାଷ୍ଟର ହୋଇପାରିଲେ ନାହିଁ। ଦେବାଶିଷ ଦାସ ଓ ସ୍ୱୟମ୍ଭ ମିଶ୍ରଙ୍କ ପରେ ଆଉ କେହି ଗ୍ରାଣ୍ଡମାଷ୍ଟର ଟାଇଟଲ ହାସଲ କରିପାରିଲେ ନାହିଁ। ଏଭଳି ସ୍ଥିତିରେ ଓଡ଼ିଶା ଚେସ୍‌ର ଉନ୍ନତି ହୋଇଛି ନା ଅବନତି ହୋଇଛି ତାହା ସତ୍ୟରଞ୍ଜନ-ଦେବବ୍ରତ କହିବେ କି?

ରାଜ୍ୟର ଚେସ ପ୍ରଶାସନରେ ଏବେ ଯେଉଁ ଧାରା ଏଓସିଏରେ ଚାଲିଛି ତାହା ଓଡ଼ିଶା ଖେଳାଳିଙ୍କ ଭବିଷ୍ୟତକୁ ଅନ୍ଧାର ମଧ୍ୟକୁ ନେଇଯିବ ବୋଲି ଆଶଙ୍କା ସୃଷ୍ଟି ହେଲାଣି। ଉଭୟଙ୍କ ମଧ୍ୟରେ ଅର୍ନ୍ତଦ୍ୱନ୍ଦ୍ୱ ଏତେ ବଢ଼ିଗଲାଯେ ଗୋଟିଏ ଗୋଷ୍ଠୀ ଅନ୍ୟକୁ ଅସୁବିଧାରେ ପକାଇବାକୁ କୁ-ଚେଷ୍ଟା କଲେ। ସମ୍ପାଦକଙ୍କ ଅଭିଯୋଗ ଅନୁଯାୟୀ ସଭାପତିଙ୍କ ଗୋଷ୍ଠୀ ଏଓସିଏର ବ୍ୟାଙ୍କ ଆକାଉଣ୍ଟକୁ ଫ୍ରିଜ୍ କରିଦେଲେ। ଯାହା ଫଳରେ ଦୈନନ୍ଦିନ କାର୍ଯ୍ୟକଳାପରେ ପ୍ରତିବନ୍ଧକ ଲାଗିଲା। ଏହା ମଧ୍ୟରେ ପରସ୍ପର ପକ୍ଷ ଛେଦନ ପ୍ରକ୍ରିୟା ଆରମ୍ଭ ହୋଇଗଲା। ସଭାପତି ସତ୍ୟରଞ୍ଜନଙ୍କ ଗୋଷ୍ଠୀ ଏକ ଜେନେରାଲ ବଡି ମିଟିଂ ଡକାଇ ସମ୍ପାଦକ ଦେବବ୍ରତଙ୍କୁ ଏଓସିଏରୁ ବହିଷ୍କାର କଲେ। ଏହାର କିଛି ଦିନ ପରେ ସମ୍ପାଦକ ଦେବବ୍ରତ ମଧ୍ୟ ଜେନେରାଲ ବଡି ମିଟିଂ ଡକାଇ ସଭାପତି ସତ୍ୟରଞ୍ଜନଙ୍କୁ ବହିଷ୍କାର କଲେ। ଆମେ ଯଦି ନିରପେକ୍ଷ ଭାବେ ଏହି ଘଟଣାକୁ ଅନୁଧ୍ୟାନ କରିବା ଓଡ଼ିଶାରେ ଏବେ ଗୋଟିଏ ଏଓସିଏ ନାହିଁ। ଆଇନଗତ ଭାବେ ଯାହା ହେଉନା କାହିଁକି ଉଭୟ ଗୋଷ୍ଠୀଙ୍କର ରାଜ୍ୟ ଚେସ ଉପରେ ପ୍ରଭାବ ରହିଛି। କିନ୍ତୁ ଗୋଷ୍ଠୀ ସୃଷ୍ଟି ହେଲେ ଜାତୀୟ ପ୍ରତିଯୋଗିତାରେ କେଉଁ ଗୋଷ୍ଠୀର ଖେଳାଳି ଭାଗନେବେ? ଅବଶ୍ୟ ଏଭଳି ପରିସ୍ଥିତି ଏବେ ସୃଷ୍ଟି ହୋଇନାହିଁ। ଭବିଷ୍ୟତରେ ଏହା ଯେ ନ ହେବ ତାହା ମଧ୍ୟ କହିହେବ ନାହିଁ। ଏପରି ବି ହୋଇପାରେ ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ଓଡ଼ିଶା ଅଲିମ୍ପିକ୍ ସଂଘ ଉଭୟ ଗୋଷ୍ଠୀ ଉପରୁ ବା ଏଓସିଏ ଉପରୁ ସ୍ୱୀକୃତି ପ୍ରତ୍ୟାହାର କରିନେଇ ଏହାକୁ ଅଚଳ କରିଦେଇପାରନ୍ତି। ପୂର୍ବରୁ ଓଡ଼ିଶା ଚେସ୍‌ରେ ଏଭଳି ଘଟଣା ଘଟିଛି ଓ ଖେଳାଳିମାନେ କ୍ଷତିଗ୍ରସ୍ତ ହୋଇଛନ୍ତି। ଏହାକୁ ଗୁରୁତ୍ୱ ଦେଇ ସଭାପତି ବା ବିଜୁ ପଟ୍ଟନାୟକ ପୁରସ୍କାର ବିଜେତା ଚେସ୍ ଗୁରୁ ସତ୍ୟରଞ୍ଜନ ପଟ୍ଟନାୟକ କିମ୍ବା ପେସାରେ ଇଞ୍ଜିନିୟର ଦେବବ୍ରତ ଭଞ୍ଜ ଯେତେ ଶୀଘ୍ର ନିଜ ନିଜ ମଧ୍ୟରେ ଥିବା ବିବାଦକୁ ସୁଧାରିନେବେ ସେତେଶୀଘ୍ର ରାଜ୍ୟ ଚେସ୍‌ର ଗାରିମା ତିଷ୍ଠି ରହିବ। ନଚେତ ପୁଣିଥରେ ଓଡ଼ିଶା ଚେସର କୃଷ୍ଣ ଭାବେ ବିବେଚିତ ବିବେକ ତିବରୱାଲଙ୍କୁ ଏହି ଚେସ-ଯୁଦ୍ଧରେ ଅବତୀର୍ଣ୍ଣ ହୋଇ ଏହାର ସମାଧାନ କରିବାକୁ ପଡ଼ିବ। ବିବାଦ ନ ତୁଟିଲେ ଉଭୟ ଗୋଷ୍ଠୀଙ୍କୁ ହଟାଇ ଏକ କାମଚଳା କମିଟି ହାତରେ ଓଡ଼ିଶା ଚେସ ପରିଚାଳନା ଭାର ଯେ ନ୍ୟସ୍ତ ନ ହେବ ତାହା ଜୋର ଦେଇ କହିହେବ ନାହିଁ।

■ କଳାହାଣ୍ଡି କପ୍ କ୍ରିକେଟ

## ବିଶ୍ୱଜିତ୍, ଶୁଭମ୍, ସ୍ୱୟଂଶୁଙ୍କ ବୋଲିଂ ସଫଳତା



ବିଶ୍ୱଜିତ ମଲ୍ଲିକ



ଶୁଭମ ନାୟକ



ସ୍ୱୟଂଶୁ ପଟ୍ଟନାୟକ

ଭୁବନେଶ୍ୱର, ୨।୩ (ସମିସ): ଆନ୍ତଃଜିଲ୍ଲା ସିନିଅର କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ କଳାହାଣ୍ଡି କପ୍‌ର ଗ୍ରୁପ- ଡି, ଇ ଓ ଏଫ୍ ପର୍ଯ୍ୟାୟ ଖେଳ ଜାରି ରହିଛି। ଏହିକ୍ରମରେ ସୋମବାର କଟକ ଓ ଭୁବନେଶ୍ୱରର ଅନୁଷ୍ଠିତ ମ୍ୟାଚରେ ଭୁବନେଶ୍ୱର-ବି'ର ବିଶ୍ୱଜିତ ମଲ୍ଲିକ, କେନ୍ଦୁଝରର ସ୍ୱୟଂଶୁ ପଟ୍ଟନାୟକ ଓ କଟକ-ଏ'ର ଶୁଭମ ନାୟକ ୫ ୱିକେଟ୍ ସଫଳତା ପାଇଛନ୍ତି। ଫଳରେ ଡ୍ରିମ୍ସ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ କଟକ-ଏ ୧୦ ୱିକେଟରେ ରାୟଗଡ଼ାକୁ, ଜଟଣୀ ରେଲୱେ ଗ୍ରାଉଣ୍ଡରେ କେନ୍ଦୁଝର ୧୦୯ ରନରେ କନ୍ଧମାଳକୁ ଏବଂ ସେଞ୍ଚୁରିୟନ ବିଶ୍ୱବିଦ୍ୟାଳୟ ଗ୍ରାଉଣ୍ଡରେ ଭୁବନେଶ୍ୱର-ବି ୭ ୱିକେଟରେ ମୟୁରଭଞ୍ଜକୁ ପରାସ୍ତ କରିଛି।

ଦିବସରେ ଅନୁଷ୍ଠିତ ଅନ୍ୟ ମ୍ୟାଚ୍‌ଗୁଡ଼ିକରେ ଭଦ୍ରକ ୬ ୱିକେଟରେ ପୁରୀକୁ, ଅନୁଗୋଳ ୧୦୪ ରନରେ ବରଗଡ଼କୁ, ବାଲେଶ୍ୱର ୬ ୱିକେଟରେ ନୂଆପଡ଼ାକୁ, କଳାହାଣ୍ଡି ୩୧ ରନରେ ରାଉରକେଲାକୁ, କିଟ୍ ୭୯ ରନରେ ପାରାଦୀପକୁ, ଝାରସୁଗୁଡ଼ା ୯ ୱିକେଟରେ ଗଜପତିକୁ ପରାସ୍ତ କରିଛି। ଝାରସୁଗୁଡ଼ାର ତପନ ଗୁପ୍ତା (୩ ୱିକେଟ), କିଟ୍‌ର ପାର୍ଥସାରଥୀ ନାୟକ (୪୬ ରନ ଓ ୨ୱିକେଟ), କଳାହାଣ୍ଡିର ଶୁଭମ ଦାସ (୪ୱିକେଟ), ବାଲେଶ୍ୱରର ମାନସ ପାତ୍ର (୪ ୱିକେଟ), ଅନୁଗୋଳର ଆକାଶ ପ୍ରଧାନ (୨ ୱିକେଟ) ଓ ଭଦ୍ରକର କ୍ଷମାସାଗର ବଳ (୩ୱିକେଟ) ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS